


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-19 ◆SUNDAY ◆13 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯ ◆ରବିବାର ◆୧୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ନାରୀ ନିର୍ଯାତନାର ନଗ୍ନ ରୂପ | ଫକୀରମୋହନ କଲେଜ ଅଧ୍ୟାପକଙ୍କ କେଲେଙ୍କାରୀ

### କେହି ଶୁଣିଲେନି ଗୁହାରି


# ନିଜକୁ ଜାଳିଦେଲେ ଛାତ୍ରୀ

ରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା। ଘରେ-ବାହାରେ, ମନ୍ଦିର, ସ୍କୁଲ, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀ; କେଉଁଠି ବି ନାରୀ ସୁରକ୍ଷିତ ନୁହନ୍ତି। ଉତ୍ତର-ଦକ୍ଷିଣ, ପୂର୍ବ-ପଶ୍ଚିମ, ଏପରିକି କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଥିବା ରାଜଧାନୀ ଭୁବନେଶ୍ୱର ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ବିଗତ କିଛି ମାସର ଘଟଣାବଳୀ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହେଉଛି। ଦୁର୍ବ୍ୟବହାରଠାରୁ ଆରମ୍ଭ କରି ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ନାରୀ ବିରୋଧୀ ଅପରାଧ ରାଜ୍ୟରେ ବଢ଼ିବାରେ ଲାଗିଛି। କିଛି ଦିନ ତଳେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଅବସ୍ଥା ଏପରି ଯେ ଆମେରିକା ମଧ୍ୟ ତା' ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ବୁଲି ନ ଯିବାକୁ କିଛି ଦିନ ତଳେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। ଏହିକ୍ରମରେ ଆଜି ବାଲେଶ୍ୱରରେ ନାରୀ ନିର୍ଯାତନାର ଆଉ ଏକ ନଗ୍ନ ରୂପ ଦେଖିବାକୁ ମିଳିଛି। ରାଜ୍ୟର ଅନ୍ୟତମ ନାମକରା ଶିକ୍ଷାନୁଷ୍ଠାନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନିର୍ଯାତନାରେ ଅତିଷ୍ଠ ଜଣେ ଛାତ୍ରୀ କଲେଜ କର୍ତ୍ତୃପକ୍ଷ, ପୁଲିସ, ସାଂସଦଙ୍କୁ ଗୁହାରି କରି କରି ନିରାଶ ହେବା ପରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି।

## ସଙ୍କଟାପନ୍ନ ଅବସ୍ଥାରେ ଏମ୍ସରେ ଭର୍ତ୍ତି

- ଅଧ୍ୟାପକଙ୍କ ବିରୋଧରେ ଆଣିଥିଲେ ଦୁର୍ବ୍ୟବହାର ଅଭିଯୋଗ
- ଘଟଣା ବିଷୟରେ ଅବଗତ ଥିଲେ ସାଂସଦ, ଅଧ୍ୟକ୍ଷ, ଏସ୍‌ପି
- ନିରାଶ କଲା ଆଭ୍ୟନ୍ତରୀଣ କମିଟିର ତଦନ୍ତ ରିପୋର୍ଟ
- କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚରମ ପଦକ୍ଷେପ ନେଲେ ଛାତ୍ରୀ
- ରାଜ୍ୟରେ ଛାତ୍ରୀ, ମହିଳା, ନାବାଳିକା ଅସୁରକ୍ଷିତ: ବିଜେଡି

■ **ବାଲେଶ୍ୱର, ୧୨।୭ (ସମିସ):** 'ମୋତେ ଟିକେ ଫେଭର୍ କର, ମୁଁ ତୁମର ସବୁ କଥା ବୁଝିଦେବି'। ଏଥିରେ ଅରାଜି ହେବାରୁ ମିଳିଲା ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର। ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଏପରି ଆଚରଣ ବିରୋଧରେ କଲେଜ ଅଧ୍ୟକ୍ଷ, ଜିଲ୍ଲା ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସାଂସଦଙ୍କୁ ଜଣାଇ ନ୍ୟାୟ ମାଗିଲେ। କିନ୍ତୁ କେହି ଶୁଣିଲେନି। କଲେଜ ଆଭ୍ୟନ୍ତରୀଣ କମିଟି ବି ତା'ର ରିପୋର୍ଟରେ ଅଧ୍ୟାପକଙ୍କୁ କ୍ଲିନ୍‌ଚିଟ୍ ଦେଲା। ଏହାପରେ ଅଧ୍ୟକ୍ଷ ଅଭିଯୋଗର ବଳିଷ୍ଠ ପ୍ରମାଣ ମାଗିଲେ। ଶେଷରେ ନିରାଶ ହୋଇ ଜଣେ ଛାତ୍ରୀ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଆଗରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ।


ପୀଡ଼ିତାଙ୍କ ପତ୍ର


ଗିରଫ ଅଧ୍ୟାପକ


ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା (ଇଣ୍ଟିଗ୍ରେଟେଡ୍ ବିଏଡ୍) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ତଥା ଏବିଭିପି ନେତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଆଜି ଏପରି ଚରମ ପଦକ୍ଷେପ ନେଇଛନ୍ତି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ▶ପୃଷ୍ଠା-୭

## ଅଧ୍ୟକ୍ଷ ନିଲମ୍ବିତ, ଏଚ୍‌ଓଡି ଗିରଫ

■ **ବାଲେଶ୍ୱର, ୧୨।୭ (ସମିସ):** ଏହି ସମ୍ବେଦନଶୀଳ ଘଟଣାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କାର୍ଯ୍ୟରେ ଅବହେଳା ତଥା ଏହି ଘଟଣାକୁ ସଠିକ୍ ଭାବେ ପରିଚାଳନା କରି ନଥିବା ହେତୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଅଭିଯୁକ୍ତ ଅଧ୍ୟାପକ ତଥା ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତାଙ୍କୁ ଇତିମଧ୍ୟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଅହମଦାବାଦ ଦୁର୍ଘଟଣାର ତଦନ୍ତ ରିପୋର୍ଟ

## ଉଡ଼ିବା ମାତ୍ରେ ବନ୍ଦ ହୋଇଗଲା ଇନ୍ଧନ ସୁଇଚ୍



**ସୁଇଚ୍ ବନ୍ଦ କଲା କିଏ?**
**ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି**

■ **ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଗତମାସ ୧୨ ତାରିଖରେ ଅହମଦାବାଦରେ ହୋଇଥିବା ଭୟଙ୍କର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଆସିଛି। ବିମାନ ଟେକ୍-ଅଫ୍ କରିବାର ଗୋଟିଏ ସେକେଣ୍ଡ ଭିତରେ ବିମାନର ଦୁଇଟି ଯାକ ଇନ୍ଧନ ସୁଇଚ୍ ବନ୍ଦ ହୋଇଯିବାରୁ ଉଭୟ ଇଞ୍ଜିନ୍ ସଟ୍-ଡାଉନ୍ ହୋଇଯାଇଥିଲା। ଯାହାଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଲା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ପ୍ରଶ୍ନ ଉଠୁଛି ଇଞ୍ଜିନକୁ ଇନ୍ଧନ ବା ତେଲ ଯୋଗାଉଥିବା ଦୁଇଟି ସ୍ୱିଚ୍‌କୁ ବନ୍ଦ କଲା କିଏ? ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି? ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇନଥିବା ବେଳେ ବିମାନଯାତ୍ରୀଙ୍କ ସୁରକ୍ଷାକୁ ନେଇ ବଡ଼ ଧରଣର ପ୍ରଶ୍ନଚିହ୍ନ ଲାଗିଯାଇଛି। ▶ପୃଷ୍ଠା-୭

## ବିଷାକ୍ତ ମଦ ପିଇ ୨ ମୃତ

**୬ ମାସରେ ଗଲାଣି ୬ ଜୀବନ**

■ **ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୧୨।୭** (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ଗତ ଦୁଇଦିନରେ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଢେଙ୍କାନାଳ ସହରଠାରୁ ପ୍ରାୟ ୩୫କିମି ଦୂରରେ ଥିବା ପାହାଡ଼ ପର୍ବତଘେରା ବମ୍ପା ଗ୍ରାମରେ ବର୍ଷତମାମ ହାତୀଭୟ ଲାଗି ରହିଥିବା ବେଳେ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀର ▶ପୃଷ୍ଠା-୭

# ଫେରିଲେ ନବୀନ, ଜନତା ଖୁସି

■ **ଭୁବନେଶ୍ୱର, ୧୨।୭ (ସମିସ):** ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଚିକିତ୍ସା ପରେ ସୁସ୍ଥ ହୋଇ ଶନିବାର ମୁମ୍ବାଇରୁ ଭୁବନେଶ୍ୱର ଫେରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ପ୍ରିୟ ନେତା ଫେରୁଥିବା ଖବର ପାଇ ରାଜଧାନୀ ଭୁବନେଶ୍ୱରକୁ ଆପଣଛାଏଁ ଛୁଟିଆସିଥିଲେ ଅସଂଖ୍ୟ

**ଦୁଇଗୁଣା ଉତ୍ସାହର ସହ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ ହେବ: ବିଜେଡି**

ନବୀନ ପ୍ରେମୀ। ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରୁ ନବୀନ ନିବାସ ପର୍ଯ୍ୟନ୍ତ ସାଧାରଣ ଜନତା ଓ ପ୍ରଶଂସକଙ୍କ ଭିଡ଼ ଲାଗିଥିଲା। ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନିଜ ପ୍ରିୟ ନେତାଙ୍କ ଆଶୁଆରୋଗ୍ୟ ପ୍ରାର୍ଥନା କରିଥିବା

**ବିମାନବନ୍ଦରରୁ ନବୀନ ନିବାସ ଜନସମୁଦ୍ର**



ଶୁଭେଚ୍ଛୁଙ୍କ ଭିଡ଼ର ଦୃଶ୍ୟ ବଖାଣୁଥିଲା ନବୀନଙ୍କ ଲୋକପ୍ରିୟତା। ଏପରି ଉଚ୍ଛ୍ୱସିତ ସ୍ୱାଗତ କରାଯିବା ବୋଧହୁଏ ଓଡ଼ିଶା ଇତିହାସରେ ପ୍ରଥମ। କ୍ଷମତାରେ ଥାଆନ୍ତୁ ଅଥବା ନ ଥାଆନ୍ତୁ; ନବୀନ ସବୁବେଳେ ଜନତାଙ୍କ ପ୍ରଥମ ପସନ୍ଦ ବୋଲି ସାଧାରଣ ଲୋକେ ଆଉଥରେ ପ୍ରମାଣିତ କରିଛନ୍ତି। ▶ପୃଷ୍ଠା-୭

## ଆଜିଠୁ ଅତି ପ୍ରବଳ ବର୍ଷା

**୨୩ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କତା**

■ **ଭୁବନେଶ୍ୱର, ୧୨।୭ (ସମିସ):** ରାଜ୍ୟରେ ଆସନ୍ତାକାଲିଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିନେଇ ଅଧିକାଂଶ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଥିବା ଟ୍ରଫ୍‌ଲାଇନ୍ ଏବେ ଉତ୍ତର ହରିୟାଣାରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଦକ୍ଷିଣ ଉତ୍ତରପ୍ରଦେଶ ଦେଇ ଗତି କରୁଛି। ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ପଡ଼ୋଶୀ ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ପରିସର ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉପରେ ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି,ଅନୁଗୋଳ,ଦେବଗଡ଼,ବୌଦ୍ଧ, ▶ପୃଷ୍ଠା-୭

# ଗଡ଼ିଲା ବସ୍; ଡ୍ରାଇଭର ମହାସଂଘରେ ଫାଟ



- ସଂଘକୁ ଏଭଳି ସମୟ ଆଉ ମିଳିବନି: ସଭାପତି
- ଗାଡ଼ି ଚଳାଇଲେ ସଂଘରୁ ବହିଷ୍କାର ଚେତାବନୀ
- ମହାସଂଘ କୋଷାଧ୍ୟକ୍ଷଙ୍କୁ ଉଠାଇନେଲା ପୁଲିସ
- ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କ ଅନୁରୋଧ
- ସଂଘକୁ ସମର୍ଥନ ଦୋହରାଇଲେ ପିସିସି ସଭାପତି

■ **ଭୁବନେଶ୍ୱର, ୧୨।୭ (ସମିସ):** ୭ ଦଫା ଦାବି ପୂରଣ ଜିଦରେ ଅଟଳ ଥିବା ଡ୍ରାଇଭର ସଂଘର ଆନ୍ଦୋଳନ ନୂଆ ମୋଡ଼ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଚଳାଚଳ ଆରମ୍ଭ କରିଥିବା ବେଳେ ସଂଘ ମଧ୍ୟରେ ଥିବା ଫାଟ ପଦାକୁ ଆସିଛି। ଗତ ୫ ଦିନ ଧରି ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କାରଣରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଶୁକ୍ରବାର ବସି ମାଲିକ ସଂଘ ପକ୍ଷରୁ ଆନ୍ଦୋଳନରୁ ସମର୍ଥନ ପ୍ରତ୍ୟାହାର ପରେ ଆନ୍ଦୋଳନ ସାମାନ୍ୟ ଦୁର୍ବଳ ହୋଇ ପଡ଼ିଥିବା କୁହାଯାଉଛି। ତେବେ ଏତେସବୁ ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଛନ୍ତି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। କାନ୍ଦ କାନ୍ଦ ସ୍ୱରରେ ସେ ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରିବା ସହ ଆନ୍ଦୋଳନ ଜାରି ରଖିବାକୁ ନିବେଦନ କରିଛନ୍ତି। ଏପରିକି ଯେଉଁ ଡ୍ରାଇଭର ନିଷ୍ପତ୍ତିକୁ ଅମାନ୍ୟ କରି ଗାଡ଼ି ଚଳାଇବେ, ଦରକାର ପଡ଼ିଲେ ସେମାନଙ୍କୁ ସଂଘରୁ ବାହାର କରିବାକୁ ସେ ଚେତାବନୀ ମଧ୍ୟ ▶ପୃଷ୍ଠା-୭




## ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୨ ମୃତ

ନୂଆଦିଲ୍ଲୀ, ୧୨।୭(ଏଜେନ୍ସି): ଦିଲ୍ଲୀର ୱେଲକମ୍ ଅଞ୍ଚଳରେ ଶନିବାର ଏକ ୪ ମହଲା କୋଠା ଭୁସୁଡି ପଡ଼ିଛି। ଏହି ଘଟଣାରେ ଦୁଇ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଏକ ଛୋଟପିଲା ସାମିଲ ରହିଛି। ଏହି ବିଲ୍ଡିଂରେ ୧୦ଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ରହୁଥିଲା। ଏହି କୋଠା ଭୁସୁଡିବା ଫଳରେ ଅବଶେଷ ସାମ୍ନା ଘରେ ପଡ଼ିବା ଫଳରେ ଜଣେ ଲୋକ ଆହତ ହୋଇଛନ୍ତି। ଶନିବାର ସକାଳ ୭ଟାରେ ସଲିମପୁରର ଇଦ୍‌ଗାହ ରୋଡ୍ ନିକଟରେ ଜନତା କଲୋନୀର ୫ ନଂ ଗଳିରେ କୋଠା ଭୁସୁଡିଥିବାର ସୂଚନା ମିଳିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ ଡିସିପି ସନ୍ଦୀପ ଲାମ୍ବା କହିଛନ୍ତି। ପୁଲିସ୍, ଏନ୍‌ଡିଆରଏଫ୍, ସିବିଲ ଡିଫେନ୍ସ ଓ ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ୩ ମାସ ପୂର୍ବରୁ ମୁସ୍ତାଫାବାଦ୍ ଅଞ୍ଚଳରେ ଏପ୍ରିଲ ୧୮ ରେ ବିଳମ୍ବିତ ରାତିରେ ଏକ ୪ ମହଲା କୋଠା ଭୁସୁଡିଥିଲା ଓ ଏଥିରେ ୧୧ ଜଣ ଲୋକଙ୍କ ପ୍ରାଣହାନୀ ହୋଇଥିଲା।

## ୫ ଲକ୍ଷ ଆଫଗାନଙ୍କୁ ବାହାର କଲା ଇରାନ

ତେହେରାନ୍, ୧୨।୭(ଏଜେନ୍ସି): ମାତ୍ର ୧୬ ଦିନ ମଧ୍ୟରେ ଇରାନରୁ ୫ ଲକ୍ଷରୁ ଅଧିକ ଆଫଗାନଙ୍କୁ ବାହାର କରାଯାଇଛି। ଜୁନ୍ ୨୪ରୁ ଜୁଲାଇ ୯ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଥିଲା। ଫଳରେ ପ୍ରତ୍ୟେକ ଦିନ ହାରାହାରି ୩୦, ୦୦୦ ଆଫଗାନଙ୍କୁ ଦେଶରୁ ବାହାର କରାଯାଇଛି। ଅବୈଧ ଭାବେ ରହୁଥିବା ଆଫଗାନ ଜୁଲାଇ ୬ଚ ତାରିଖ ସୁଦ୍ଧା ଦେଶ ଛାଡିବାକୁ ୨୦୨୫ ମାର୍ଚ୍ଚରେ ଇରାନ ଘୋଷଣା କରିଥିଲା। ନହେଲେ ସେମାନଙ୍କୁ ଜବରଦସ୍ତି ବାହର କରାଯିବ ବୋଲି ଇରାନ ତରଫରୁ ଚେତାବନୀ ଦିଆଯାଇଥିଲା। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରେ ଏହି ଅଭିଯାନ ଆହୁରି ଜୋରଦାର କରାଯାଇଛି। ଅନ୍ୟପଟେ ପାକିସ୍ତାନରୁ ମଧ୍ୟ ଆଫଗାନ ନାଗରିକଙ୍କୁ ବାହର କରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଇଛି।

## ଇସ୍ତଫା ଦେବେ ଏଫ୍‌ବିଆଇ ନିର୍ଦ୍ଦେଶକ

ୱାସିଂଟନ, ୧୨।୭(ଏଜେନ୍ସି): ଆମେରିକାର ଗୋଇନ୍ଦା ଏଜେନ୍ସି ଏଫ୍‌ବିଆଇର ମୁଖ୍ୟ କାସ ପଟେଲ ଓ ତାଙ୍କ ଡେପୁଟି ତଥା ଉପ- ନିର୍ଦ୍ଦେଶକ ଡାନ ବୋଙ୍ଗିନୋ ପଦରୁ ଇସ୍ତାଫା ଦେଇପାରନ୍ତି। ଏନେଇ ଦୁହେଁ ବିଚାର କରିବା ଆରମ୍ଭ କରିଛନ୍ତି। ଜେଫେରୀ ଏପ୍‌ଷ୍ଟିନ୍ ମାମଲାରେ ଜଡିତ ଫାଇଲ୍‌ର ଖୁଲାସା ଏବଂ ହ୍ୱାଇଟ ହାଉସ୍, ଏଫ୍‌ବିଆଇ ଓ ଆମେରିକାର ନ୍ୟାୟ ବିଭାଗ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଏହି ଦୁଇଜଣ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ବୋଙ୍ଗିନୋ ଏବଂ ଆଟର୍ଣ୍ଣି ଜେନେରାଲ ପାମ୍ ବୋଣ୍ଡି ମଧ୍ୟରେ ଜୋରଦାର ଯୁକ୍ତିତର୍କ ହେବାପରେ ସ୍ଥିତି ଓ ବିବାଦ ଆହୁରି ଜଟିଳ ହୋଇଛି। ବୁଧବାର ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ବୋଙ୍ଗିନୋ, ବୋଣ୍ଡି ଓ ଟ୍ରମ୍ପ ପ୍ରଶାସନର ଚିଫ୍ ଅଫ୍ ଷ୍ଟାଫ୍ ସୁଜି ବାଇଲ୍ସ ଏକ ବୈଠକରେ ମିଳିତ ହୋଇଥିଲେ। ଏହି ବୈଠକାରେ ମତପାର୍ଥକ୍ୟ ଓ ବିବାଦ ଖୋଲା ଖୋଲି ଭାବେ ସାମ୍ନାକୁ ଆସିଥିଲା। ଏଫ୍‌ବିଆଇ ତରଫରୁ ଏହି ମାମଲାରେ ଏକ ରିପୋର୍ଟ ଲିକ୍ କରାଯାଇଥିଲା ବୋଲି ପ୍ରଶ୍ନ କରାଯାଇଥିଲା। ଉଲ୍ଲେଖଥାଉ କି, ଏଲନ ମସ୍କ ଏପ୍‌ଷ୍ଟିନ୍ ମାମଲାରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଟାଣି ବିବାଦ ସୃଷ୍ଟି କରିଥିଲେ ଓ ଏହାପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା।

## ୭୧ ବର୍ଷରେ ଚାଟାର୍ଡ ଆକାଉଣ୍ଟାଣ୍ଟ

ଜୟପୁର, ୧୨।୭(ଏଜେନ୍ସି): ରାଜସ୍ଥାନ ଜୟପୁରର ତାରାଚାନ୍ଦ ଅଗ୍ରୱାଲ ନାମକ ଜଣେ ୭୧ ବର୍ଷୀୟ ବ୍ୟକ୍ତି ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାରାଚାନ୍ଦ ୨୦୧୪ରେ ଷ୍ଟେଟ୍ ବ୍ୟାଙ୍କ ବିକାନେର ଆଣ୍ଡ ଜୟପୁର (ଏବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦରୁ ଅବସର ନେଇଥିଲେ। ୨୦୨୦ ନଭେମ୍ବରରେ କୋଭିଡ୍‌ରେ ପତ୍ନୀ ଦର୍ଶନାଙ୍କ ପରଲୋକ ପରେ ନିଃସଙ୍ଗତାକୁ ଦୂର କରିବାକୁ ଯାଇ ସେ ପଢ଼ାପଢ଼ି ଆରମ୍ଭ କରିଥିଲେ। ସେ ପିଏଚ୍‌ଡି କରିବାକୁ ଚିନ୍ତା କରିଥିଲେ। କିନ୍ତୁ ପିଲାମାନେ ତାଙ୍କୁ ସିଏ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୧ରେ ସେ ସିଏ କ୍ଲିୟର କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଶେଷରେ ସେ ୨୦୨୫ରେ ଏଥିରେ ସଫଳତା ହାସଲ କରିଛନ୍ତି। ସେ ଏଥିପାଇଁ କୌଣସି କୋଚିଂ ନେଇନଥିଲେ। ୟୁଟ୍ୟୁବରେ କିଛି ଭିଡିଓ ଦେଖି ଓ ବହି ପଢ଼ି ସେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି।

## ବାଂଲାଦେଶ ଅର୍ଥଶାସ୍ତ୍ରୀ ଅବୁଲ ବରକତ ଗିରଫ

ଢ଼ାକା, ୧୨।୭(ଏଜେନ୍ସି): ବାଂଲାଦେଶରେ ଜଣାଶୁଣା ହିନ୍ଦୁ ସମର୍ଥକ ତଥା ଅର୍ଥଶାସ୍ତ୍ରୀ ଅବୁଲ ବରକତଙ୍କୁ ଦୁର୍ନୀତି ସହିତ ଜଡିତ ଏକ ମାମଲାରେ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର ଜେଲ୍‌କୁ ପଠାଇଦିଆଯାଇଛି। ଘରେ ଚଢ଼ାଉ କରି ୨୦ ପୁଲିସ କର୍ମୀ ତାଙ୍କୁ ଗିରଫ କରିଥିଲେ। ସେ ଗତ ୪ ଦଶନ୍ଧି ହେବ ଢ଼ାକା ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ସେ ମୁସଲମାନ ଚରମପନ୍ଥୀଙ୍କୁ ସବୁବେଳେ ଖୋଲାଖୋଲି ଭାବେ ବିରୋଧ କରିଆସିଛନ୍ତି। ୨୦୧୬ରେ ସେ ଦେଶ ହିନ୍ଦୁ ଶୂନ୍ୟ ହେବ ବୋଲି ଚେତାବନୀ ଦେଇଥିଲେ। ଯଦି ଏହି ଭଳି ହିନ୍ଦୁଙ୍କ ଉପରେ ଅତ୍ୟାଚାର କରାଯାଏ, ତେବେ ଦେଶର ହିନ୍ଦୁ ଜନସଂଖ୍ୟା ଶେଷ ହେବ ବୋଲି ସେ ଭବିଷ୍ୟବାଣୀ କରିଥିଲେ। ଆଗାମୀ ୩୦ ବର୍ଷରେ ହିନ୍ଦୁ ବାଂଲାଦେଶରେ ଆଉ ଦେଖିବାକୁ ମିଳିବେ ନାହିଁ ବୋଲି ସେ କହିଥିଲେ ଓ ସେତେବେଳେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।

## ଅହମଦାବାଦ ବିମାନ ଦୁର୍ଘଟଣା

# ରିପୋର୍ଟକୁ ନେଇ ପାଇଲଟ ସଂଘ କ୍ଷୁବ୍ଧ

**ଯାଞ୍ଚର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲା**


**ନିରପେକ୍ଷ ଓ ପ୍ରମାଣ ଆଧାରିତ ଯାଞ୍ଚ ଦାବି**

**ସାର୍ବଜନୀନ ହେବା ପୂର୍ବରୁ କେମିତି ଲିକ୍ ହେଲା ରିପୋର୍ଟ**

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିଶ୍ୱକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣା (ଜୁନ୍ ୧୨) ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ଶନିବାର ସାର୍ବଜନୀନ କରାଯାଇଛି। ୧୫ ପୃଷ୍ଠାର ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ୍ ବନ୍ଦ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ରିପୋର୍ଟରେ ପାଇଲଟଙ୍କ ତ୍ରୁଟିକୁ ଇଙ୍ଗିତ କରାଯାଇଛି। ତେବେ କକ୍‌ପିଟ୍‌ର ରେକର୍ଡିଂରୁ ଶେଷ ମୁହୂର୍ତ୍ତରେ ପାଇଲଟ୍‌ଙ୍କ ବାର୍ତ୍ତାଳାପର ତଥ୍ୟ ମଧ୍ୟ ଦିଆଯାଇଛି। ଏଥିରେ ଜଣେ ପାଇଲଟ ଅନ୍ୟ ଜଣକୁ ତୁମେ ଇନ୍ଧନ ସ୍ୱିଚ୍ ବନ୍ଦ କରିଥିଲ କି ବୋଲି ପଚାରୁଛନ୍ତି। ମାତ୍ର ଏହାର ଉତ୍ତରରେ ସେ ନାହିଁ ବୋଲି କହୁଛନ୍ତି। କିନ୍ତୁ ଏହି ଯାଞ୍ଚ ରିପୋର୍ଟ ଉପରେ ପ୍ରଶ୍ନ ଉଠାଯାଉଛି। ଅନେକ ପ୍ରଶ୍ନର ଉତ୍ତର ଏହି ରିପୋର୍ଟରେ ନାହିଁ ବୋଲି କୁହାଯାଉଛି। ଖାଲି ପାଇଲଟଙ୍କ ଉପରେ ଦୋଷ ଲଦି ତଦନ୍ତ ସାରି ଦେବାକୁ ପ୍ରୟାସ କରାଯାଉଛି। ତେଣୁ ନିରପେକ୍ଷ ଯାଞ୍ଚ ଦାବି କରାଯାଉଛି। ଏହି ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଉପରେ ଏୟାରଲାଇନ ପାଇଲଟ୍ ସଂଘ (ଏଏଲପିଏ) ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ର ତଦନ୍ତ ରିପୋର୍ଟ ଉପରେ ଚିନ୍ତା ପ୍ରକଟ କରାଯାଇଛି। ରିପୋର୍ଟ ପାଇଲଟ୍ ସଂଘ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ବିମାନ ଦୁର୍ଘଟଣା ପାଇଁ ପାଇଲଟ ଦାୟୀ ବୋଲି ଯାଞ୍ଚରୁ ଲାଗୁଛି। ତଦନ୍ତର ଦିଗ ଏବଂ ରିପୋର୍ଟରେ ଅନୁଚିତ ଭାବେ ଏହି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ସଂଘ ପକ୍ଷରୁ ଖାରଜ କରାଯାଉଛି। ସ୍ୱଚ୍ଛ, ନିରପେକ୍ଷ ଏବଂ ତଥ୍ୟ ଆଧାରିତ ଯାଞ୍ଚ ପାଇଁ ସଂଘ ଦାବି କରୁଛି ବୋଲି ଅଧ୍ୟକ୍ଷ ସାମ୍ ଥୋମାସ କହିଛନ୍ତି। ସେହିପରି ପାଇଲଟ୍ ସଂଘ ଏହି ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଥିବା କହିଛି। ଗୋପନୀୟତାର ସହ ତଦନ୍ତ ଚାଲୁଛି। ତେଣୁ ଏହା ଉପରୁ ବିଶ୍ୱସନୀୟତା ଏବଂ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି। ଏହି ତଦନ୍ତ ଟିମ୍‌ରେ ଯୋଗ୍ୟ, ଅଭିଜ୍ଞ ବିଶେଷ କରି ପାଇଲଟ୍ ବୃତ୍ତିର ବିଶେଷଜ୍ଞଙ୍କ ଅଭାବ ରହିଛି। ଗୁରୁବାର 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପକ୍ଷରୁ ପ୍ରକାଶିତ ସ୍ତମ୍ଭକୁ ନେଇ ମଧ୍ୟ ଏଲପିଏ ଯାଞ୍ଚ ରିପୋର୍ଟକୁ ଘେରିଛି। ଏହି ରିପୋର୍ଟରେ ଇନ୍ଧନ ସ୍ୱିଚ୍ ବନ୍ଦ ଥିବା କୁହାଯାଇଥିଲା। ଏହାକୁ ନେଇ ପାଇଲଟ୍ ସଂଘ ପ୍ରଶ୍ନ ଉଠାଇଛି। ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ରିପୋର୍ଟ କେମିତି ଲିକ୍ ହୋଇଗଲା ବୋଲି ପଚାରିଛି। ବିଧିବଦ୍ଧ ଭାବେ ସରକାରୀ ପୁଷ୍ଟିକରଣ ବିନା କେମିତି ଏହି ରିପୋର୍ଟକୁ ଏଏଆଇବି ଜାରି କରିଦେଲା? ଏହି ରିପୋର୍ଟରେ କୌଣସି ଦାୟିତ୍ୱବାନ ଅଧିକାରୀଙ୍କ ସ୍ୱାକ୍ଷର କିମ୍ବା ନାମ ନାହିଁ। ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପୁଣିଥରେ ସଂଘ ଅନୁରୋଧ କରିଛି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ କୁହାଯାଇଛି।






## ଦୁର୍ଘଟଣାର ମୂଳ କାରଣ ଇନ୍ଧନ ସ୍ୱିଚ୍

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ଆକାରରେ କ୍ଷୁଦ୍ର ହୋଇଥାଏ। ମାତ୍ର ଏହା ବହୁତ ଶକ୍ତିଶାଳୀ। ଏହା ବିମାନର ଇଞ୍ଜିନକୁ ଇନ୍ଧନ ନିୟନ୍ତ୍ରଣ କରିଥାଏ। ବିମାନ କକ୍‌ପିଟ୍‌ର ଥ୍ରଷ୍ଟ ଲିଭର ନିକଟରେ ଏହି ସ୍ୱିଚ୍ ଥାଏ। ଏହା ଇଞ୍ଜିନରେ ଇନ୍ଧନ ଯୋଗାଣକୁ ନିୟନ୍ତ୍ରଣ କରିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ କରିବା (ରନ୍ ପୋଜିସନ) କିମ୍ବା ବନ୍ଦ କରିବା (କଟ୍ ଅଫ୍ ପୋଜିସନ) ଏହାର ପ୍ରମୁଖ କାମ। ପ୍ରତ୍ୟେକ ଇଞ୍ଜିନ ପାଇଁ ଅଲଗା ଅଲଗା ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ରହିଥାଏ। ଉଦାହରଣ ସ୍ୱରୂପ ବୋଇଂ ୭୮୭ରେ ଦୁଇଟି ଇଞ୍ଜିନ ରହିଛି। ଏଥିପାଇଁ ଦୁଇଟି ସ୍ୱିଚ୍ ଥାଏ। ଗୋଟିଏ ବାମ ଇଞ୍ଜିନ ପାଇଁ ହୋଇଥିବାବେଳେ ଅନ୍ୟଟି ଡାହାଣ ଇଞ୍ଜିନ ପାଇଁ ଉଦ୍ଦିଷ୍ଟ। ସ୍ୱିଚ୍ 'ରନ୍'ରେ ଥିଲେ ଫୁଏଲ ଭାଲ୍‌ଭ ଖୋଲିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲୁ ହୋଇଥାଏ ଏବଂ ବିମାନକୁ ଥ୍ରଷ୍ଟ (ଶକ୍ତି) ମିଳିଥାଏ। ସେହିପରି ସ୍ୱିଚ୍ 'କଟ୍‌ଅଫ୍'ରେ ରହିଲେ ଫୁଏଲ ଭାଲ୍‌ଭ ବନ୍ଦ ହୋଇଯାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ହୋଇ ନ ଥାଏ। ଫଳରେ ଇଞ୍ଜିନ ତୁରନ୍ତ ବନ୍ଦ ହୋଇଯାଏ। ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ସ୍ପ୍ରିଙ୍ଗ-ଲୋଡେଡ ହୋଇଥାଏ। ଏଥିରେ ଡିଟେଣ୍ଟ (ଏକପ୍ରକାରର ଲକ୍ ସିଷ୍ଟମ) ଥାଏ। ଏହା ସ୍ୱିଚ୍‌କୁ ନିର୍ଦ୍ଧାରିତ ସ୍ଥିତିରେ ସ୍ଥିର ରଖିଥାଏ। ସ୍ୱିଚ୍‌ର କମାଣ୍ଡ ପରିବର୍ତ୍ତନ ଲାଗି ଏହାକୁ ଧରି ଡିଟେଣ୍ଟକୁ ବାହାର କରିବାକୁ ପଡ଼ିଥାଏ। ପରେ ମୁକ୍ତ କରାଯାଇଥାଏ। ଏହା କୌଣସି ସାଧାରଣ ସ୍ୱିଚ୍ ନୁହେଁ। ଭୁଲ୍‌ରେ ଧକ୍କା ଲାଗିଲେ ବି ଏହା ଦବି ଯିବ ନାହିଁ। ବିଶେଷଜ୍ଞଙ୍କ ଅନୁଯାୟୀ ଏହି ସ୍ୱିଚ୍ ଭୁଲ୍‌ରେ କିମ୍ବା ସହଜରେ ଚାଲୁ ହୋଇପାରିବ ନାହିଁ। କୌଣସି ପାଇଲଟ ଉଡ଼ାଣ ଆରମ୍ଭ କରିବା ସମୟରେ ଏହି ସ୍ୱିଚ୍‌କୁ କେବେ ବନ୍ଦ କରିବ ନାହିଁ। କାରଣ ତୁରନ୍ତ ଏହାର ପ୍ରଭାବ ପଡ଼ିଥାଏ ବୋଲି ସେ ଜାଣିଛନ୍ତି। ଅନ୍ୟଜଣେ ବିଶେଷଜ୍ଞ କହିଛନ୍ତି ଯେ ଏହି ସ୍ୱିଚ୍ ସ୍ୱାଧୀନ ଭାବେ ତାର ଏବଂ ବିଦ୍ୟୁତ ସହ ସଂଯୋଗ ହୋଇଥାଏ। ତେଣୁ କୌଣସି ଯାନ୍ତ୍ରିକ ତ୍ରୁଟି ବିନା ଅଜାଣତରେ ଏହା ବନ୍ଦ ହେବାର ସମ୍ଭାବନା ବହୁତ କମ୍।

**କୋଲକାତାରେ ପୁଣି ଛାତ୍ରୀ ଦୁଷ୍କର୍ମ**

## ଏଥର ଆଇଆଇଏମ୍ କୋଲକାତା ଗିରଫ ହେଲା ଅଭିଯୁକ୍ତ ଛାତ୍ର



କୋଲକାତା, ୧୨।୭(ଏଜେନ୍ସି): କୋଲକାତାରେ ପୁଣି ଏକ ଛାତ୍ରୀ ଦୁଷ୍କର୍ମ ମାମଲା। ଗତବର୍ଷ ଆରଜି କର ମେଡିକାଲ କଲେଜରେ ମହିଳା ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା। ୧୫ ଦିନ ତଳେ କୋଲକାତାର ଏକ ଆଇନ କଲେଜରେ ଜଣେ ଆଇନ ଛାତ୍ରୀଙ୍କୁ ଦୁଷ୍କର୍ମ। ପୁଣି ଗତକାଲି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମଣ୍ଟ (ଆଇଆଇଏମ୍) ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଛି। ଗୋଟିଏ ପରେ ଆଉ ଗୋଟିଏ ଏଭଳି ଘଟଣା କୋଲକାତାରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି।

ଜଣେ ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ଆଇଆଇଏମ୍ ହଷ୍ଟେଲରେ ତାଙ୍କୁ ମୃଦୁପାନୀୟ ଦେଇ ଅଚେତ କରାଇବା ପରେ ଦୁଷ୍କର୍ମ କରିଛି ଜଣେ ଛାତ୍ର। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରକୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ କରିଥିବା ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଛାତ୍ରୀ ଓ ଅଭିଯୁକ୍ତ ପରସ୍ପର ସହ ପରିଚିତ ହେଇଥିଲେ। ଏକ ବ୍ୟକ୍ତିଗତ ମାମଲାରେ ପରାମର୍ଶ ନେବାପାଇଁ ଛାତ୍ରୀ ଜଣକ ଅଭିଯୁକ୍ତକୁ ଭେଟିବାକୁ ଆଇଆଇଏମ୍ ଆସିଥିଲେ। ଏହାପରେ ସେହି ଅଭିଯୁକ୍ତ ଛାତ୍ର ତାଙ୍କୁ ଛାତ୍ର ହଷ୍ଟେଲକୁ ନେଇଯାଇଥିଲା। ସେଠାରେ ତାଙ୍କୁ ପିଜା ଖାଇବାକୁ ଦେବା ସହିତ ମୃଦୁପାନୀୟ ଦେଇଥିଲା। ଖାଇବା ପରେ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ଛାତ୍ର ଜଣକ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଚେତା ଫେରିବା ପରେ ସେ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମ କଥା କାହାକୁ ନ କହିବାକୁ ଅଭିଯୁକ୍ତ ଧମକ ଦେଇଥିଲା ବୋଲି ସେ କହିଛନ୍ତି। ଏହି କଥା ବାହାରେ ପ୍ରଘଟ କଲେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। କାଉନେସେଲିଂ ସେସନ ପାଇଁ ତାଙ୍କୁ ହଷ୍ଟେଲ ଡକାଯାଇଥିଲା ବୋଲି ପୀଡିତା ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି।

ଏହି ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଛାତ୍ରୀଙ୍କ ସୁରକ୍ଷା ଲାଗି କାହିଁକି ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ ବୋଲି ବିଭିନ୍ନ ଦଳ ଓ ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଗତ ମାସ ୨୫ ତାରିଖରେ ଆଇନ କଲେଜ ଛାତ୍ରୀଙ୍କୁ କଲେଜ ହଷ୍ଟେଲ ପରିସରରେ ଗଣଦୁଷ୍କର୍ମ କରାଯାଇଥିଲା। ଏହାସତ୍ତ୍ୱେ ପୁଲିସ ଓ ପ୍ରଶାସନ କାହିଁକି ଚେତୁନାହିଁ? ତେବେ ଏହି ମାମଲାରେ ଆଇଆଇଏମ୍ ସଂପୂର୍ଣ୍ଣ ରୂପେ ପୁଲିସ ସହଯୋଗ କରିବା ସହିତ ସୁରକ୍ଷା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଉଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀଙ୍କ ପିତା ଏହି ଦୁଷ୍କର୍ମ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ଦୁଷ୍କର୍ମ ହୋଇନାହିଁ। ପୁଲିସ ଏଭଳି ଅଭିଯୋଗ କରିବା ଲାଗି ତାଙ୍କ ଝିଅ ଉପରେ ଚାପ ପକାଇଥିବା ସେ ଅଭିଯୋଗ କରିଛନ୍ତି।

## ୭ ବର୍ଷ ତଳେ ସ୍ୱିଚ୍‌କୁ ନେଇ ସତର୍କ କରିଥିଲା ଆମେରିକା

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଏଏଆଇବିର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିଛି। ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ହୋଇଯିବା ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ଏହା ମଧ୍ୟରେ ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ୨୦୧୮ ରେ ଇନ୍ଧନ ସ୍ୱିଚ୍‌କୁ ନେଇ ଜାରି କରିଥିବା ମାର୍ଗଦର୍ଶିକା ଉପରେ ଚର୍ଚ୍ଚା ଜୋର୍ ଧରିଛି। ଏହି ମାର୍ଗଦର୍ଶିକାକୁ ଅଣଦେଖା କିମ୍ବା ଅବହେଳା କରିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏଏଆଇବିର ଏହି ଯାଞ୍ଚ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ ପାଇଲଟଙ୍କ ତ୍ରୁଟି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିବାବେଳେ ଏ ନେଇ କୌଣସି ପ୍ରମାଣ ଦିଆଯାଇ ନାହିଁ। ଏବେ ଯାଞ୍ଚରେ ଇନ୍ଧନ ସ୍ୱିଚ କେମିତି ବନ୍ଦ ହେଲା ତାହାକୁ ଧ୍ୟାନ ଦିଆଯାଉଛି। ରିପୋର୍ଟରେ କେଉଁ ଇନ୍ଧନ ସ୍ୱିଚ ଆଗ ବନ୍ଦ ହୋଇଥିଲା ତାହାର ମଧ୍ୟ ସୂଚନା ନାହିଁ। କିନ୍ତୁ ଦୁର୍ଘଟଣାସ୍ଥଳରେ ଦୁଇଟି ଯାକ ସ୍ୱିଚ ଅନ୍ ଥିବା ଦେଖା ଯାଇଥିଲା। କକ୍‌ପିଟ୍ ଭିତରେ ଏକ ସ୍କ୍ରିନ୍ ରହିଥାଏ। ଏଥିରେ କେତେବେଳେ କେଉଁ ପଦକ୍ଷେପ ନିଆଯିବ ତାହା ସୂଚିତ କରାଯାଇଥାଏ।

୨୦୧୮ ରେ ଏଫଏଏ ବୋଇଂ ଡ୍ରିମ୍‌ଲାଇନର ବିମାନର ଇନ୍ଧନ ସ୍ୱିଚ ଲକିଂ ସିଷ୍ଟମରେ ଥିବା ସମ୍ଭାବ୍ୟ ସମସ୍ୟାକୁ ନେଇ ବୁଲେଟିନ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ଡ୍ରିମଲାଇନରର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'ର ଲକିଂ ବୈଶିଷ୍ଟ୍ୟ ନିଷ୍କ୍ରିୟ ହେବାର ଆଶଙ୍କା ରହିଛି। ବୋଇଂ ଡ୍ରିମ୍‌ଲାଇନର ୭୩୭ ମଡେଲ ବିଶିଷ୍ଟ ବିମାନର କିଛି ଅପରେଟରଙ୍କ ରିପୋର୍ଟକୁ ଆଧାର କରି ଏଫଏଏ ଏହି ମାର୍ଗଦର୍ଶିକା ଜାରି କରିଥିଲା। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହା କେବଳ ପରାମର୍ଶ ଥିଲା। ଏହା ବାଧ୍ୟତାମୂଳକ ନିର୍ଦ୍ଦେଶ ନ ଥିଲା। ଏଥିପାଇଁ ଫୁଏଲ କଣ୍ଟ୍ରୋଲ ସ୍ୱିଚର ଯାଞ୍ଚ କରାଯାଇ ନ ଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ସ୍ୱିଚ୍ ଯାଞ୍ଚ କରିଥିଲେ ବୋଧେ ଏତେ ବଡ଼ ଦୁର୍ଘଟଣା ଘଟି ନ ଥାଆନ୍ତା।

## ପଶ୍ଚିମ ୟୁକ୍ରେନରେ ରୁଷିଆର ଡ୍ରୋନ୍, ମିସାଇଲ ଆକ୍ରମଣ

କିଭ୍, ୧୨।୭(ଏଜେନ୍ସି): ୟୁକ୍ରେନ ଉପରେ ରୁଷିଆ ପୁଣିଥରେ ଆକ୍ରମଣ କରିଛି। ପଶ୍ଚିମ ୟୁକ୍ରେନ୍‌ରେ ରୁଷିଆ ଶନିବାର ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଛି। ଚଳିତ ମାସରେ ଏହ ରୁଷିଆର ଚତୁର୍ଥ ବଡ଼ ଧରଣର ଆକ୍ରମଣ। ଏହି ଆକ୍ରମଣରେ ଅତିକମ୍‌ରେ ଦୁଇଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ରୁଷିଆ ୫୯୭ ଡ୍ରୋନ ଓ ୨୬ ମିସାଇଲ ମାଡ କରିଥିଲା ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି କହିଛନ୍ତି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ୩୧୯ଟି ଡ୍ରୋନ ଓ ୨୫ଟି ମିସାଇଲକୁ ନଷ୍ଟ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

**କପିଲ ଶର୍ମାଙ୍କୁ ଆତଙ୍କୀ ପନ୍ନୁର ଧମକ**

## କାନାଡାରେ କାରବାର ବନ୍ଦ କର

ଅମୃତସର, ୧୨।୭(ଏଜେନ୍ସି): ଖଲିସ୍ତାନୀ ଆତଙ୍କୀ ଗୁରପତବନ୍ତ ସିଂହ ପନ୍ନୁ କମେଡିଆନ କପିଲ ଶର୍ମାଙ୍କୁ କାନାଡାରେ କାଫେ ଖେଲିବା କାରଣରୁ ଧମକ ଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସେ ଏହି ଧମକ ଦେଇଛି। କପିଲ ନିଜକୁ ଜଣେ ହିନ୍ଦୁବାଦୀ ବୋଲି ପରିଚୟ ଦେଉଛନ୍ତି ବୋଲି ସେ କହିଛି। ତେଣୁ ତାଙ୍କ କାଫେ ଉପରେ ଗୁଳି ଚଲାଇ ଯାଇପାରିବ ଓ ଏଥିପାଇଁ ଖଲିସ୍ତାନୀ ସମର୍ଥକଙ୍କୁ ଦାୟୀ କରାଯାଇପାରିବ ବୋଲି ସେ କହିଛି। ଏ ସଂକ୍ରାନ୍ତରେ ପନ୍ନୁ ଅଜବ ଯୁକ୍ତି ଉପସ୍ଥାପନା କରିଛି। ଭାରତର ଲୋକ କାନାଡାର ସବୁ ସହରରେ ରହୁଛନ୍ତି। କପିଲ କାଫେ ଖୋଲିବା ବିଶ୍ୱସ୍ତରରେ ହିନ୍ଦୁତ୍ୱର ବିସ୍ତାର ପାଇଁ ଏକ ସୁଚିନ୍ତିତ ଯୋଜନା ତଥା ରଣନୀତର ଅଂଶବିଶେଷ ହୋଇପାରେ। କପିଲ୍ ଭଳି ବ୍ୟକ୍ତି କାନାଡାରେ ବ୍ୟବସାୟ କରିବାକୁ ଆସୁଛନ୍ତି।

# କର୍ଣ୍ଣାଟକ ଗୋକର୍ଣ୍ଣ ଗୁମ୍ଫାରୁ ରୁଷୀୟ ମହିଳା ଓ ୨ ଝିଅ ଉଦ୍ଧାର

କାରବାଡ଼, ୧୨।୭(ଏଜେନ୍ସି): ଉତ୍ତର କନଡ଼ ଜିଲ୍ଲାର କୁମତା ତାଲୁକରେ ରାମତୀର୍ଥ ପାହାଡରେ ଥିବା ଗୋକର୍ଣ୍ଣ ଗୁମ୍ଫାରୁ ଜଣେ ରୁଷୀୟ ମହିଳା ଓ ତାଙ୍କ ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହି ମହିଳା ହେଉଛନ୍ତି ୪୦ ବର୍ଷୀୟା ନୀନା କୁଟିନା। ଏହି ମହିଳା ଜଣକ ବିଜନେସ ଭିଜାରେ ଭାରତ ଆସଥିଲେ। ସନାତନ ଧର୍ମ ଓ ବଳିଷ୍ଠ ଭାରତୀୟ ଆଧାତ୍ମିକ ପରମ୍ପରାର ପ୍ରଭାବିତ ହୋଇ ସେ ଗୋଆରୁ ଆସି ଗୋକର୍ଣ୍ଣରେ ପହଞ୍ଚିଥିଲେ। ତାଙ୍କ ସହ ଦୁଇ ଝିଅ ୬ ବର୍ଷୀୟା ପ୍ରିୟା ଓ ୪ ବର୍ଷୀୟ ଅମାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଙ୍ଗଲର ମଝିରେ ଏହି ୩ ଜଣ ଦୁଇ ସପ୍ତାହ ରହିଥିଲେ। ଗୁମ୍ଫା ମଧ୍ୟରେ ସେ ସାଧାରଣ ଘର ତିଆରି କରିଥିଲେ। କିଛିଦିନ ତଳେ ହୋଇଥିବା ଭୂସ୍ଖଳନ ପରେ ନିୟମିତ ପେଟ୍ରୋଲିଂ ଅବସରରେ ପୁଲିସ ଗୁମ୍ଫା ବାହାରେ କିଛି ପୋଷାକ ସୁଖା ଯାଉଥିବାର ଦେଖିଥିଲା। ଗୁମ୍ଫା ଭିତରରେ ପହଞ୍ଚିବା ପରେ ପୁଲିସ ମହିଳା ଓ ତାଙ୍କ ଦୁଇ ଝିଅଙ୍କୁ ଦେଖି ଚକିତ ହୋଇଥିଲା। ଘନ ଜଙ୍ଗଲରେ ଏମାନେ କିପର ବଞ୍ଚି ରହିଲେ ଓ କଣ ଖାଉଥିଲେ ସେ ନେଇ ପୁଲିସ କର୍ମଚାରୀ ବେଶ୍ ଚକିତ ହୋଇଥିଲେ। ତେବେ ୩ ଜଣଙ୍କ ସହ କୌଣସି ଦୁର୍ଘଟଣା ହୋଇ ନଥିବା କଥା ପୁଲିସ ସ୍ପଷ୍ଟ କରିଛି। ମହିଳା ଜଣକ ଗୋଆରୁ ଏହି ଗୁମ୍ଫାରେ ଆସି ପହଞ୍ଚିଥିଲେ ବୋଲି ପୁଲିସ କହିଛି। ୨୦୧୭ ସୁଦ୍ଧା ମହିଳାଙ୍କ ଭିଜା ଶେଷ ହୋଇଥିଲା। କିନ୍ତୁ ସେ କେବେଠାରୁ ଭାରତରେ ରହୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଜଣେ ସାଧ୍ୱୀଙ୍କ ଆଶ୍ରମରେ ମହିଳାଙ୍କର ରହିବା ବ୍ୟବସ୍ଥା କରାଯାଇଛି। ଗୋକର୍ଣ୍ଣରୁ ତାଙ୍କୁ ବେଙ୍ଗାଲୁରୁ ନିଆଯିବା ଓ ପ୍ରତ୍ୟାର୍ପଣର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏଥିପାଇଁ ଏକ ସ୍ଥାନୀୟ ଏନ୍‌ଜିଓ ମାଧ୍ୟମରେ ରୁଷ୍ ଦୂତାବାସ ସହ ସମ୍ପର୍କ କରାଯାଇଛି। ଏ ନେଇ ସବୁ ପ୍ରକାର ଔପଚାରିକତା ଆରମ୍ଭ କରାଯାଇଛି। ଏହି ଗୁମ୍ଫା ୫୦୦ ମିଟର ଉଚ୍ଚରେ ରହିଛି। ଏହା ଭିତରେ ଏକ ଶିବଲିଙ୍ଗ ରହିଛି। ସେଠାରେ ବହୁ ସଂଖ୍ୟାରେ ବାଦୁଡି ରହିଥାନ୍ତି। ଏଠାକାର ପ୍ରାକୃତିକ ପରିବେଶ ଓ ଶାନ୍ତ ବାତାବରଣରେ ଯୋଗ ଓ ଧ୍ୟାନ କରିବା ବେଶ୍ ଭଲ ଭାବେ ହୋଇଥାଏ।











ଚିକିତ୍ସା ପରେ ମୁମ୍ବାଇରୁ ଓଡ଼ିଶା ଫେରିବା ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ପାଇଁ ଭୁବନେଶ୍ୱର ବିମାନବନ୍ଦର ଲୋକାରଣ୍ୟ

■ ବାଲେଶ୍ୱର ଘଟଣାକୁ କଡ଼ା ନିନ୍ଦା କଲେ ପିସିସି ସଭାପତି

## ଶିକ୍ଷାନୁଷ୍ଠାନରେ ଅଭାବନୀୟ ଘଟଣା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର, ୧୨।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାରେ ମହିଳା ଅସୁରକ୍ଷିତ। ଏକଥା କହି ରାହୁଲ ଗାନ୍ଧୀ ଓଡ଼ିଶା ଛାଡ଼ିବାର ଗୋଟିଏ ଦିନ ହୋଇଛି, ଆଜି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଗଲା। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଲେ।



ଶ୍ରୀ ଦାସ କହିଛନ୍ତି, ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ। କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଏ ଘଟଣା ପାଇଁ ସମାନ ଭାବେ ଦାୟୀ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଥିସହ ଶ୍ରୀ ଦାସ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ବିଜେଡିର ଅଭିଯୋଗ**

## ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ

ଭୁବନେଶ୍ୱର,୧୨।୭ (ସମିସ): ଫକୀର ମୋହନ ମହାବିଦ୍ୟାଳୟର ଶନିବାର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ପରି ଅଭାବନୀୟ ଘଟଣା ଘଟିଛି। ଏପରି ସ୍ପର୍ଶକାତର ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସହ ବାଲେଶ୍ୱର ସାଂସଦଙ୍କ

■ ମହାବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ, ଅଧ୍ୟକ୍ଷଙ୍କ ଗିରଫ ଦାବିକଲା ଦଳ
■ ଛାତ୍ରୀଙ୍କୁ ଏମ୍ସରେ ଭେଟିଲେ ବିଜେଡିର ପ୍ରତିନିଧିମଣ୍ଡଳୀ
■ ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ

ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି। ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନାରୀଟିଏ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଙ୍ଗୀନ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ। ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ



ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀଜଣକ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ। ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ। ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଏହା ଏକ ବଡ ଅଭିଯୋଗ ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି। ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣଦୁଷ୍କର୍ମ ପରି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ନଲିଭିଥିଲା ବେଳେ ଫକୀର ମୋହନ କଲେଜରେ ଆଜିର ଏହି ଘଟଣା ସାଧାରଣ ଲୋକଙ୍କୁ ମର୍ମାହତ କରିଛି। ଏହି ଘଟଣାରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ସୁଲୋଚନା ଦାସ, ବିଧାୟକ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଇପ୍ସିତା ସାହୁ ପ୍ରମୁଖ ରହିଛନ୍ତି।

**ଅଳ୍ପକେ ଟଳିଲା ବଡ଼ ଅଘଟଣ**

## ଓସିଏ କନ୍‌ଫରେନ୍ସ ହଲ୍‌ରେ ଅଗ୍ନିକାଣ୍ଡ

କଟକ, ୧୨।୭(ସମିସ): ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆଜି ଦିନ ପ୍ରାୟ ୧ଟା୪୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଯଦିଓ କେହି ମୃତାହତ ହୋଇ ନାହାନ୍ତି, ଦେଢ଼ କୋଟିରୁ ଅଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଓ ଇଣ୍ଟେରିୟର୍ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି କନ୍‌ଫରେନ୍ସ ହଲ୍‌ରେ ରାଜ୍ୟ ଫୁଟ୍‌ବଲ୍ ରେଫରିଙ୍କ ଏକ ସଭା ଓ ପରୀକ୍ଷା ଚାଲିଥିଲା। ସୌଭାଗ୍ୟବଶତଃ ଲଞ୍ଚ ବ୍ରେକ୍‌ରେ ୪୦ ଜଣ ଫୁଟବଲ୍ ରେଫରି କନ୍‌ଫରେନ୍ସରୁ ବାହାରି ଯାଇଥିଲେ। ଠିକ୍ ଏହି ସମୟରେ ହଲ୍ ଭିତରୁ ନିଆଁ ସହ ଧୂଆଁ ବାହାରିଥିଲା। ଖବର ପାଇ ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟରୁ ୨ଟି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଅଳ୍ପକେ ଏକ ବଡ଼ଧରଣର ବିପଦ ଟଳିଯାଇଛି ବୋଲି ଫାୟାର୍ ଅଫିସର ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି।



ଅଗ୍ନିଶମ ବାହିନୀ ସୂଚନା ଅନୁଯାୟୀ, ଓସିଏ କନ୍‌ଫରେନ୍ସ ହଲ୍‌ରେ ଆଜି ରାଜ୍ୟର ଫୁଟବଲ୍ ରେଫରିମାନଙ୍କୁ ନେଇ ଏକ ସଭା ଏବଂ ପରୀକ୍ଷା କରାଯାଉଥିଲା। ଏଥିପାଇଁ ସମଗ୍ର ରାଜ୍ୟରୁ ଆସିଥିବା ୪୦ରୁ ଅଧିକ ରେଫରି ଏହି ହଲ୍‌ରେ ବସିଥିଲେ। ଟ୍ରେନର୍ ଏବଂ ଓସିଏ ଷ୍ଟାଫ୍‌ଙ୍କୁ ମିଶାଇ ପ୍ରାୟ ୬୦ଜଣ ଲୋକ ଏହି ହଲ୍‌ରେ ଉପସ୍ଥିତ ଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ଲଞ୍ଚ-ବ୍ରେକ୍ ପାଇଁ କୁହାଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ସମସ୍ତ ରେଫରି, କୋଚ୍ ଏବଂ ଓସିଏ ଷ୍ଟାଫ୍ ହଲ୍ ବାହାରକୁ

■ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ
■ ବିଦ୍ୟୁତ୍ ସର୍ଟ-ସର୍କିଟ୍‌ରୁ ବ୍ୟାପିଥିଲା ନିଆଁ
■ ବର୍ତ୍ତିଗଲେ ୪୦ରୁ ଊର୍ଦ୍ଧ୍ୱ ଫୁଟବଲ୍ ରେଫରି

ଆସିଥିଲେ। ଏହାର ୧୦ ମିନିଟ୍ ପରେ ହଲ୍ ବାହାର ଝରକା ଦେଇ ଧୂଆଁ ଓ ନିଆଁ ବାହାରିଥିଲା। ଏଥିରେ ଭୟଭୀତ ହୋଇ ଓସିଏ କର୍ତ୍ତୃପକ୍ଷ ତୁରନ୍ତ ବକ୍ସିବଜାର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏହାରି ଭିତରେ ଓସିଏ କର୍ମଚାରୀ ପାଖରେ ଥିବା ଫାୟାର୍ ଏକଷ୍ଟିଂଉଇସର୍ ଦ୍ୱାରା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ।

ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଟି ୱାଟର୍ ଟ୍ୟାଙ୍କର୍‌ରୁ ହଲ୍ ମଧ୍ୟକୁ ପାଣି ମାଡ଼ କରିଥିଲେ। ଏଥିସହ ସ୍ମୋକ୍-ଡିଟେକ୍ଟର୍ ଓ ବ୍ରିଦିଂ ଆପାରେଟସ୍ ସାହାଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ହଲ୍ ମଧ୍ୟକୁ ପ୍ରବେଶ କରି ନିଆଁ ଲିଭାଇବା ସହ ଧୂଆଁକୁ ଅଟକାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ୮ଟି ଏସି, ଷ୍ଟାବିଲାଇଜର୍, ୫ଟି ଲ୍ୟାପଟପ୍, ହଲ୍ ଭିତର ଅତ୍ୟାଧୁନିକ ଇଣ୍ଟେରିୟର୍, ଚେୟାର୍, ମାଇକ୍ ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିଶମ ବାହିନୀର ପ୍ରାଥମିକ ତଦନ୍ତ ତଥା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ସହଯୋଗ କରିଥିଲା। ଅଗ୍ନିକାଣ୍ଡର କାରଣ'ବିଦ୍ୟୁତ୍ ସର୍ଟ-ସର୍କିଟ୍‌ଜନିତ ବୋଲି କୁହାଯାଉଛି। କିନ୍ତୁ ଆସନ୍ତାକାଲି ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିବ।

## ବଜ୍ରପାତ ନେଲା ୩ ଜୀବନ

**କେନାଲ କାମ ବେଳେ ଟଳିପଡ଼ିଲେ**

ନୀଳଗିରି, ୧୨।୭ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ରେ ଆଜି ବଜ୍ରପାତରେ ୩ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ମୃତକମାନେ ହେଲେ, ନୀଳଗିରି ଉପଖଣ୍ଡ ବରହମ୍ପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା (୨୮)। ଏଥିସହ ଏହି ଅଘଟଣରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ସମସ୍ତେ କେନାଲ କାମରେ ନିୟୋଜିତ ଥିବା ବେଳେ ଏହି ଅଘଟଣ ଘଟିଥିଲା।

ସୂଚନାନୁଯାୟୀ, ରିଷିଆ ଡ୍ୟାମ୍ ରାଇପାଳସ୍ଥିତ ଶାଖା କେନାଲରେ ୧୦ରୁ ଅଧିକ ଶ୍ରମିକ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲି ଆସିଥିଲେ। ସେଠାରେ ଶ୍ରମିକମାନେ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଦିନ ପ୍ରାୟ ୨ଟା ସମୟରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମାମି, ଆଲାମଣି ଓ ଅଜିତ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଏବଂ ଶ୍ରମିକମାନେ ସେମାନଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରହମପୁର ଏବଂ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

■ ବାମନଘାଟିରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ

## ଲୁଟ୍ ଉଦ୍ଦେଶ୍ୟରେ ଖଣି କର୍ମଚାରୀଙ୍କୁ ଗୁଳି

ରାଇରଙ୍ଗପୁର, ୧୨।୭ (ସମିସ): ବାମନଘାଟି ଅଞ୍ଚଳରେ ପୁଣି ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଆତଙ୍କ ଖେଳାଇଛନ୍ତି। ଲୁଟ୍ ଉଦ୍ଦେଶ୍ୟରେ ଜଣେ ଖଣି କର୍ମଚାରୀଙ୍କୁ ଗୁଳି କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ମହାଦେବ ମାର୍ଣ୍ଡି। ସେ ବାଦାମପାହାଡ଼ ଲୌହ ଖଣିରେ କାମ କରନ୍ତି। ଏ ସଂପର୍କରେ ସେ ଯୋଡ଼ାପୋଖରୀ ଫାଣ୍ଡିରେ ଅଭିଯୋଗ କରିବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ।

**ଅଳ୍ପକେ ବର୍ତ୍ତିଗଲେ**

ସୂଚନାନୁସାରେ, ଶ୍ରମିକଙ୍କୁ ଟଙ୍କା ବାଣ୍ଟିବାକୁ ଆଜି ମଧ୍ୟାହ୍ନରେ ମହାଦେବ ଏକ ବଲେରୋରେ ଟଙ୍କା ନେଇ ରାଇରଙ୍ଗପୁରରୁ ବାଦାମପାହାଡ଼ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଗୋପାଳପୁର ନିକଟ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପ ପାଖରେ ସେମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ମହାଦେବ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

■ ବିଜେପିର ପ୍ରତିକ୍ରିୟା ଉପରେ ଉତ୍ତର ରଖିଲା ଯୁବ କଂଗ୍ରେସ

## କଂଗ୍ରେସ ଲୋକପ୍ରିୟତା ଦେଖି ବିଜେପି ସହିପାରୁନି

ଭୁବନେଶ୍ୱର,୧୨।୭ (ସମିସ): କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶର ଜନସମୁଦ୍ରକୁ ଦେଖି ବିଜେପି ସରକାର ଭୟଭୀତ ହୋଇପଡ଼ିଛି। ତେଣୁ କଂଗ୍ରେସ ବିରୋଧରେ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ନେତାମାନେ ବିଷୋଦ୍‌ଗାର କରିବାରେ ଲାଗିଛନ୍ତି ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସର ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ୍ ବିବୃତିରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଶ୍ରୀ ସାମଲ କହିଛନ୍ତି, ସମାବେଶରେ କେବଳ କଂଗ୍ରେସ କର୍ମୀ ନ ଥିଲେ, ଏଥିରେ ଓଡ଼ିଶାର ଅଗଣିତ ଉପେକ୍ଷିତ, ନିର୍ଯ୍ୟାତିତ ଓ ଅତ୍ୟାଚାରିତ ଜନତା ଅଂଶଗ୍ରହଣ କରିଥିଲେ। ଅନିୟନ୍ତ୍ରିତ ମହିଳା ଅତ୍ୟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକମାନଙ୍କୁ ଉପେକ୍ଷା ଓ ଅତ୍ୟାଚାରର ପ୍ରତିବାଦ କରି ଓଡ଼ିଶାର କୋଣଅନୁକୋଣରୁ ଲୋକେ ସ୍ୱତଃପ୍ରବୃତ ଭାବେ ସମାବେଶକୁ ଆସିଥିଲେ। ରାହୁଲ ଗାନ୍ଧୀଙ୍କୁ ସେମାନେ ତାଙ୍କ ନେତା ବୋଲି ଭାବି ତାଙ୍କ ପାଖରେ ଅଭିଯୋଗ କରିବା ପାଇଁ ଛୁଟି ଆସିଥିଲେ। ଏହାକୁ ଦେଖି ବିଜେପି ଅସହିଷ୍ଣୁ ହୋଇପଡ଼ିଛି। ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଶାନ୍ତିରେ ବଞ୍ଚିବା ପାଇଁ ଦିଆଯାଉ ନାହିଁ। ମହିଳାମାନଙ୍କର ଅତ୍ୟାଚାର ଦିନକୁ ଦନ ବଢ଼ି ଚାଲିଛି। ଯୁବ, ଛାତ୍ର, ମହିଳା, ଚାଷୀ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପାଉନାହାନ୍ତି। ଏହା ଉପରେ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି।

## ପଞ୍ଜୀକରଣ ଉଦ୍ଦିଷ୍ଟ କୌଣସି ଦସ୍ତାବିଜକୁ ସବ୍-ରେଜିଷ୍ଟ୍ରାର ମୌଖିକ ଭାବେ ଅଗ୍ରାହ୍ୟ କରିପାରିବେ ନାହିଁ: ହାଇକୋର୍ଟ

କଟକ,୧୨।୭ (ସମିସ): ସବ୍-ରେଜିଷ୍ଟ୍ରାର କୌଣସି ଦସ୍ତାବିଜ୍‌କୁ ଗ୍ରହଣ କରିବାକୁ ମୌଖିକ ଭାବେ ମନା କରିପାରିବେ ନାହିଁ। ଯେତେବେଳେ ତାହା ପଞ୍ଜୀକରଣ ପାଇଁ ଉପସ୍ଥାପନ କରାଯାଏ, ସେହି ଦସ୍ତାବିଜକୁ ପଞ୍ଜୀକରଣ କରିବେ। ଯଦି ସେହି ଦସ୍ତାବିଜ ଆଇନଗତ ଭାବେ ଉପଯୁକ୍ତ ନୁହେଁ, ତାହେଲେ ପଞ୍ଜୀକରଣ ପାଇଁ ଗ୍ରହଣ ନ କରିବାର ଲିଖିତ ଭାବେ କାରଣ ଦର୍ଶାଇବାକୁ ପଡ଼ିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନ୍ତର୍ଯାମୀ ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ- ୧୯୮୮ ଅନୁଯାୟୀ ଯେତେବେଳେ କୌଣସି ବିକ୍ରି ଦଲିଲ ପଞ୍ଜୀକରଣ ପାଇଁ ଉପସ୍ଥାପିତ ହୁଏ, ତାହା ଗ୍ରହଣ କରିବା ସବ୍-ରେଜିଷ୍ଟ୍ରାରଙ୍କ କର୍ତ୍ତବ୍ୟ ଏବଂ ଯଦି ଏହା ଆଇନର ବ୍ୟବସ୍ଥା ସହ ଅନୁପାଳନ କରେ ନାହିଁ, ତେବେ ସବ୍-ରେଜିଷ୍ଟ୍ରାର ଲିଖିତ କାରଣ ଦର୍ଶାଇ ପଞ୍ଜୀକରଣ ପାଇଁ ସେହି ଦଲିଲକୁ ଗ୍ରହଣ କରିବାକୁ ମନା କରିପାରନ୍ତି ବୋଲି କହିଛନ୍ତି ଅଦାଲତ। ତେଣୁ, ଉଲ୍ଲିଖିତ ଆଇନ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ର ଧାରା ୧୪୭କୁ ବିଚାରକୁ ନେଇ ଆବେଦନକାରୀ ବିକ୍ରୟପତ୍ର (ସେଲ୍-ଡିଡ୍) ଉପସ୍ଥାପନ କଲେ ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର ଏହାକୁ ଗ୍ରହଣ କରିବା ସହ ଭାରତୀୟ ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ ଅନୁଯାୟୀ କାର୍ଯ୍ୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର୍ ପଞ୍ଜୀକରଣ ପାଇଁ ଉପସ୍ଥାପିତ ବିକ୍ରୟ ପତ୍ର ଗ୍ରହଣ କରୁନଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚାକିରି ଦେବାକୁ ଡାକି ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ


କୋରାପୁଟ, ୧୨।୭ (ସମିସ): ଚାକିରି କରାଇଦେବା ଆଳରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ କରୁଥିବା ବେଳେ କୋରାପୁଟ ଟାଉନ୍ ଥାନା ପୁଲିସ ଏକ ଦଲାଲ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ, କୋରାପୁଟ ସହରର ଅରୁଣ କୁମାର ସାହୁ (୫୨) ଓ ପଲ୍ଲବୀ ବେହେରା (୪୫)। ପୁଲିସ୍ ସୂଚନାନୁଯାୟୀ, ଅରୁଣ ୮ ତାରିଖରେ କୋଲକାତାର ସୋମା ଘୋଷ (୩୬)ଙ୍କୁ ଫୋନ୍ କରି କୋରାପୁଟ ହସ୍ପିଟାଲରେ ଚାକିରି କରାଇ ଦେବାକୁ ଡାକିଥିଲେ। ସୋମା କୋରାପୁଟ ପହଞ୍ଚି ଦୁଇ ଦିନ ରହିଲେ। ଶୁକ୍ରବାର ରାତିରେ ଅରୁଣ ଓ ପତ୍ନୀ ପଲ୍ଲବୀ ତାଙ୍କୁ ବାଇକ୍‌ରେ ବସାଇ କେଉଁଠାକୁ ବିକ୍ରି କରିବାକୁ ନେଉଥିଲେ। ଏହି

**ଦଲାଲ ଦମ୍ପତି ଗିରଫ**

ସମୟରେ ପୁଲିସ ପାଟ୍ରୋଲିଂ ଜିପ୍ ଦେଖି ସୋମା ଚିତ୍କାର କରିଥିଲେ। ଚିତ୍କାର ଶୁଣି ପୁଲିସ ଗାଡ଼ି ଅଟକାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ତିନିଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସୋମାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଟାଉନ ଥାନାରେ ବିଭିନ୍ନ ଦଫାରେ ଏକ ନମ୍ବର ୧୪୪/୨୫ରେ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବ୍‌ଇନ୍ସପେକ୍ଟର୍ ଲତିକା ବୈଦ୍ୟ ଏହି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି

କଟକ,୧୨।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପବାରେ ଲାଗିଛି। ବିଶ୍ୱବିଦ୍ୟାଳୟର ୨ ଛାତ୍ରାବାସର ପ୍ରାୟ ୪୦ରୁ ଅଧିକ ଅନ୍ତୋବସୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ଅନ୍ତୋବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଦୂଷିତ ପାନୀୟ ଜଳ ଏବଂ ଖାଦ୍ୟ ଯୋଗୁଁ ଏଭଳି ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ଛାତ୍ରାବାସରେ ପିଇବା ପାଣିକୁ ନେଇ ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ହଷ୍ଟେଲଗୁଡ଼ିକରେ ମଧ୍ୟ ଅନ୍ତେବାସୀମାନେ ଦୂଷିତ ପାଣି ବ୍ୟବହାର କରୁଥିବା ଜଣାପଡ଼ିଛି।



ତେଣୁ ଆଗକୁ ଝାଡ଼ାବାନ୍ତି ଆହୁରି ବ୍ୟାପିବାର ଆଶଙ୍କା ଦେଖାଦେଇଛି।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ନ୍ୟୁ-ପିଜି ଛାତ୍ରାବାସ ଏବଂ ଧର୍ମପଦ ଛାତ୍ରବାସରେ ଅନ୍ତେବାସୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତରାତିରେ ଅନ୍ତେବାସୀମାନେ ଖାଦ୍ୟ ଖାଇ ଶୋଇଥିଲେ। ଆଜି ସକାଳୁ କିଛି ଅନ୍ତେବାସୀଙ୍କ ଦେହ ହଠାତ୍ ଖରାପ ହୋଇଥିଲା। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ହେଲେ ମଧ୍ୟାହ୍ନଭୋଜନ ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ପୂର୍ବରୁ ପାଖାପାଖି ୧୦ଜଣ ଆକ୍ରାନ୍ତ ହୋଇଥିବା ବେଳେ ଅପରାହ୍ଣ ସୁଦ୍ଧା ସଂଖ୍ୟା ୪୦ରେ

■ ୪୦ ଅନ୍ତେବାସୀ ଅସୁସ୍ଥ
■ ୧୫ ଗୁରୁତର ଏସ୍‌ସିବିରେ ଭର୍ତ୍ତି
■ ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ଆଶଙ୍କା

ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ମଧ୍ୟାହ୍ନରେ ଅନ୍ତେବାସୀ ଖାଇଥିବା ଖାଦ୍ୟ ବିଷାକ୍ତ ହେବା ଦ୍ୱାରା ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ବିଶ୍ୱବିଦ୍ୟାଳୟର ୧୩ଟି ହଷ୍ଟେଲରେ ରୋଷେଇଶାଳାରେ କୌଣସି ସ୍ୱଚ୍ଛତା ରହୁନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଏ ସଂକ୍ରାନ୍ତରେ ଅନ୍ତୋବାସୀମାନେ ବାରମ୍ବାର ହଷ୍ଟେଲ ୱେଡେର୍ନଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।





# ମୁମ୍ବାଇର ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ

ଭୁବନେଶ୍ୱର/ନନ୍ଦନକାନନ, ୧୨।୭ (ସମିସ)

ମୁମ୍ବାଇରୁ ଆସିଥିବା ମହିଳା ଡିଜେ ଅପରେଟରଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଆଉ କେହି ନୁହଁ, ତାଙ୍କୁ ପ୍ରୋଗ୍ରାମ ପାଇଁ ଡକାଇଥିବା ବାର୍ ମାଲିକ ହିଁ ଏଭଳି କାଣ୍ଡ ଭିଆଇଛି। ରଘୁନାଥପୁର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ବାର୍ ମାଲିକ ଓ ୨ ସହଯୋଗୀଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବାର୍ ମାଲିକ ତଥା କଳିଙ୍ଗନଗରରେ ରହୁଥିବା ବ୍ରହ୍ମପୁର ହନୁମାନ ବଜାରର ରଘୁନାଥ ସାହୁ ଓରଫ୍ ରାଜ୍ (୩୦), ୟୁନିଟ୍ ୩ର ଆନନ୍ଦ ସେଠୀ (୨୭) ଓ ପୁରୀ ବଳିଆପଣ୍ଡାର ଶ୍ୱେତା ସଲୋନୀ (୨୧)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ କର୍ପୋରେଟ ଆକ୍ସେଞ୍ଚରରେ ଏଚ୍ଆର ମ୍ୟାନେଜର ଭାବେ କାମ କରୁଥିବା ବେଳେ ସଉକରେ ଲାଇଭ୍ କନ୍ସର୍ଟରେ ଡିଜେ ଅପରେଟିଂ କରନ୍ତି। ଗତକାଲି କ୍ଲବ ଲିଓର ଓପେନିଂ ପ୍ରୋଗ୍ରାମକୁ ତାଙ୍କୁ ୨୨ ହଜାର ଟଙ୍କାରେ ବୁକ୍ କରାଯାଇଥିଲା। କ୍ଲବର ମାଲିକ ତଥା ଅଭିଯୁକ୍ତ ରଘୁନାଥ ସାହୁ ବିମାନ ଟିକେଟ ବାବଦକୁ ଗୁଗୁଲ-ପେ ମାଧମରେ ତାଙ୍କୁ ୧୪ ହଜାର ଟଙ୍କା ଦେଇଥିଲେ। ସେ ଗତକାଲି ଇଣ୍ଡିଗୋ ଫ୍ଲାଇଟ ଯୋଗେ ଭୁବନେଶ୍ୱର ଆସି କ୍ଲବ ଲିଓରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହିଳାଙ୍କ ରାତ୍ରିଯାପନ ପାଇଁ ପର୍ଲ ଲିଫ୍ ନାମକ ଏକ



ହୋଟେଲରେ ରୁମ୍ ବୁକ୍ ହୋଇଥିଲା।

ଲିଓ କ୍ଲବର ମାଲିକ ରଘୁନାଥ ପାଇଁ ସେହି ହୋଟେଲରେ ତାଙ୍କ ରୁମର ସାମ୍ନା ରୁମକୁ ବୁକ୍ କରାଯାଇଥିବା ସେଠାରେ ପହଞ୍ଚିବା ପରେ ସେ ଜାଣିବାକୁ ପାଇଥିଲେ। କିଛି ସମୟ ପରେ ସ୍ୱେତା ତାଙ୍କୁ ମାଲିକଙ୍କ ସହ ରାତ୍ରିଭୋଜନ ଲାଗି ନିମନ୍ତ୍ରଣ କରିଥିଲେ। ମହିଳା ଜଣକ ରାତ୍ରିଭୋଜନ ଯାଇଥିବା ବେଳେ ରଘୁନାଥ, ଶ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ବ୍ୟକ୍ତି ମଦ୍ୟପାନ ଓ ସିଗାରେଟ୍ ପିଉଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେ ରୁମରୁ ଫେରି ଆସୁଥିଲେ। ହେଲେ ଶ୍ୱେତା ତାଙ୍କୁ ଅଟକାଇ ରଘୁନାଥ ସହିତ ରାତ୍ରିଯାପନ କରିବା ଲାଗି ଚାପ ପକାଇଥିଲା। ନ ହେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା। ସେହି ସମୟରେ ରଘୁନାଥ ତାଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ସେ ରୁମରୁ ବାହାରକୁ ପଳାଇବା ଲାଗି ଚେଷ୍ଟା କରିବା ବେଳେ ଶ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ସହଯୋଗୀ ତାଙ୍କୁ ଜୋରଜବରଦସ୍ତ ଅଟକାଇବା ସହିତ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ।

ପୀଡ଼ିତା କୌଶଳ କ୍ରମେ ସେମାନଙ୍କ କବଳରୁ ଖସି ଆସି ନିଜ ରୁମରେ ନିଜକୁ ବନ୍ଦ କରିଦେଇଥିଲେ। ଏହାପରେ ଅଭିଯୁକ୍ତମାନେ ତାଙ୍କ କବାଟ ବାଡ଼େଇବା ସହିତ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ପୀଡ଼ିତା ୧୧୨ କୁ କଲ୍ କରିବା ପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ରଘୁନାଥ, ଆନନ୍ଦ ଓ ଶ୍ୱେତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାର୍ ମାଲିକ ରଘୁନାଥ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେପଟେ ଘଟଣାରେ ସମ୍ପୃକ୍ତ ରୋହିତ, ମୁନା ଓ ଅନ୍ୟଜଣେ ସହଯୋଗୀ ଫେରାର ରହିଛନ୍ତି।

- **ବାର୍ ମାଲିକଙ୍କ ସମେତ ୩ ଗିରଫ**
- **ଗିରଫଙ୍କ ମଧ୍ୟରେ ପୁରୀର ଜଣେ ଯୁବତୀ**
- **ପୂର୍ବରୁ ଯୋଜନା କରି ସାମ୍ନା ରୁମ୍ ବୁକ୍ କରିଥିଲେ**
- **ପ୍ରୋଗ୍ରାମ ପାଇଁ ମୁମ୍ବାଇରୁ ଆସିଥିଲେ ମହିଳା ଡିଜେ ଅପରେଟର୍**

### ସ୍ୱଚ୍ଛତା ପାଇଁ ରାଜ୍ୟର ୩ ସହର ପୁରସ୍କୃତ ହେବ

# ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ୧ ନମ୍ବର



ଭୁବନେଶ୍ୱର, ୧୨।୭ (ସମିସ): ସ୍ୱଚ୍ଛତା ପାଇଁ ରାଜ୍ୟର ୩ଟି ସହରକୁ ପୁରସ୍କାର ପ୍ରଦାନ କରାଯିବ। ଏହି ସହର ଗୁଡ଼ିକ ମଧ୍ୟରେ ରହିଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର, ଆସିକା ଏବଂ ଚିକିଟି। ସ୍ୱଚ୍ଛ ସର୍ବେକ୍ଷଣ ର୍‌ୟାଙ୍କିରେ ପୁଣି ରାଜ୍ୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)୧ନମ୍ବର ସ୍ଥାନ ଅକ୍ତିଆର କରିଛି। ଭୁବନେଶ୍ୱରକୁ ମନ୍ତ୍ରଣାଳୟ ପୁରସ୍କାର(ରାଜ୍ୟ ସ୍ତରୀୟ) ବିଭାଗରେ ଚୟନ କରାଯାଇଛି। କେନ୍ଦ୍ର ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ। ଅସନ୍ତା ୧୭ ତାରିଖରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏକ ଭବ୍ୟ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ଗତବର୍ଷ ଭୁବନେଶ୍ୱର ସର୍ବେକ୍ଷଣ ର୍‌ୟାଙ୍କିରେ ୩୨ତମ ସ୍ଥାନରେ ରହିଥିଲା। ଚଳିତବର୍ଷ ଏହାର ର୍‌ୟାଙ୍କ ବୃଦ୍ଧି ପାଇଛି ବୋଲି ଅନୁମାନ କରାଯାଉଛି। ସେହିପରି ଅସିକା ଏନ୍ଏସ୍‌ସିର ମଧ୍ୟ ସ୍ଥାନ ରହିଛି। ଆସିକାକୁ ପ୍ରେସିଡେଣ୍ଟାଲ ସମ୍ମାନ ପ୍ରଦାନ କରାଯିବ। ଏନ୍ଏସିରେ ମଧ୍ୟ ଚିକିଟିକୁ ରାଷ୍ଟ୍ରପତି ପରୁସ୍କାର ପାଇଁ ଚୟନ କରାଯାଇଛି। ଅନ୍ୟପକ୍ଷରେ ସୁପର ସ୍ୱଚ୍ଛ ଲିଗ୍ ସିଟି କ୍ୟାଟାଗୋରୀରେ ରାଜ୍ୟର କୌଣସି ବି ସହର ସ୍ଥାନ ପାଇ ନାହିଁ। ସେହିପରି ମନ୍ତ୍ରଣାଳୟ ପୁରସ୍କାର(ସ୍ପେସାଲ କ୍ୟାଟାଗୋରୀ)ରେ ରାଜ୍ୟର କୌଣସି ସହରକୁ ସ୍ଥାନ ଦିଆଯାଇ ନାହିଁ।

ଏଠାରେ ସୂଚାଇ ଦିଆଯାଇପାରେ ଯେ, ଏହି ରାଙ୍କିଙ୍ଗ୍ ଆବର୍ଜନା ପରିଚାଳନା, ପ୍ଲାଷ୍ଟିକ ଆବର୍ଜନାର ପରିଚାଳନା, ରିସାଇକଲ, ରିୟୁଜ ନୀତିର ପ୍ରୟୋଗ ଏବଂ ସଫେଇ କର୍ମଚାରୀଙ୍କ ସୁରକ୍ଷା ଆଧାରରେ କରାଯାଇଥାଏ। ୨୦୧୬ରୁ ଦେଶରେ ସ୍ୱଚ୍ଛ ସର୍ବେକ୍ଷଣ କରୁଛନ୍ତି କେନ୍ଦ୍ର ସରକାର। ଗତବର୍ଷ ଗୋଟିଏ ବି ସହର ଟପ୍ ଟେନ୍‌ରେ ନ ଥିଲା। ଭୁବନେଶ୍ୱର ୩୪ ତମ ସ୍ଥାନରେ, ପୁରୀ ୬୨ତମ ସ୍ଥାନରେ, ୯୯ତମ ସ୍ଥାନରେ ବାଲେଶ୍ୱର, ୧୧୧ତମ ସ୍ଥାନରେ ବ୍ରହ୍ମପୁର, ୧୧୯ ସ୍ଥାନରେ ରାଉରକେଲା, ୧୬୩ତମ ସ୍ଥାନରେ ସମ୍ବଲପୁର, ୧୭୨ତମ ସ୍ଥାନରେ କଟକ, ୧୮୫ତମ ସ୍ଥାନରେ ବାରିପଦା ଓ ୨୨୯ ତମ ସ୍ଥାନରେ ଭଦ୍ରକ ରହିଛି।

# ସଚିବାଳୟରେ ଚାକିରି ନାଁରେ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୨।୭ (ସମିସ): ସଚିବାଳୟରେ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ପିପିଲି ଦାଣ୍ଡ ମୁକୁନ୍ଦପୁରର ଅମିୟ ପୁଷ୍ପାଳକ (୩୭)।

ପୁଲିସ ସୂଚନା ଅନୁସାରେ, ନିଳାଦ୍ରୀ ବିହାରର ମନୋରମା ମିଶ୍ର ତାଙ୍କ ପୁଅକୁ କିଛିଦିନ ପୂର୍ବେ ସୁନ୍ଦରପଦା ସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଉକ୍ତ ସଂସ୍ଥାର ମାଲିକ ପ୍ରତୀକ ପଣ୍ଡା ଓ ଅମିୟ ତାଙ୍କ ପୁଅକୁ ସଚିବାଳୟରେ ସରକାରୀ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇଥିଲେ। ଏଥିଲାଗି ସହ ଘରୁ ଟଙ୍କା ଆଣିବା ଲାଗି ପ୍ରବର୍ତ୍ତାଇଥିଲେ। ପୁଅ ଏନେଇ ମନୋରମାଙ୍କୁ ଜଣାଇଥିଲେ। ଦୁଇ ଜଣଙ୍କ କଥାରେ ବିଶ୍ୱାସ କରି ମନୋରମା ତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କା ଦେଇଥିବା ବେଳେ ବାକି ଟଙ୍କା ବ୍ୟାଙ୍କ ଚେକ ମାଧ୍ୟମରେ ଦେଇଥିଲେ। ଟଙ୍କା ନେବାର କିଛିଦିନ ପରେ ଅମିୟ ତାଙ୍କୁ ସଚିବାଳୟର ନିଯୁକ୍ତି ପତ୍ର ଓ ପରିଚୟ ପତ୍ର ଦେଇଥିଲା। ଗତମାସ ୧୯ ତାରିଖ ଦିନ ମନୋରମାଙ୍କ ପୁଅ କାର୍ଯ୍ୟରେ ଯୋଗ ଦେବାକୁ ସଚିବାଳୟ ଯାଇଥିଲେ। ପ୍ରବେଶ ସମୟରେ ସେ ନେଇଥିବା ନିଯୁକ୍ତି ଓ ପରିଚୟ ପତ୍ର ଜାଲ ବୋଲି ଜଣାପଡ଼ିଥିଲା। ଏନେଇ ସେ ମାଆଙ୍କୁ ଜଣାଇବା ପରେ ମନୋରମାଙ୍କ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ଅମୀୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମନ୍ତ୍ରୀଙ୍କ ସଚିବ କହି ବଟି ମାଗିବା ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୧୨।୭ (ସମିସ)

ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସଚିବ ନାମ କହି ବଟି ମାଗୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ଭରତପୁର ଅଞ୍ଚଳର ସୌମ୍ୟରଞ୍ଜନ ପ୍ରଧାନ। ଅଭିଯୋଗକାରୀ ଅଜିତ କୁମାର ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ଅଜିତ କୁମାର ଜଣେ ସୁପରକ୍ଲାସ୍ କଣ୍ଟ୍ରାକ୍ଟର ହୋଇଥିବା ବେଳେ ସେ ପିଡବ୍ଲ୍ୟୁଡି କାମ ଏବଂ ଜଳସେଚନ ବିଭାଗର କାର୍ଯ୍ୟରେ ନିୟୋଜିତ ଥିଲେ। ସୌମ୍ୟରଞ୍ଜନ ପ୍ରଧାନ ଓରଫ ବାପି ଏବଂ ଅନ୍ୟମାନେ ନିଜକୁ କିଛି ବିଶିଷ୍ଟ ବ୍ୟକ୍ତି ମାନଙ୍କ ସହ ନିଜର ସମ୍ପର୍କ ଥିବା କହି ନିୟମିତ ଭାବେ କିଛି ସାଧାରଣ ଲୋକଙ୍କୁ ଠକି ଆସୁଥିଲେ। ଗତ ମାସ ୨୦ ତାରିଖରେ ସକାଳ ପ୍ରାୟ ୧୦ ଟା ବେଳେ ସୌମ୍ୟରଞ୍ଜନ ଏକ ମୋବାଇଲ୍ ନମ୍ବର ଜରିଆରେ ଅଜିତ କୁମାରଙ୍କୁ ଫୋନ୍ କରି ନିଜକୁ ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବୋଲି ପରିଚୟ ଦେଇଥିଲେ। ତାଙ୍କର ଭବିଷ୍ୟତରେ ଉତ୍ତରୋତ୍ତର ଉନ୍ନତି ପାଇଁ କାମାକ୍ଷା ଦେବୀଙ୍କ ନିକଟରେ ଘିଅ ଅର୍ପଣ କରିବା ଲାଗି ଏକ ନିର୍ଦ୍ଦିଷ୍ଟ ଫୋନ୍-ପେ ନମ୍ବର ଜରିଆରେ ଟଙ୍କା ପଠାଇବାକୁ କହିଥିଲେ। ସୌମ୍ୟରଞ୍ଜନ କଥାକୁ ବିଶ୍ୱାସ କରି ଅଜିତ କୁମାର ତାଙ୍କୁ ଫୋନ୍-ପେ ଜରିଆରେ ପ୍ରଥମେ ୪୬ହଜାର ୫୦୦ ଟଙ୍କା ପଠାଇଥିଲେ। କିନ୍ତୁ କିଛି ସମୟ ପରେ ସୌମ୍ୟରଞ୍ଜନ କାମାକ୍ଷା ଦେବୀ ଯନ୍ତ୍ର ଯୋଗାଇ ଦେବା ଉଦ୍ଦେଶ୍ୟରେ ଅଧିକ ଟଙ୍କା ମାଗିଥିଲେ। ଜୟଦେବ ବିହାର ଛକ ନିକଟରେ ତାଙ୍କୁ ସାକ୍ଷାତ କରି ତାଙ୍କ ଠାରୁ ୨ ଲକ୍ଷ ଟଙ୍କା ନଗଦ ଆକାରରେ ମଧ୍ୟ ନେଇଥିଲେ। ଟଙ୍କା ନେବା ପରେ ଏନେଇ ସୌମ୍ୟରଞ୍ଜନଙ୍କୁ ଯୋଗାଯୋଗ କରିବାରୁ ସେ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଶେଷରେ ଅଜିତ କୁମାର ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ସୌମ୍ୟରଞ୍ଜନଙ୍କୁ ରେଣ୍ଟାଲ କଲୋନୀ ଅଞ୍ଚଳରୁ ଗିରଫ କରିଥିଲା। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଏକ ମୋବାଇଲ ଫୋନ ଏବଂ ୮୨୩୦ ଟଙ୍କା ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଭରତପୁର ଥାନାର ଏକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

**ଠିକାଦାରଙ୍କ ଅଭିଯୋଗ, ଦେବୀ ପୂଜା କରିବାକୁ କହି ଠକୁଥିଲା**

# ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ୩ ଯୁବକ ଗିରଫ



ହଂସପାଳ, ୧୨।୭ (ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ନହରକଣ୍ଟା ର ପପୁ ବେହେରା(୨୫), ହରିଦାସପୁରର ବିକ୍ରମ କୁମାର ଭୋଇ (୩୦), ବାଲିଅନ୍ତା ଭୁବନପୁରର ବିକାଶ ଜେନା(୨୩) ଓରଫ ବବୁଲ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅଭିଯୋଗକାରୀ ଅମିୟ କୁମାର ଜେନା ପରିବାର ସହ ନହରକଣ୍ଟା ଗ୍ରାମରେ ରୁହନ୍ତି। ସେ ଗତ ୧୦ ତାରିଖ ରାତିରେ ତ୍ରିନାଥ ମନ୍ଦିର ନିକଟରେ ଥିବା ଝାଡେଶ୍ୱର ମହାନ୍ତିଙ୍କ ଦୋକାନକୁ ଅମୁଲ ଆଣିବା ଲାଗି ଯାଇଥିବା ବେଳେ ପପୁ, ବବୁଲ, ବିକ୍ରମ ଏବଂ ତାଙ୍କର ଜଣେ ସହଯୋଗୀ ପୂର୍ବରୁ ସେଠାରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଦୋକାନୀଙ୍କ ଅନୁରୋଧ କ୍ରମେ ସେଠାରେ ବିଶୃଙ୍ଖଳା ସୃଷ୍ଟି ନ କରିବା ଲାଗି ସେ ଅଭିଯୁକ୍ତମାନଙ୍କୁ କହିଥିଲେ। ଏହାକୁ ନେଇ ଅଭିଯୁକ୍ତମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଯାହାଦ୍ୱାରା କି ସେ ତଳେ ପଡ଼ିଯାଇଥିଲେ। ତଳେ ପଡ଼ିଥିବା ଅବସ୍ଥାରେ ଅଭିଯୁକ୍ତ ପପୁ ତାଙ୍କୁ ଥଣ୍ଡା ପାନୀୟ ବୋତଲ ସାହାଯ୍ୟରେ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ ଏବଂ ଅଭିଯୁକ୍ତ ମାନେ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଚେତାଶୂନ୍ୟ ହୋଇ ଯାଇଥିଲେ। ସୂଚନା ପାଇ ପରିବାର ସଦସ୍ୟ ତାଙ୍କୁ ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଇଟେକ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ପରେ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଥିଲେ।

● ଅଶୋକ ନଗରରେ ଆତଙ୍କ ଘଟଣା

# ଅଢ଼େଇ ବର୍ଷ ପରେ ଧରାପଡ଼ିଲା ସୀମାଞ୍ଚଳ

ଭୁବନେଶ୍ୱର, ୧୨।୭ (ସମିସ): ଅଶୋକ ନଗରରେ ଆତଙ୍କ ଖେଳାଇବା ସହିତ ଟ୍ରାଭେଲ୍ସ ମାଲିକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାର ଅଢେଇ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫାଳିକିଆ ବସ୍ତିର ସୀମାଞ୍ଚଳ ରେଡ୍ଡୀ (୨୭)। ପୁଲିସ ସୂଚନା ଅନୁସାରେ, ଅଶୋକ ନଗର ସ୍ଥିତ ଆରବୀ ଟ୍ରାଭେଲ୍ସର ମାଲିକ ମାନସ ପ୍ରଧାନଙ୍କ ସାନଭାଇ ବିଶ୍ୱଜିତ ମଲ୍ଲ ୨୦୨୩ ମସିହା ଜାନୁୟାରୀ ୧୪ ତାରିଖ ଦିନ ଅଫିସ ବାହାରେ ଫୋନରେ କଥା ହେଉଥିଲେ। ସେହି ସମୟରେ ସୀମାଞ୍ଚଳ, ସନିଆ ଓ ତାଙ୍କ ସହଯୋଗୀମାନେ ସମ୍ମିତ ଏନଏକ୍ସ ହୋଟେଲ ପଛପାଖରୁ କିଛି ଲୁହା ସାମଗ୍ରୀ ଚୋରୀ କରୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବିଶ୍ୱଜିତଙ୍କ ପାଖକୁ ଆସି କାହିଁକି ଭିଡିଓ କରୁଛ ବୋଲି ପଚାରିଥିଲେ। ଏକ ଭଙ୍ଗା ବୋତଲରେ ଆକ୍ରମଣ ଧମକ ଦେଇ ୪୮୦୦ ଟଙ୍କା ଓ ଏକ ସୁନା ମୁଦି ଛଡ଼ାଇ ନେଇଥିଲେ। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଅଫିସ ଭିତରେ ପଶି ୧୮ ହଜାର ଟଙ୍କା ନେଇ ଯାଇଥିଲେ। ମାନସ ବିରୋଧ କରିବାରୁ ତାଙ୍କ ନିକଟରୁ ୨ଟି ସୁନା ଚେନ ଓ ସୁନା ମୁଦି ଛଡ଼ାଇ ନେଇଥିଲେ। ଏହାସହିତ ଅଫିସ ବାହାରେ ଥିବା ବାଇକକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ସେହି ବର୍ଷ ମେ ମାସରେ ସନିଆକୁ ଗିରଫ କରିବା ସହ ଚୋରି ହୋଇଥିବା ସୁନା ଚେନ ଓ ଫୋନ ଜବତ କରିଥିଲା। ଆଜି ଫାଳିକିଆ ବସ୍ତିରୁ ସିମାଞ୍ଚଳକୁ ଗିରଫ କରିଥିଲା। ସୀମାଞ୍ଚଳ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୧୬ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଯାତ୍ରୀଙ୍କ ପ୍ରତି ବଢୁଛି 'ଆମ ବସ୍' କର୍ମଚାରୀଙ୍କ ଔଦ୍ଧତ୍ୟ

### କ୍ରୁଟ୍ ଆୟୋଜନ କରିବ କର୍ମଚାରୀ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୧୨।୭ (ସମିସ): ଦିନକୁ ଦିନ ଆମ ବସ୍ ଯାତ୍ରୀଙ୍କ ପ୍ରତି କର୍ମଚାରୀଙ୍କ ଔଦ୍ଧତ୍ୟ ବଢ଼ିବାରେ ଲାଗିଛି। ଯାହାକୁ କେନ୍ଦ୍ରକରି ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ କ୍ରୁଟ୍ ପକ୍ଷରୁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଯୋଜନା କରାଯାଇଛି। ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଏହି ପ୍ରଶିକ୍ଷଣ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

ଆମ ବସ୍ ଯାତ୍ରୀଙ୍କୁ ବସ୍ ଭିତରୁ ମୁଥମାରି ଠେଲିଦେବା ସହ ନିସ୍ତୁକ ମାଡ଼ ମାରିବା ଘଟଣାରେ ବସ୍‌ର ପାଇଲଟ୍ ଓ କଣ୍ଡକ୍ଟରଙ୍କୁ କ୍ରୁଟ୍ କାର୍ଯ୍ୟରୁ ହଟାଇ ଦେଇଛି। ଏହି ଘଟଣାକୁ ନେଇ ଜନଅସନ୍ତୋଷ ବଢୁଥିଲା ବେଳେ ସହଯୋଗୀ କଣ୍ଡକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେମାନଙ୍କ ବିରୋଧରେ କ୍ରୁଟ୍ ଥାନାରେ ଏତଲା ଦେଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି। ଯାତ୍ରୀଙ୍କ ବିରୋଧରେ ଆମ ବସ୍ କର୍ମଚାରୀଙ୍କ ଦୁଃବ୍ୟବହାର ବଢ଼ିବାରେ ଲାଗିଛି। ଏମାନେ ଯାତ୍ରୀଙ୍କୁ କେତେବେଳେ ବ୍ୟବହାର ଖାରାପ କରୁଛନ୍ତି ପୁଣି କେତେବେଳେ ଆକ୍ରମଣ କରୁଛନ୍ତି। ଏହାକୁ ନେଇ ଏବେ ଚିନ୍ତାରେ କ୍ରୁଟ୍। ଏଣୁ ଆମ ବସ୍ କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉ ଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉ ନାହିଁ। ଏସମ୍ପର୍କରେ କ୍ରୁଟ୍ ଏମ୍‌ଡି ଡଃ. ଏନ୍ ତିରୁମାଳା ନାଏକ କହିଛନ୍ତି ଆମ ବସ୍ କର୍ମଚାରୀଙ୍କୁ ଅନେକ ସମୟରେ ସଚେତନ କରାଯାଉଛି। ଏହାସତ୍ତ୍ୱେ ଅଘଟଣ ଘଟୁଛି। କାର୍ଯ୍ୟରତ ଡ୍ରାଇଭରଙ୍କୁ ତୁରନ୍ତ କାର୍ଯ୍ୟରୁ ବାହାର କରାଯାଇଛି।

# କ୍ରିପ୍ଟୋରେ ଲାଗିଛି 'ସରକାରୀ' କଳାଧନ

- **ଦୁର୍ନୀତିଖୋରଙ୍କ ଆୟର ସୁରକ୍ଷିତ ସ୍ଥାନ କ୍ରିପ୍ଟୋ କରେନ୍ସି**
- **କଏନର ଥଳକୂଳ ପାଉନାହାନ୍ତି ଭିଜିଲାନ୍ସ ଓ ଆୟକର ବିଭାଗ**

ଭୁବନେଶ୍ୱର, ୧୨।୭ (ସମିସ): ଦୁର୍ନୀତିଖୋର ଅଧିକାରୀମାନଙ୍କ ପାଇଁ ଏବେ ବିକଳ୍ପ ପାଲଟିଛି କ୍ରିପ୍ଟୋ କରେନ୍ସି। ସେମାନେ ବିଭିନ୍ନ କରେନ୍ସିରୁ ବିଟ୍ କଏନ୍ କିଣି ଟଙ୍କା ଲଗାଇଛନ୍ତି। ଯାହାଫଳରେ କଏନ୍‌ର ମୂଲ୍ୟ ବଢ଼ିବା ପରେ ସେମାନଙ୍କ କଳାଧନର ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ପୂର୍ବରୁ ଦୁର୍ନୀତିଖୋର ଅଫିସର କଳାଧନ ଲୁଚାଇବା ପାଇଁ ଆଗରୁ ସୁନା, ଜମି କିଣୁଥିଲେ। ଆହୁରି ମଧ୍ୟ ବିଡା ବିଡା ନୋଟ ବିଭିନ୍ନ ଠିକଣାରେ ରଖୁଥିଲେ। କିନ୍ତୁ ଏବେ କଳାଧନ ଲୁଚାଇ ରଖିବାର ଠିକଣା ବଦଳି ଗଲାଣି। ଏବେ ଦୁନୀତିଖୋର ସରକାରୀ ବାବୁ କ୍ରିପ୍ଟୋ କରେନ୍ସିରେ କଳାଧନ ଲୁଚାଉଛନ୍ତି। ଯାହାକି ଭିଜିଲାନ୍ସ ପୂର୍ବରୁ ଗିରଫ କରିଥିବା ସରକାରୀଙ୍କ ବାବୁ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ ଏବଂ ଅନ୍ୟମାନେ ଏହି କ୍ରିପ୍ଟୋ କଏନରେ ଟଙ୍କା ଲଗାଇଥିଲେ। ବିଭିନ୍ନ ଲୋକଙ୍କ ନାମରେ ଆଇଡି ଖୋଲି ସରକାରୀ ବାବୁ ସେଥିରେ ଟଙ୍କା ଲଗାଇଛନ୍ତି। ପ୍ରଥମେ ସେ ନିଜ ଆକାଉଣ୍ଟରୁ ଟଙ୍କା ଏହି କ୍ରିପ୍ଟୋ କଏନ୍ ମାଧ୍ୟମରେ ଲଗାଉଥିଲେ। ନିହାର ଧରାନପଡ଼ିବା ପାଇଁ ଅନ୍ୟଠାରୁ ନଗଦ କ୍ୟାସ୍ ଦେଇ କଏନ୍ କିଣୁଥିଲେ।



### କଏନ୍ ଲଗାଇବାକୁ ଅଛନ୍ତି ଏଜେଣ୍ଟ

କ୍ରିପ୍ଟୋରେ ଟଙ୍କା ଲଗାଇବା ସହଜ ନୁହେଁ। ତେଣୁ ରାଜଧାନୀରେ ଏବେ ଏକାଧିକ ଏଜେଣ୍ଟ ବୁଲୁଛନ୍ତି। ସେମାନେ ଲୋକଙ୍କୁ ଲଗାଇବା କୌଶଳ ଶିଖାଉଛନ୍ତି। ଯାହାଫଳରେ ସେମାନେ ସରକାରୀ ବାବୁ, ଠିକାଦାର ଆଦିଙ୍କୁ ଶିକ୍ଷା ଦେଉଛନ୍ତି। ଏହାଦ୍ୱାରା ସରକାରୀ ବାବୁ ଯେଉଁ କଳାଧନ ଅର୍ଜନ କରୁଛନ୍ତି। ସେମାନେ ଏଥିରେ ଲଗାଇ ଦେଉଛନ୍ତି। ନିଜ ଆଣ୍ଡ୍ରୋଏଡ୍ ଫୋନ୍‌ରେ ଇନ୍‌ଷ୍ଟଲ୍ କରି ଏକ ଆଇଡି ଖୋଲିବେ। ଆଇଡି ଖୋଲିବା ପରେ କିଭଳି କ୍ରିପ୍ଟୋରେ ସେୟାର କିଣିବେ ତାହାର ବାଟ ବତାଉଛନ୍ତି ଏଜେଣ୍ଟ। ଅଭିଯୁକ୍ତମାନେ ମୋବାଇଲରେ କ୍ରିପ୍ଟୋର ଏକାଧିକ ଆପ୍ ଇନ୍‌ଷ୍ଟଲ କରି କଳାଧନ ଲଗାଉଛନ୍ତି।

### ବାବୁଆଣୀଙ୍କ ନାମରେ କ୍ରିପ୍ଟୋ ଆକାଉଣ୍ଟ

କଳାଧନର ନୂଆ ଠିକଣା ପାଲଟିଥିଲା କ୍ରିପ୍ଟୋ କରେନ୍ସି। ସରକାରୀ ବାବୁ ନିଜ ନାମରେ କମ୍ ଏବଂ ପତ୍ନୀଙ୍କ ନାମରେ ଏକାଧିକ ଆଇଡି ଖୋଲି କ୍ରିପ୍ଟୋ କରେନ୍ସିରେ କଳାଧନ ଲଗାଉଛନ୍ତି। ଅନେକ କ୍ଷେତ୍ରରେ ପିଲାଙ୍କ ନାମରେ ମଧ୍ୟ କ୍ରିପ୍ଟୋ ଆକାଉଣ୍ଟ ଖୋଲି ଟଙ୍କା ରଖୁଛନ୍ତି। ଏଥିରେ କୌଣସି କାଗଜପତ୍ରର ଆବଶ୍ୟକ ପଡେ ନାହିଁ। କେବଳ ଆପ୍‌ରେ ଆଇଡି, ପାସ୍‌ୱାର୍ଡ ମାରିବା ପରେ ତାହା ଖୋଲିବା ପରେ କେତେ କଏନ ଅଛି ସ୍ପଷ୍ଟ ହୁଏ। ସ୍ୱତନ୍ତ୍ର ଏକ୍ସପର୍ଟ୍ ନ ହେଲେ ଏହି କ୍ରିପ୍ଟୋକୁ ଧରିବା ଅସମ୍ଭବ ତେଣୁ ଭିଜିଲାନ୍ସ ଭଳି ଓଡ଼ିଶା ପୁଲିସ ମଧ୍ୟ ଏକ୍ସପର୍ଟ୍‌ଙ୍କୁ ନିଯୁକ୍ତି କରିବା ଆବଶ୍ୟକ।

### କ୍ରିପ୍ଟୋ କରେନ୍ସି କ'ଣ

ବ୍ୟକ୍ତିଗତ ନିୟନ୍ତ୍ରଣରେ ରହିଥାଏ ଏହି କରେନ୍ସି। କୌଣସି ସରକାରୀ ସଂସ୍ଥା ଏହାର ନିୟନ୍ତ୍ରଣ କରି ନ ଥାଏ। ଏଥିରେ କାରବାର କଲେ ଏହାକୁ କେଉଁଠି ରେକର୍ଡ ହୋଇନଥାଏ। ଆୟକର ବିଭାଗ ଏହି କାରବାରକୁ ଜାଣି ପାରିନଥାଏ। ତେଣୁ ଆୟକର ଫାଙ୍କିବା ସହଜ ହୋଇଯାଏ। କେତେ ଟଙ୍କାର ନିବେଶ ହେଲା, କେଉଁପ୍ରକାର କାରବାର ହେଲା, ତାକୁ ଜାଣିବା ସମ୍ଭବ ହୋଇନଥାଏ। ତେଣୁ ଏବେ ରାଜଧାନୀର ଏକାଧିକ ସରକାରୀ ବାବୁ କ୍ରିପ୍ଟୋ ଏବଂ ବିଟ୍ କଏନ୍ ମାଧ୍ୟମରେ କୋଟି କୋଟି ଟଙ୍କାର କଳାଧନ ରଖିଥିବା ସନ୍ଦେହ କରାଯାଉଛି।

### କ'ଣ ଏହି 'କ୍ରିପ୍ଟୋ ୱାଲେଟ୍

କ୍ରିପ୍ଟୋ ୱାଲେଟ୍ ଏକ ଡିଜିଟାଲ ୱାଲେଟ୍। ଯେଉଁଥିରେ ଡିଜିଟାଲ କରେନ୍ସି ରଖାଯାଏ। ସ୍ମାର୍ଟଫୋନରେ ଏହି ଆପକୁ ଡାଉନଲୋଡ କରିହେବ। ଏଥିରେ ବିଟ କଏନ, ଇଥେରିୟମ ଭଳି କ୍ରିପ୍ଟୋ-କରେନ୍ସିକୁ ସୁରକ୍ଷିତ ରଖାଯାଇପାରିବ। କ୍ରିପ୍ଟୋ-କରେନ୍ସି କାରବାର ପାଇଁ ଏହି ୱାଲେଟ୍ ବ୍ୟବହାର କରାଯାଏ। ଏହି କାରବାର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥାଏ। ପାସୱାର୍ଡ ବା ସ୍ୱତନ୍ତ୍ର କି' ଦ୍ୱାରା ଏଥିରେ କାରବାର ହୋଇଥାଏ। ଭାରତରେ କ୍ରିପ୍ଟୋ-କରେନ୍ସିର କାରବାର ହୋଇ ପାରୁନାହିଁ। ଟିଆରଏକ୍ସ-ଟ୍ରାନ୍ସ, ଟ୍ରଷ୍ଟ ୱାଲେଟସ, ପିଏଲସିୟୁ ଭଳି ୱାଲେଟ୍ ଜରିଆରେ କ୍ରିପ୍ଟୋ କରେନ୍ସି ରଖାଯାଏ।



ସକାଳ THE SAKALA
ରବିବାର
୧୩ ଜୁଲାଇ, ୨୦୨୫



## ଅଡୁଆରେ ସରକାର

# ୨୧ଟ୍ରାଫିକ ସବ୍-ଇନ୍ସପେକ୍ଟର୍ ପଦରୁ ୭ଟିରେ ଅଙ୍କୁଶ

ଭୁବନେଶ୍ୱର, ୧୨।୭ (ସମିସ): ୨୧ଟି ଟ୍ରାଫିକ୍ ସବ୍-ଇନ୍ସପେକ୍ଟର୍ ପଦ ପୂରଣ ନେଇ ଅଡୁଆରେ ପଡ଼ିଛନ୍ତି ସରକାର। ଏସବୁ ପଦରେ ନିଯୁକ୍ତି ପାଇଁ ମାମଲା ଅଦାଲତରେ ବିଚାରାଧୀନ ଥିବାରୁ ୭ଟି ପଦ ସଂରକ୍ଷଣ ରହିଛି। ଅର୍ଥାତ୍ ସୁପ୍ରିମକୋର୍ଟ ୪ଟି ଏବଂ ହାଇକୋର୍ଟ ୩ଟି ପଦ ବ୍ୟତୀତ ଅବଶିଷ୍ଟ ପଦରେ ନିଯୁକ୍ତି କରିବାକୁ ରାୟ ଦେଇଛନ୍ତି।

ମୋଟ୍ ୨୧ଟି ପଦ ମଧ୍ୟରୁ ପାଇଁ ୫୦% ପଦରେ ବିଭାଗୀୟ ପଦୋନ୍ନତି ଆଧାରରେ ଏବଂ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ଚାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ଏକ ଅନ୍ତରୀଣ ଆଦେଶରେ ତିନୋଟି ପଦ ପୂରଣ ନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିଲା ବେଳେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟରେ ରୁଜୁ ସ୍ୱତନ୍ତ୍ର ଲିଭ୍ ପିଟିସନ୍‌ର ପରବର୍ତ୍ତୀ ଶୁଣାଣି ନହେବା ପର୍ଯ୍ୟନ୍ତ ଏହି ତିନୋଟି ପଦବି ପୂରଣ କରାଯିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୪ ନଭେମ୍ବର ୨୭ ତାରିଖରେ ଏକ ରାୟ ପ୍ରଦାନ କରି ଏହି ୨୧ଟି ପଦ ମଧ୍ୟରୁ ୫୦% ପଦବିରେ ବିଭାଗୀୟ ପଦୋନ୍ନତି ଆଧାରରେ ନିଯୁକ୍ତି ଦେବାକୁ କହିଥିଲା ବେଳେ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ କହିଥିଲେ। ଏହାକୁ ଚାଲେଞ୍ଜ କରି ଏସ୍‌ଟିଏ ପକ୍ଷରୁ ହାଇକୋର୍ଟରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଗୋଟିଏ ମାମଲାରେ ହାଇକୋର୍ଟ ଗତ ମାର୍ଚ୍ଚ ୧୭ ତାରିଖରେ ରାୟ ପ୍ରକାଶ କରି ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ସହ ସିଧାସଳଖ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ୪ଜଣ ଆଶାୟୀ ପ୍ରାର୍ଥୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ ମାମଲାର ଶୁଣାଣି କରି ୪ଟି ପଦ ପୂରଣ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ।

ଉକ୍ତ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରଧୀନ ଥିଲା ବେଳେ ଏସ୍‌ଟିଏର ଅନ୍ୟ ରିଟ୍ ଅପିଲ୍ ଉପରେ ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାରେ ଆଉ ୩ ଜଣ ଆଶାୟୀ ପ୍ରାର୍ଥୀ ନିଜର ପକ୍ଷ ରଖି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିଥିଲେ। ଯେହେତୁ ୪ଟି ପଦ ଖାଲି ରଖିବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇ ସାରିଛନ୍ତି, ସେହି ଆଧାରରେ ଅନ୍ୟ ତିନିଜଣଙ୍କ ଲାଗି ମଧ୍ୟ ପଦ ଖାଲି ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏପଟେ ସେପଟେମ୍ବର ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଲିଖିତ ପରୀକ୍ଷା କରିବାକୁ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଛି। ଅନ୍ୟପଟେ ଅଦାଲତଙ୍କ ରାୟ ସରକାରଙ୍କୁ ଅଡୁଆ ପରିସ୍ଥିତିରେ ପକାଇଛି। ସୂଚନାଯୋଗ୍ୟ, ୩ ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତି ଏହି ମାମଲା ପରିଚାଳନା କରୁଛନ୍ତି।

## ରାସ୍ତାକଡ଼ରେ ପ୍ରସବ କଲେ ମାନସିକ ଭିନ୍ନକ୍ଷମ

# ଜଙ୍ଗଲ ରାସ୍ତାରେ ମା'-ଛୁଆଙ୍କୁ ଛାଡ଼ି ଚାଲିଗଲା 'ସଖୀ' ଗାଡ଼ି

ତୁମୁଡ଼ିବନ୍ଧ, ୧୨।୭ (ସମିସ): ଦୁଷ୍କର୍ମର ଶିକାର ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ଯୁବତୀ ରାସ୍ତାକଡ଼ରେ ପ୍ରସବ କରିବା, ଉଭୟ ମା'-ଛୁଆଙ୍କୁ ଜଙ୍ଗଲ ରାସ୍ତାରେ ଛାଡ଼ି 'ସଖୀ' ଗାଡ଼ି ସେଠାରୁ ପଳାଇବା ଭଳି ଅମାନବୀୟ ଘଟଣା ଆଜି ପଦାକୁ ଆସିବା ପରେ କନ୍ଧମାଳ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ ତୁମୁଡ଼ିବନ୍ଧ ସିଡିପିଓଙ୍କ ଉଦ୍ୟମ ଯୋଗୁଁ ଉଭୟଙ୍କ ଜୀବନ ବଞ୍ଚିଯାଇଛି। ଉଭୟ ମା'-ଛୁଆଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ତୁମୁଡ଼ିବନ୍ଧ ବ୍ଲକ ଗୁମ୍ମା ପଞ୍ଚାୟତ ଅଞ୍ଚଳର ଜଣେ ୨୨ ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ କରିଥିଲା। ଏଥିରେ ଯୁବତୀଜଣଙ୍କ ଗର୍ଭବତୀ ହୋଇଯାଇଥିଲେ। ଖବର ପାଇ ତୁମୁଡ଼ିବନ୍ଧ ସିଡିପିଓ ଲତା ଦିଗାଲ ଏବଂ ଅଙ୍ଗନବାଡ଼ି ସୁପରଭାଇଜର୍ ଗତ ଜୁନ୍ ୯ ତାରିଖରେ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା କେନ୍ଦ୍ରରେ ଛାଡ଼ିଥିଲେ। କିନ୍ତୁ ଆଜି ଯୁବତୀଙ୍କ ପ୍ରସବବେଦନା ହେବାରୁ ସେ ଅନ୍ୟ ଅନ୍ତେବାସୀମାନଙ୍କୁ କାମୁଡ଼ାକାମୁଡ଼ି କରିଥିଲେ। ଖବର ପାଇ ପୀଡ଼ିତାଙ୍କ ପରିବାରଲୋକ ଓ ଅଙ୍ଗନବାଡ଼ି କର୍ମୀ ନମିତା ତାଙ୍କୁ 'ସଖୀ' ଗାଡ଼ିରେ ଫୁଲବାଣୀରୁ ନିଜ ଘର ଗୁଚୁକାକୁ ଆଣୁଥିଲେ। କିନ୍ତୁ ବାଟରେ ପ୍ରସବବେଦନା ଅଧିକ ହେବାରୁ ଗାଡ଼ିଟି ଅଟକି ଯାଇଥିଲା। ବେଲଘର ରାସ୍ତାର ଜଙ୍ଗଲ ରାସ୍ତାକଡ଼ରେ ଯୁବତୀଜଣଙ୍କ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ, ଏହି ସମୟରେ ସେମାନଙ୍କୁ ଆଣି ଆସିଥିବା 'ସଖୀ' ଗାଡ଼ିଟି ମା' ଓ ଶିଶୁକୁ ସଂକଟାପନ୍ନ ଅବସ୍ଥାରେ ସେମିତି ଅବସ୍ଥାରେ ଛାଡ଼ି ଫୁଲବାଣୀ ଅଭିମୁଖେ ଚାଲିଯାଇଥିଲା। ସଙ୍ଗେସଙ୍ଗେ ଅଙ୍ଗନବାଡ଼ିକର୍ମୀ ନମିତା ତୁମୁଡିବନ୍ଧ ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲତା ଦିଗଲଙ୍କୁ ଫୋନ୍ କରି ଜଣାଇବା ପରେ ସିଡିପିଓ ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇବା ମାତ୍ରେ ଡା. ବିଜୟ କୁମାର ଭୋଇ ଓ କରିସ୍ମା ନାୟକ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଯୁବତୀକୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଫୁଲବାଣୀରୁ ଆସିଥିବା 'ସଖୀ' ବାହାନ କିପରି ଅସହାୟ ଅବସ୍ଥାରେ ମା' ଓ ନବଜାତ ଶିଶୁକୁ ରାସ୍ତାରେ ଛାଡ଼ି ଚାଲିଗଲା, ତାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଗଳା କାଟି ମହିଳାଙ୍କୁ ହତ୍ୟା

ଭବାନୀପାଟଣା,୧୨।୭(ସମିସ): ଭବାନୀପାଟଣା ସଦର ଥାନା ମୂଷିଗୁଡ଼ା ଗାଁରେ ଶୁକ୍ରବାର ଜଣେ ମହିଳାଙ୍କ ଗଳାକାଟି ହତ୍ୟା କରାଯାଇଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଜନନୀ ହରିଜନ (୬୧)। ସେହି ଗାଁର ସଂଜିତ ନାଏକ (୨୦) ନାମକ ଜଣେ ଯୁବକ ତାଙ୍କ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଗିରଫଦାରୀ ଭୟରେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ଲାଞ୍ଜିଗଡ଼ ବ୍ଲକ୍ ଲାଖବାହଲି ପଞ୍ଚାୟତ ତାଳବର ଗାଁର ଜନନୀଙ୍କ ପରିବାରଲୋକେ ୧୦ବର୍ଷ ହେବ ଭବାନୀପାଟଣା ବ୍ଲକ୍ ଯୁଗସାଇ ପାଟଣା ପଞ୍ଚାୟତ ମୂଷିଗୁଡ଼ା ଗାଁରେ ରହୁଛନ୍ତି। ଜନନୀଙ୍କ ସ୍ୱାମୀ ମଙ୍ଗଳୀ ହରିଜନଙ୍କ ୫ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ତାଙ୍କର ଗୋଟିଏ ପୁଅ ଓ ୩ଜଣ ଝିଅ ବାହା ହୋଇଯାଇଛନ୍ତି। ଜନନୀ ସହ ତାଙ୍କ ସମ୍ପର୍କୀୟ ସୁଦାମା ହରିଜନ (୪୦)ମଧ୍ୟ ମୂଷିଗୁଡା ଗାଁରେ ରହୁଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ମହିଳାଦ୍ୱୟ ଘର ଭିତରେ ଶୋଇଥିବା ବେଳେ ସଂଜିତ ଜନନୀଙ୍କ ଗଳା କାଟି ହତ୍ୟା କରି ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ତାହା ଜଣାପଡ଼ିନାହିଁ। ଶନିବାର ସକାଳେ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ଭବାନୀପାଟଣା ସଦର ଥାନା ଅଧିକାରୀ ନରେଶ ପ୍ରଧାନ, ସୌମ୍ୟରଞ୍ଜନ ପଧାନ, ଏସଆଇ ସୁନୀତା ସେଠି, କଳାହାଣ୍ଡି ଅତିରିକ୍ତ ସାଇନ୍ଟିଫିକ ଅଧିକାରୀ ପୁଷ୍ପାଞ୍ଜଳି ତାଣ୍ଡି ପ୍ରମୁଖ ଡଗ୍‌ସ୍କ୍ୱାଡ୍ ସହ ପହଞ୍ଚି ତଦନ୍ତ ଚଳାଇଥିଲେ।

# କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ପରଲୋକ



କଟକ,୧୨।୭(ସମିସ): ବିଶିଷ୍ଟ ସଂଗୀତକାର ତଥା ଗୀତିକାର ଶ୍ରୀକାନ୍ତ ଆଉ ନାହାନ୍ତି। ଏଣିକି ତାଙ୍କ କଣ୍ଠରୁ ଆଉ ଶୁଭିବ ନାହିଁ'ଆସୁଛି 'ଆମ ସାହି ମେଢ଼ ଆସୁଛି' କି 'ଚାଲିଲା ଗାଡ଼ି ବାଦାମବାଡ଼ି'। ୭୯ ବର୍ଷ ବୟସରେ ତାଙ୍କର ଶେଖବଜାରସ୍ଥିତ ବାସଭବନରେ ପରଲୋକ ଘଟିଛି। କେନ୍ଦ୍ରପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର 'ମାଟିଆ' ଗ୍ରାମରେ ଜନ୍ମିତ ଶ୍ରୀକାନ୍ତ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଆଜି ରାତିରେ ତାଙ୍କର ଦେହାନ୍ତ ଖବର ପାଇବା ପରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ କଣ୍ଠଶିଳ୍ପୀ, ଗୀତିକାର, ସଂଗୀତ ନିର୍ଦ୍ଦେଶକ ଓ ସର୍ବୋପରି ତାଙ୍କୁ ଭଲ ପାଉଥିବା ସଂଗୀତପ୍ରେମୀ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତୀଚଉରାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

ଆକାଶର ବୁକୁ ଚିରି, ଜହ୍ନ ହସେ କିରିକିରି, ସକଳତୀର୍ଥ ତୋ ଚରଣେ, ଚାଲିଲା ଗାଡ଼ି ବାଦାମବାଡ଼ି, ଚାଲ୍ ପଳାଇଯିବା ଛାଡ଼ି ଆମେ ସହର, ଆସୁଛି ଆମ ସାହି ମେଢ଼ ଆସୁଛି-ଆଗରେ ପଛରେ ଟୋକା ନାଚୁଛନ୍ତି ନାଲିଆ ଗାମୁଛା ଉଡୁଛି ଏବଂ ହଜିଗଲା ମୋର ନେଉଳ ଛୁଆ ପରି ଅନେକ ଲୋକପ୍ରିୟ ଓଡ଼ିଆ ଗୀତ ଗାଇ ସେ ପ୍ରତ୍ୟେକଟି ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ସେ କେବଳ ଓଡ଼ିଆ ଆଲବମ୍ ଗୀତ ନୁହେଁ, ବରଂ ଓଡ଼ିଆ ସିନେମା ଜଗତରେ ନିଜ ଚମତ୍କାର କଣ୍ଠସ୍ୱର ପାଇଁ ଦୀର୍ଘ ଦଶନ୍ଧି ଧରି ଶ୍ରୋତାଙ୍କ ମନରେ ରାଜ୍ କରି ଆସୁଥିଲେ। ତାଙ୍କର କିଛି ଲୋକପ୍ରିୟ ଗୀତ ମଧ୍ୟରେ ଲିଙ୍ଗରାଜ ବାବା ପାର୍ କରେଗା, ଅପବାଦ ଦିଅନାହିଁ, ଲାଲ୍ ଲାଲ୍ ଗୋଲାପ ଫୁଲ ଏବଂ ମନ ମୋହିନୀ ଅନ୍ତର୍ଭୁକ୍ତ।

ଏହାବ୍ୟତୀତ ବହୁ ଲୋକପ୍ରିୟ ଭଜନରେ ମଧ୍ୟ ତାଙ୍କ ଅବଦାନ ଯୋଗୁଁ ଶ୍ରୋତାଙ୍କ ମାନସପଟରେ ଏକ ଅଭୁଲା ସ୍ମୃତି ପାଲଟି ଯାଇଛନ୍ତି। ସେ ୧୯୮୫ ମସିହାରେ ଓଡ଼ିଆ ଆଧୁନିକ ଗୀତ 'ଶ୍ରୀକାନ୍ତ ଦାସ' ନାମରେ ରିଲିଜ୍ କରାଇଥିଲେ। ଅନ୍ୟାନ୍ୟ ଆଲବମ୍ ଓ ସଂଗୀତ ସଂକଳନ ମଧ୍ୟରେ ଶ୍ରୀକାନ୍ତ ଶେଖର, ଚିତ୍ତ-ପୁଷ୍ପା ଓ ହଜିଗଲା ମୋର ନେଉଳ ଛୁଆ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହିତ ଓଡ଼ିଆ ଜନମାନସରେ ଚିରସବୁଜ ସ୍ମୃତି ହୋଇ ରହିଛି। ୧୯୯୨ ମସିହାରେ ପଞ୍ଜୁରୀ ଭିତରେ ସାରୀ, ୧୯୯୪ ମସିହାରେ ମହୁଆ, ୧୯୯୭ ମସିହାରେ ସୁନା ସଂସାର, ୧୯୯୯ ମସିହାରେ ମା' ଗୋଜବାୟାଣୀ, ୨୦୦୧ ମସିହାରେ କଳା ମାଣିକ ଭଳି ସିନେମାରେ ନିଜର କଣ୍ଠଦାନ କରି ଓଲିଉଡ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ନିଜର ପ୍ରଚଣ୍ଡ ପ୍ରତିଭା ନିମନ୍ତେ ସେ ବହୁପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରକାଶ ଥାଉ କି, ତାଙ୍କର ୨ଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ପୂର୍ବରୁ ତାଙ୍କ ପତ୍ନୀ ଇହଲୀଳା ସମ୍ବରଣ କରିଥିଲେ।

## ଓମ୍‌ଫେଡ୍‌ର ସର୍ବକାଳୀନ ରେକର୍ଡ

# ୧୭୩ କୋଟି ଟଙ୍କାର ଅଧିକ କାରବାର

ଭୁବନେଶ୍ୱର, ୧୨।୭ (ସମିସ): ଗତ ଆର୍ଥିକ ବର୍ଷରେ ଓମ୍‌ଫେଡ୍ ସର୍ବକାଳୀନ ରେକର୍ଡ ପରିମାଣର କାରବାର କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୫୫କୋଟି ଟଙ୍କାର କାରବାର କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ସମସ୍ତ ରେକର୍ଡକୁ ଭାଙ୍ଗି ୧୦୨୮ କୋଟି ଟଙ୍କାର କାରବାର କରିଛି। ଅର୍ଥାତ୍ ୧୭୩କୋଟି ଟଙ୍କାର ଅଧିକ କାରବାର କରିଥିବା ଓମ୍‌ଫେଡ୍‌ର ସାଧାରଣ ପରିଚାଳକ (ବିତ୍ତ) ସୂଚନା ଦେଇଛନ୍ତି। ଚଳିତବର୍ଷ ଏହି କାରବାର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋ, ମଇଁଷି ଓ ମାଈ ବାଛୁରୀ ପାଳନକୁ ପ୍ରୋତ୍ସାହନ ଦ୍ୱାରା ଏହା ସମ୍ଭବ ହୋଇପାରିଛି।

ଗତ ଜୁନ୍ ୧ରୁ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ପ୍ରଦାନ କରିବା ପରେ ଚାଷୀମାନେ ଓମ୍‌ଫେଡ୍‌କୁ ଅଧିକ ଦୁଗ୍ଧ ଦେବା ଆରମ୍ଭ କରିଦେଇଛନ୍ତି। ଏବେ ଦୈନିକ ହାରାହାରି ୬ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ ହେଉଛି। ପୂର୍ବରୁ ଦୈନିକ ହାରାହାରି ୫ଲକ୍ଷ ୯୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଥିଲା। ସେହିପରି ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ନେଇ ମିଶନ ମୋଡ୍‌ରେ

**ଦିନକୁ ହାରାହାରି ୬ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ**

କାର୍ଯ୍ୟକାରୀ ହେଉଛି କାମଧେନୁ ଯୋଜନା। ବର୍ତ୍ତମାନ ସୁଦ୍ଧା ସମଗ୍ର ରାଜ୍ୟରେ ୩ଲକ୍ଷ ଗୋପାଳକଙ୍କୁ ୭୧କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ, ଅରିଲୋସ୍ଥିତ ଓମଫେଡ୍ ଡାଏରୀରେ ପୂର୍ବରୁ ଆଇଓସିଏଲଠାରୁ ଏଲପିଜି ଗ୍ୟାସ୍ ସିଲିଣ୍ଡର୍ ଆସି ବ୍ୟବହାର ହେଉଥିଲା। ମାତ୍ର ଗତବର୍ଷଠାରୁ ଗେଲ୍ ଇଣ୍ଡିଆ ଲିମିଟେଡଠାରୁ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ ବ୍ୟବହାର କରାଯାଉଛି। ଏହାଦ୍ୱାରା ମାସକୁ ୩୦ଲକ୍ଷରୁ ଅଧିକ ଟଙ୍କା ସଞ୍ଚୟ କରାଯାଇପାରୁଛି।

## ଅପହରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

# ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷଙ୍କୁ ରାତିଅଧିଆ ଉଠାଇନେଲା ପୁଲିସ

ଦେବଗଡ଼/ବଲାଙ୍ଗିର,୧୨।୭(ସମିସ): ଓଡ଼ିଶା ଡ୍ରାଇଭର୍ ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଇନ୍ତଲା ପୁଲିସ୍ ରାତି ଅଧିଆ ଉଠାଇନେବା ଏବଂ ଏ ସଂପର୍କରେ ଜାଣିନପାରି ତାଙ୍କ ପରିବାରଲୋକ ଓ ସଂଘର କର୍ମକର୍ତ୍ତାମାନେ ଦେବଗଡ଼ ଥାନାରେ ଅପହରଣ ନେଇ ଏତଲା ଦେବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଆଦିତ୍ୟ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ସହ ଜିଲ୍ଲା ସଭାପତି ପଦରେ ଅବସ୍ଥାପିତ ଅଛନ୍ତି। କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ବଇରାସରଠାରେ ଜଣେ ଡ୍ରାଇଭରଙ୍କୁ ମାଡ଼ ଘଟଣାର ସେ ଅନ୍ୟତମ ଅଭିଯୁକ୍ତ ଥିଲେ। ତେଣୁ ଦେବଗଡ଼ ପୁଲିସ୍ ସହାୟତାରେ ପୁଇନ୍ତଲା ପୁଲିସ୍ ଗତରାତିରେ ତାଙ୍କୁ ସଂଘ କାର୍ଯ୍ୟାଳୟରୁ ଏକ ନାଟକୀୟ ଢଙ୍ଗରେ ଗିରଫ କରି ନେଇଯାଇଥିଲା। କିନ୍ତୁ ଆଦିତ୍ୟଙ୍କୁ ନେବା ସମୟରେ ପୁଲିସ ନା ତାଙ୍କ ପରିବାର ନା ସହଯୋଗୀଙ୍କୁ କୌଣସି ସୂଚନା ଦେଇନଥିଲା। ତେଣୁ ଏଥିରେ ଜିଲ୍ଲା ସଂଘର ସଦସ୍ୟମାନେ ବିବ୍ରତ ହୋଇପଡ଼ିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରିନେଇଥିବା ଆଶଙ୍କାରେ ଜିଲ୍ଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଦେବଗଡ଼ ଥାନାରେ ଅପହରଣଜନିତ ଅଭିଯୋଗ କରିଥିଲେ। ଅପରପକ୍ଷେ, ଆଦିତ୍ୟଙ୍କ ବାପା ମଧ୍ୟ ପୁଅର ନିଖୋଜ ସମ୍ପର୍କରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ତେବେ ଦୁଇ ଦୁଇଟି ଅଭିଯୋଗ ପାଇବା ପରେ ଦେବଗଡ଼ ପୁଲିସ୍ ସତ ଉଜାଗର କରିଥିଲା। ଆଦିତ୍ୟଙ୍କୁ ପୁଇନ୍ତଲା ପୁଲିସ୍ ଗିରଫ କରିଛି ବୋଲି ସ୍ପଷ୍ଟ କରିଥିଲା। କିନ୍ତୁ ସଂଘର ଆନ୍ଦୋଳନ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ କାହାରିକୁ ସଠିକ ସୂଚନା ଦେଇନଥିଲା।



ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ସୋନପୁର ପଟୁ ଏକ ମିନିଟ୍ରକ୍ ବଲାଙ୍ଗିର ଆସୁଥିବା ବେଳେ ବଇରାସରଠାରେ ଉକ୍ତ ଟ୍ରକ୍‌କୁ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇଥିଲେ। ସେଠାରେ ମିନିଟ୍ରକ୍‌ରେ ଥିବା ଡ୍ରାଇଭର୍ ମନୋଜ ବଗର୍ତ୍ତିଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ମନୋଜକୁ କିଛି ଡ୍ରାଇଭର ମିଶି ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହୋଇ ବଲାଙ୍ଗିର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇନ୍ତଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଡ୍ରାଇଭରକୁ ମାଡ଼ ମାରିଥିବା ୮ ଜଣ ଡ୍ରାଇଭରଙ୍କୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଉକ୍ତ ଘଟଣାରେ ଫେରାର ଥିବା ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଲିସ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କିନ୍ତୁ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗିର ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ପୁଲିସ୍ ଆଦିତ୍ୟଙ୍କୁ କୁଖ୍ୟାତ ଅପରାଧୀଙ୍କ ଭଳି ପୁଲିସ୍ ରାତିଅଧିଆ ଉଠାଇନେବାକୁ ସଂଘର ସଦସ୍ୟମାନେ ନିନ୍ଦା କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ପୁଲିସ୍ ବିରୋଧରେ ସ୍ଲୋଗାନ୍ ଦେଇ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଛି।

# ଦାସିଆ ଅଜାଙ୍କୁ ଭୁଲିଗଲା ପ୍ରଶାସନ



ନୟାଗଡ଼,୧୨।୭(ସମିସ): ନୟାଗଡ଼ର ପ୍ରବାଦ ପୁରୁଷ ତଥା ପାଠାଗାର ଆନ୍ଦୋଳନର ଜନକ ଦାଶରଥୀ ପଟ୍ଟନାୟକ ତଥା ଦାସିଆ ଅଜାଙ୍କ ୧୧୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କ ପ୍ରତିମୂର୍ତ୍ତି ରହିଥିଲେ ମଧ୍ୟ ଦୁଃଖର ବିଷୟ ଦାସିଆ ଅଜାଙ୍କ ଜୟନ୍ତୀକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭୁଲିଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ କିମ୍ବା କୌଣସି ସଂଗଠନ ତରଫରୁ ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପଡ଼ିନି। ନୂଆଗାଁସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଆଜି ଦିନତମାମ ଫୁଲମାଳ ପଡ଼ି ନଥିବା ବେଳେ ହଠାତ୍ ଅପରାହ୍ଣ ୪.୩୦ରେ ୪ଜଣ ଯୁବକ ଆସି ତାଙ୍କ ପ୍ରତିମୂର୍ତ୍ତିରେ ଗୋଟିଏ ଫୁଲମାଳ ପକାଇଥିବା ଦେଖିବାକୁ ମିଳିଥିଲା। ପୂର୍ବର ପୁରୁଣା ଫୁଲମାଳ ବି ତାଙ୍କ ବେକରେ ପଡ଼ିରହିଛି। ପୂଜ୍ୟପୂଜା ଓ ଓଡ଼ିଆ ଅସ୍ମିତାର କଥା ସରକାର କହୁଥିବା ବେଳେ ଜିଲ୍ଲା ସଦର ମହକୁମାରେ ଦାସିଆ ଅଜାଙ୍କର ପ୍ରତିମୂର୍ତ୍ତିରେ ଫୁଲମାଳ ନ ପଡ଼ିବା ସବୁ ମହଲକୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଦିନତମାମ କେହି ହେଲେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେଲେନି। ଦାସିଆ ଅଜା ହେଉଛନ୍ତି ନୟାଗଡ଼ର ପୂଜ୍ୟପୂଜା। ତାଙ୍କର ପାଠାଗାର ପରିଦର୍ଶନ ପାଇଁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେଭଳି କିମ୍ବଦନ୍ତୀ ପୁରୁଷଙ୍କ ପ୍ରତି ଏଭଳି ଅସମ୍ମାନ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଓ କିଛି ବରିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ଗଣମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ବି ସରକାର ଚେତି ନଥିଲେ।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



ରାଉରକେଲା,୧୨।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରର ଡେଲିମାର୍କେଟଠାରେ ଏକ ଚୂନପଥର ବୋଝେଇ ମାଲବାହୀ ଟ୍ରେନ୍‌ର ୯ଟି ବଗି ଲାଇନଚ୍ୟୁତ ହୋଇଛି। ଏଥିରେ କେହି ମୃତାହତ ହୋଇନଥିବା ଜଣାଯାଇଛି। ମାଲବାହୀ ଟ୍ରେନ୍‌ଟି ବିଏସ୍‌ଏଲ ସାଇଡ଼ିଂରୁ ଚୂନ ପଥର ନେଇ ଦୁର୍ଗାପୁର ଯାଉଥିଲା ବେଳେ ଡେଲିମାର୍କେଟ ନିକଟରେ ଲାଇନଚ୍ୟୁତ ହୋଇଯାଇଥିଲା। ତେବେ ଏହାର କାରଣ ଜଣାପଡ଼ିନାହିଁ। ସୂଚନା ପାଇ ରେଳବାଇ ଅଧିକାରୀ, ବିଏସଏଲ କମ୍ପାନୀ ଅଧିକାରୀ, ବୀରମିତ୍ରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

■ ବାଲିଘାଟ ମାଲିକଙ୍କୁ ଏନ୍‌ଜିଟି ଛାଟ

# ବେଆଇନ ବାଲି ଚାଲାଣ ପାଇଁ ୨୫ଲକ୍ଷ ଦଣ୍ଡ



ବଣାଇଁ,୧୨।୭(ସମିସ): ବଣାଇଁ ତହସିଲ ଟେଣ୍ଡରା ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିଥିବା ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଟେଣ୍ଡରା ଗ୍ରାମ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନକୁ ଗୁରୁତ୍ୱର ସହ ନେଇ କଲିକତାସ୍ଥିତ ପୂର୍ବାଞ୍ଚଳ ଜାତୀୟ ସବୁଜ ଆଇନ ଅଦାଲତ ୨୫.୪୧ଲକ୍ଷ ଟଙ୍କାର କ୍ଷତିପୂରଣ ଲିଜ୍‌ଧାରୀଙ୍କୁ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଦ୍ୱାରା ଗଠିତ ଯୁଗ୍ମ କମିଟି ନିଶ୍ଚିତ କରିଛନ୍ତି ଯେ ବେସରକାରୀ ବା ଘରୋଇ ଲିଜଧାରୀ ପରିବେଶିତ ଆଇନକୁ ଉଲ୍ଲଙ୍ଘନ କରି ଅତ୍ୟଧିକ ବେଆଇନ ବାଲୁକା ଉତ୍ତୋଳନ କରିଛନ୍ତି। ତେଣୁ ପରିବେଶର କ୍ଷତିଭରଣା ପାଇଁ ୨୫.୪୧ ଲକ୍ଷ ଟଙ୍କା ତାଙ୍କ ଠାରୁ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଜଷ୍ଟିସ ଡ. ଅରୁଣ କୁମାର ବର୍ମାଙ୍କ ଖଣ୍ଡ ପୀଠ ଉକ୍ତ କ୍ଷତିପୂରଣ ପାଇଁ ଏହି ଲିଜଧାରୀଙ୍କ ବିରୋଧରେ ଏକ ମୋକଦ୍ଦମା ପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୱେବ୍ ସାମ୍ବାଦିକଙ୍କୁ ହତ୍ୟା

ମାଲକାନଗିରି/ମୋଟୁ,୧୨।୭(ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ୱେବ୍ ସାମ୍ବାଦିକଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ହେଲେ, ସାମ୍ବାଦିକ ସିଏଚ ନରେଶ। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳର ମୁରଲୀଗୁଡା ଗ୍ରାମ ନିକଟରେ ସିଏଚ ନରେଶ ଓ ଅନ୍ୟ କିଛି ସାମ୍ବାଦିକ ଏବଂ ତାଙ୍କର କିଛି ବନ୍ଧୁ ଏକ କାର୍‌ରେ ଯାଇ ବାର୍ତ୍ତାଳାପ କରୁଥିବା ବେଳେ ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ହଠାତ୍ ଖଣ୍ଡା ସହ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନରେଶଙ୍କ ହାତରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ସାମ୍ବାଦିକମାନଙ୍କ କାରକୁ ମଧ୍ୟ ଦୁର୍ବୃତ୍ତମାନେ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ନରେଶଙ୍କୁ ପ୍ରଥମେ ମୋଟୁ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଅନ୍ୟ କିଛି ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବେଗୁନିଆରେ ବିଜେପି ଗୋଷ୍ଠୀକନ୍ଦଳ ଉଗ୍ର

# ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଏତଲା ଦେଲେ କର୍ମୀ

ବେଗୁନିଆ, ୧୨।୭ (ସମିସ): ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେପି ମଧ୍ୟରେ ଗୋଷ୍ଠୀକନ୍ଦଳ ଦିନକୁ ଦିନ ତେଜିବାରେ ଲାଗିଛି। ଏକ ଭାଇରାଲ ଅଡିଓକୁ ନେଇ ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ବିଜେପି ଯୁବମୋର୍ଚ୍ଚା ଉପସଭାପତି ଜିତେନ୍ଦ୍ର କୁମାର ସାହୁ ଓ କର୍ମୀମାନେ ପ୍ରକାଶଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ ବିଡିଓ ସନ୍ତୋଷ ଜେନାଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ବେଳେ ବେଗୁନିଆ ବିଧାୟକ ପ୍ରାର୍ଥୀ ଶ୍ରୀ ବିଜୁଳି, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ଶ୍ରୀ ଜଗଦେବଙ୍କୁ ଗାଳିଗୁଲଜ କରିଛନ୍ତି। ଏଥିସହ ସାଂସଦଙ୍କ ଦ୍ୱାରା ଚାଲୁଥିବା ଉନ୍ନୟନମୂଳକ କାମରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଧମକ ଦେଇଛନ୍ତି। ଯାହା କର୍ମୀଙ୍କୁ ମର୍ମାହତ କରିଛି। ତେଣୁ ଶ୍ରୀ ବିଜୁଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେତେକ କର୍ମୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବେଗୁନିଆ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ ମାମଲା ରୁଜୁ ହୋଇ ନଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପ୍ରକାଶ କରିଛନ୍ତି।

**ପ୍ରକାଶ ବିଜୁଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ**

ସୂଚନାଯୋଗ୍ୟ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ସ୍ଥାନୀୟ ଅଞ୍ଚଳର ସାଂସଦ ପ୍ରତିନିଧି କରିଥିବାରୁ ଏହାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ବିଜୁଳି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏପରି ସ୍ଥିତିରେ ବେଗୁନିଆ ବିଡିଓ ସନ୍ତୋଷ ଜେନା ଓ ଶ୍ରୀ ବିଜୁଳିଙ୍କ ମଧ୍ୟରେ ହୋଇଥିବା ଏକ ଫୋନ୍-କଲ୍‌ର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଆହୁରି ବଢ଼ିଥିଲା। ଉକ୍ତ ଅଡିଓରେ ଶ୍ରୀ ବିଜୁଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇ କହୁଛନ୍ତି ଯେ ବେଗୁନିଆରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପାଇଁ ଆସିଥିବା ଲିଷ୍ଟ ଦେବା ସହ ୫୦ ଲକ୍ଷ ଅନୁଦାନ ଅର୍ଥ ମୋର ଜ୍ଞାତସାରରେ କାର୍ଯ୍ୟ ହେବ। ସେ ଆହୁରି କହୁଛନ୍ତି ଯେ ସାଂସଦ ସଂସଦରେ ରହି କାର୍ଯ୍ୟ କରିବା କଥା। ବେଗୁନିଆକୁ ଆସି ସାଂସଦ ଉନ୍ନୟନମୂଳକ କାର୍ଯ୍ୟକୁ ବିକ୍ରି କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ଉକ୍ତ ଅଡିଓରେ ବିଧାୟକ ଶ୍ରୀ ଜଗଦେବଙ୍କ ନାଁ ନେଇ ଗାଳିଗୁଲଜ କରିବା ସହ ତାଙ୍କୁ ପ୍ରଶ୍ରୟ ନଦେବାକୁ ବିଡିଓ ଶ୍ରୀ ଜେନାଙ୍କୁ ଚେତାଇ ଦେଉଛନ୍ତି। ଯଦି ଏଥିରୁ ବହିର୍ଭୂତ ହେବ, ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ମୋର ୫ଶହ ଲୋକ ଯାଇ ବ୍ଲକ୍ କାର୍ଯ୍ୟାଳୟରେ ହଙ୍ଗାମା କରିବୁ ବୋଲି ଧମକ ଦେଉଛନ୍ତି।

■ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ତଦନ୍ତ କରିବ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର,୧୨।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଜଣେ ମହିଳା ଯୁଗ୍ମ ସଚିବ ଓ ଜଣେ ବରିଷ୍ଠ ମହିଳା ଶିକ୍ଷାବିତ୍‌କୁ ନେଇ ଉକ୍ତ କମିଟି ଗଠନ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ତ୍ୱରିତ ତଥା କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କଲେଜର ଅଧ୍ୟକ୍ଷ ଓ ସମ୍ପୃକ୍ତ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଲମ୍ବନ କରାଯାଇଛି। ଏହାସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ବର୍ତ୍ତମାନ ପୀଡ଼ିତା ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ସମସ୍ତ ଚିକିତ୍ସାଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏନେଇ ଏମ୍ସ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାସହ ପୀଡ଼ିତାଙ୍କ ପରିବାରଲୋକେ ଏମ୍ସ ନିକଟସ୍ଥ ଏକ ଧର୍ମଶାଳାରେ ରହିବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

**ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର**

# ମାଈ ହାତୀର ମୃତଦେହ ଠାବ


ଅନୁଗୋଳ, ୧୨।୭ (ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜ ସାହାରାଗୋଡ଼ା ନିକଟରେ ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀଟି ମଧ୍ୟବୟସ୍କ ହୋଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଆଜି ସକାଳେ ଗାଁ ନିକଟ ଏକ ବୁଦବୁଡ଼ିଆ ଜଙ୍ଗଲ ନିକଟରେ ହାତୀ ମରିପଡ଼ିଥିବା ନେଇ ଗ୍ରାମବାସୀ ଦେଖିଥିଲେ। ପରେ ଏନେଇ ବନ ବିଭାଗକୁ ଖବର ଦେଇଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com



ପଦ୍ମାଳୟା ସାମଲ



## ଘର ବାହୁଡ଼ା

ରାତିରେ ନିଦ ଆସୁନଥିଲା ପ୍ରତୀକକୁ । ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥରୁମ୍‌ରୁ ଆସି ବୋତଲ ଖୋଲି ପାଣି ପିଉଥିଲା । ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ । ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିଅର୍ ସାଇଣ୍ଟିଷ୍ଟ ଭାବରେ ଜଏନ୍ କରିବାକୁ ପଡ଼ିବ । ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ । ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ । ଏସବୁ ଭିତରେ ମାଆଙ୍କ କଥା ଭାବି ଉଦାସ ଲାଗୁଥିଲା ।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ । ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଜଏନ୍ କରିବା ଅପେକ୍ଷା ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ୍ ହେବ । ଚାକିରିର ସୁବିଧାସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ । ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ - ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ । ମାଆର ଗୋଡ଼ ଭଲ ହୋଇଗଲାଣି । ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି । ଏ ବୟସରେ ଫ୍ରାକ୍‌ଚର୍ ହେଲେ ଭଲ ହେବାକୁ ସମୟ ଲାଗେ । ଡାକ୍ତର କହିଛନ୍ତି "ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ । ସେଥିପାଇଁ ଚିନ୍ତା କରନା ।" ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ । ମୋର ଚାକିରି କାର୍ଯ୍ୟକାଳ ଆଉ ମାତ୍ର ଦୁଇ ବର୍ଷ । ୟା' ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ । ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ । ହେଲେ ସେ ଚାକିରିରେ ଜଏନ୍ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ । ହାତରେ ଟ୍ରଲି ବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ । ସୁରେଖା ଚୁପଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ । କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ । ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ । ବାପା ମାଆଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ । ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସି ପଡ଼ିଲା ସେ ।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ । ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶି ଯାଉଥାଏ । ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟ୍‌ର ରାସ୍ତା । ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା । କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା । ତା' ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ୍ କରିବ । ଡ୍ରାଇଭରକୁ କହିଲା, "ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ ।" ଆଁ କରି ଡ୍ରାଇଭର ଚାହିଁଲା ପ୍ରତୀକର ମୁହଁକୁ । କିନ୍ତୁ ପର ମୁହୂର୍ତ୍ତରେ ଗାଡ଼ି ବୁଲେଇ ଫେରିଆସିଲା ପ୍ରତୀକର ଘର ଅଭିମୁଖେ ।

ଝରକା ଫାଙ୍କରୁ ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନ ବାବୁ । ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ । ଜୀବନ ବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, "ବାବା! ତୁମ ଦୁଇଜଣଙ୍କୁ ଏଇଠି ଏଇ ଅବସ୍ଥାରେ ଛାଡ଼ି ମୁଁ ଆଦୌ ଅଚିନ୍ତାରେ ରହିପାରିବି ନାହିଁ । ଯେଉଁ ବୟସରେ ତୁମ ପାଖେ ପାଖେ ରହି କିଞ୍ଚିତ୍ ସହଯୋଗ କରିପାରିବି, ସେ ବୟସରେ ତୁମଠାରୁ ଦୂରରେ ରହି ମୁଁ କ'ଣ ଶାନ୍ତିରେ ରହିପାରିବି? ବୁଝୁଛି, ଜୀବନରେ ଅର୍ଥର ମୂଲ୍ୟ ବହୁତ କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ । ପରିବାରର ଖୁସି ଓ ଶାନ୍ତି ମୋ ପାଇଁ ଅଧିକ ଗୁରୁତ୍ୱ ରଖେ । ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଯୋଗ ଦେବି । ଏହା ମୋର ଶେଷ ନିଷ୍ପତ୍ତି ।"

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା ଯେମିତିକି ସେ ତା'ର ଫେରିବା ବାଟକୁ ଅନାଇ ରହିଥିଲେ । ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ ।

ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନ ବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲା । ପୁଅର ପରିପକ୍ୱ ନିଷ୍ପତ୍ତିକୁ ନିରବରେ ମାନି ନେଉଥିଲେ । ■

ଭୁବନେଶ୍ୱର
ମୋ : ୭୦୦୮୩୪୮୧୭୨

## ବିସ୍ଫୋରଣ



ସୁଚେତା ମିଶ୍ର

ନିସ୍ତବ୍‌ଧତା ଭିତରେ ଲୁଚିଯାଏ କରାଳ ଶବ୍ଦ
ଆତସବାଜିର ମନୋହର ଦୃଶ୍ୟ ବୋଲି ଭ୍ରମିତ କରେ କେଇ ମୁହୂର୍ତ୍ତ
ପର୍ଦ୍ଦା ଝୁଲି ରହେ
ଆଉ ଆମେ ଜାଣିପାରୁନି ଯେ
ସେ ଅନ୍ଧାର ନୁହେଁ
ବହଳ ଧୂଆଁ
ପୋଡ଼ା ମାଂସର
କଲବଲ ଦୀର୍ଘଶ୍ୱାସର
ସୁଦୂରପ୍ରସାରୀ ଆକାଂକ୍ଷା
ପାଉଁଶ ହେଇଯିବାର ।

ମା' ବାପା ଆସନ୍ତି
ପିଲାଙ୍କୁ ଖୋଜିବାକୁ
ପିଲେ ଆସନ୍ତି ବାପା ମା'ଙ୍କୁ
ଘରକୁ ନେଇଯିବାକୁ
ସ୍ତ୍ରୀ ଆସେ ତା' କପାଳର
ସୂର୍ଯ୍ୟୋଦୟର ଅସ୍ତ ଦେଖିବାକୁ
ସ୍ୱାମୀ ଆସେ ପତ୍ନୀ ହାତର ଟୁକୁଡ଼ା ଶଙ୍ଖା ଗୋଟେଇବାକୁ ।

ଗୋଟେ ରକ୍ତକ୍ଷରା କାନ୍ଦବି ଆସେ
ନିଜର ହାତ ପାଦ
ଛିନ୍ନଛତ୍ର ହୃଦୟ ଆଉ
ଲହୁଲୁହାଣ ସ୍ପନ୍ଦନକୁ ଗୋଟାଏ
ସବୁ ବୁଝି ବୁଝି ନ ପାରିବାର
ହଳେ ଆଖି ପିନ୍ଧେ
ଆଉ ଚୁପଚାପ୍ ଚାଲିଯାଏ
ସେଇ ଅଭ୍ୟସ୍ତ ଦୁନିଆ ଭିତରକୁ
ଯେଉଁଠି କାରଣ ଖୋଜାଯିବାର
ମିଛ ଖେଳ ଚାଲିଥାଏ
ରୋମାଞ୍ଚକାରୀ ଦୁର୍ଘଟଣାର । ■



ଲିଡ୍ ବ୍ୟାଙ୍କ ଲେନ୍
ପୋଲିସ ଲାଇନ୍
ପୁରୀ- ୭୫୨୦୦୧
ମୋ: ୯ ୯୩୭୧୫୯୮ ୯୧



## ରାତି ନିଇତି ଆସେ



ପ୍ରହଲ୍ଲାଦ ଶତପଥି

ରାତିକୁ ଯଦି ପଢ଼ି ହୁଅନ୍ତା,
କଥା ସେଇଠି ସରିଯାଇ ଥାଆନ୍ତା
ପଢ଼ି ପାରୁନା ବୋଲି କହୁ ରାତିର ରଙ୍ଗ କଳା
ତୂଳୀ ନେଇ ଆଙ୍କୁ, କବିତା ଲେଖୁ ।

ରାତି ନିଇତି ଆସେ ଚିତ୍ରଟିଏ ହେଇ
କେବେ କିଏ ଆଙ୍କିଥିଲା ରାତିକୁ କେଜାଣି
ରାତି ନୀରବ, ନିରସ୍ତ୍ର ଥିଲା
ଯଦିଓ ଯୁଦ୍ଧ ସବୁଠି ସବୁବେଳେ ଥିଲା
ସକାଳଟିଏ ଫୁଟେଇବାକୁ ଯୁଦ୍ଧ
ସିନ୍ଦୂରା ଫାଟିବା ପାଇଁ ଯୁଦ୍ଧ
ଜଳ ପାଇଁ ଯୁଦ୍ଧ, ଯୁଦ୍ଧ ମାଟି ପାଇଁ ।

ରାତି ପ୍ରତିଟି ଗଛର ଶିରା ପ୍ରଶିରାରେ
ଚେରରେ, ପତ୍ରରେ
ରାତି ସତେ ଯେମିତି ବକଳ,
କାଢ଼ି ନେଲେ ସକାଳ ।

ଏଇ ରାତିକୁ ମୋତେ ଜୀଇଁବାକୁ ଦିଅ
ମୁଁ ଏବେ ରାତିକୁ ଢାଙ୍କି ଶୋଇ ପଡ଼ିବି
ସ୍ୱପ୍ନକୁ ବଢ଼େଇ ଦେବି ଆଖି ଦିଓଟି
ପାପୁଲି ଆଉଁଷିବେ ଫୁଲର ପାଖୁଡ଼ାକୁ
ପାଦରେ ସାରିଦେବି ରାତିର ସବୁତକ ରାସ୍ତା ।

ରାତି ଲୁଚେଇ ରଖିଥାଏ ଗୋପନୀୟତା
ଇତିହାସର, ଗୋଟାଏ ସଭ୍ୟତାର
ମୋତେ ପଢ଼ିବାକୁ ଦିଅ ରାତିକୁ, ତା'ର ଅଜସ୍ର ରହସ୍ୟକୁ
କ୍ଷତକୁ, ରକ୍ତକୁ
ମୋତେ ପଢ଼ିବାକୁ ଦିଅ ବିଜୟ ଭିତରେ ଛପିଥିବା ପରାଜୟକୁ ।


ଯାଏଁ ଦସ୍ତକ ଦେଇ ଆସେ ବାଟକୁ, କବାଟକୁ
କେହି ତ ହେଲେ ଖୋଲିବ ମୋ ପାଇଁ
ମୋର ଇପ୍‌ସିତ ସକାଳ
ସୂର୍ଯ୍ୟକୁ ଲୁଚେଇ ହୁଏନା
ଲୁଚେଇ ହୁଏନା ଫୁଲର ସୌରଭ
ଅନ୍ଧାର ଢାଙ୍କି ପାରେନା ଆଲୁଅକୁ
ଆଲୁଅର ଆଖି ନେଇ ମୋତେ ପଢ଼ିବାକୁ ଦିଅ
ଅନ୍ଧାରର ସବୁତକ ଅକ୍ଷର । ■

ଟିକ୍ରାପରା
ପୋ/ଜି: ବଲାଙ୍ଗିର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

## ପୁସ୍ତକ ପରିଚୟ

### ମୋ ଜୀବନ ଓ ଜଞ୍ଜାଳ କାହାଣୀ

ନନ୍ଦ କିଶୋର ଦାସ






ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ଦ୍ୱିତୀୟ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ଇଂରେଜ ସରକାର କବଳରୁ ଭାରତକୁ ମୁକ୍ତ କରିବାରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ । ସେମାନଙ୍କ ତ୍ୟାଗପୂତ ସଂଘର୍ଷମୟ ଜୀବନ ଆଜି ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ରାଜନେତା ହେଉଛନ୍ତି ନନ୍ଦ କିଶୋର ଦାସ । ନିକଟରେ ସଂଗ୍ରାମୀ ନନ୍ଦ କିଶୋର ଦାସଙ୍କ ଆତ୍ମଜୀବନୀ 'ମୋ ଜୀବନ ଓ ଜଞ୍ଜାଳ କାହାଣୀ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି । ଏହି ପୁସ୍ତକରେ ଲେଖକ ନିଜ ଜନ୍ମ, ବାଲ୍ୟକାଳ, ଶିକ୍ଷା, ଗାର୍ହସ୍ଥ୍ୟ ଜୀବନ, ସତ୍ୟବାଦୀ ସ୍କୁଲରେ ଶିକ୍ଷକତା, ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ, ରାଜନୈତିକ ଜୀବନ, ସମାଜସେବା ଆଦି ସଂପର୍କରେ ବର୍ଣ୍ଣନା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣାଦେବୀ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ଥିଲା । ସମାଜ ସେବା ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ସେ ଆପଣା ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପ୍ରକୃତରେ ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା ଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ଓଡ଼ିଶା ବିଧାନସଭାର ସେ ପ୍ରଥମ ବାଚସ୍ପତି ଥିଲେ । ଏହି ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନ ଓ ଦେଶପ୍ରେମ ଆଜିର ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରେରଣା ଦେବ । 'ମୋ ଜୀବନ ଓ ଜଞ୍ଜାଳ କାହାଣୀ' ପୁସ୍ତକଟି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ ଋଦ୍ଧିମନ୍ତ କରିବ ; ଏଥିରେ ସନ୍ଦେହ ନାହିଁ । ■

### କେୟାର ଅଫ୍ ରଘୁ ବନଛୋର

ଅକ୍ଷୟ କୁମାର ଜେନା



କୃଷ୍ଣା
ଜାରକା, ଧର୍ମଶାଳା
ଯାଜପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସୃଜନଶୀଳ ମଣିଷଙ୍କ ଚିନ୍ତା, ଚେତନା, ଅନୁଭବ, ଅଭିଜ୍ଞତାରୁ ସୃଷ୍ଟି ହୁଏ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ସାହିତ୍ୟ । ସେଭଳି ଜଣେ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ଅକ୍ଷୟ କୁମାର ଜେନା । ଯିଏ ନିଜ ଅନୁଭବ, ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଲେଖିଛନ୍ତି ଅନେକ ମନଛୁଆଁ ଗପ । ଗାଳ୍ପିକ ଜେନାଙ୍କ ରଚିତ 'କେୟାର୍ ଅଫ୍ ରଘୁ ବନଛୋର' ପୁସ୍ତକରେ ୨୬ଟି ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ପ୍ରତିଧ୍ୱନି', 'ନମିତା ସସ୍‌ପେଣ୍ଡ ହେଲା', 'ଶେଷ ସ୍ୱାଧୀନତା ସଂଗ୍ରାମୀ', 'ହାତ ପାହାନ୍ତାରେ ଜହ୍ନ', 'କେୟାର୍ ଅଫ୍ ରଘୁ ବନଛୋର', 'କୋଭିଡ୍ ଓ ଜହ୍ନରାତି', 'ସବୁବେଳେ ହସୁଥିବା ଝିଅଟା', 'ଅନ୍ୟ ଜଣେ ଡାକ୍‌ମୁନସୀ', 'ଏକାନ୍ତ ବ୍ୟକ୍ତିଗତ କଥା', 'ଡାକବାଲାର ଶେଷ ଚିଠି', 'ବାଲ୍ୟବନ୍ଧୁ', 'କାଳିଆ ପାଇଁ ଗୋଟିଏ ଲାଇକ୍' ଆଦି ଗପଗୁଡ଼ିକରେ ସାମାଜିକ ସମସ୍ୟା, ମାନବୀୟ ଭାବାବେଗ , ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାତ୍ୟା ଯାହା ଘଟି ନଥିଲା' ଗପରେ ବାତ୍ୟା ସମୟରେ ଦେଖାଦେଉଥିବା ବାସ୍ତବ ଘଟଣା ସଂପର୍କରେ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେଭଳି ଅନେକ ସମୟରେ କିଭଳି ସଚ୍ଚୋଟ ଓ ନିଷ୍ଠାପର ସରକାରୀ କର୍ମଚାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ତାହାର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଛି 'ନମିତା ସସ୍‌ପେଣ୍ଡ ହେଲା' ଗପରେ । ସରଳ ଭାଷା, ସାମାଜିକ କାହାଣୀକୁ ନେଇ ଆଧାରିତ ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରଯାଏ । ■

## ଗୋସ୍ୱାମୀ ତୁଳସୀ ଦାସ ଓ ଶ୍ରୀଜଗନ୍ନାଥ



ଡକ୍ଟର ଅଭିମନ୍ୟୁ ବରାଳ

"ଆନନ୍ଦ କାନନେ ହ୍ୱସ୍ମି ଜଙ୍ଗମ ସ୍ତୁଳସୀ ତରୁଃ ।
କବିତା ମଞ୍ଜରୀ ଭାତି ରାମ ଭ୍ରମର ଭୂଷିତା ।।"

ଉତ୍ତର ପ୍ରଦେଶର ପ୍ରୟାଗରାଜ ସନ୍ନିକଟ ବାନ୍ଦା ଜିଲ୍ଲାରେ ରାଜପୁର ନାମକ ଏକ ଅଖ୍ୟାତ ପଲ୍ଲୀରେ ଆତ୍ମାରାମ ଦୁବେ ନାମକ ଜଣେ ପ୍ରତିଷ୍ଠିତ ନୈଷ୍ଠିକ ବ୍ରାହ୍ମଣ ରହୁଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଲସୀ । ସମ୍ବତ୍ ୧୫୫୪ ର ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ସୌଭାଗ୍ୟବାନ ଦମ୍ପତି ହୁଲସୀ ଏବଂ ଆତ୍ମାରାମଙ୍କ କୋଳ ମଣ୍ଡନ କରିଥିଲେ ତୁଳସୀ ଦାସ । ଜନ୍ମ ସମୟରେ ଶିଶୁ ତୁଳସୀ କାନ୍ଦିଲେ ନାହିଁ । କିନ୍ତୁ ତାଙ୍କ ମୁଖରୁ 'ରାମ' ଶବ୍ଦ ଉଚ୍ଚାରିତ ହେଲା, ତେଣୁ ତାଙ୍କୁ 'ରାମ ବୋଲା' ବୋଲି କହୁଥିଲେ । ତାଙ୍କ ମୁଖରେ ବତ୍ରିଶି ଯାକ ଦାନ୍ତ ଜନ୍ମ ସମୟକୁ ଉଠି ଥିଲା । ଏତାଦୃଶ ଅଦ୍ଭୁତ ଶିଶୁ ପୁତ୍ରକୁ ଦେଖି ପିତା ଆତ୍ମାରାମ ଓ ମାତା ହୁଲସୀ ବହୁତ ଚିନ୍ତିତ ହୋଇ ପଡ଼ିଲେ । ବାଳକର କିଛି ଅନିଷ୍ଟ ହେବା ଆଶଙ୍କାରେ ମାତା ହୁଲସୀ ନିଜ ଦାସୀ ଚୁନିଆଁ ସହିତ ନବଜାତକକୁ ନିଜ ଶ୍ୱଶୁର ଘରକୁ ପଠାଇ ଦେଲେ ଏବଂ ତତ୍‌ପରେ ହୁଲସୀ ଏହି ସଂସାର ତ୍ୟାଗ କରି ଚାଲିଗଲେ ।

ଦାସୀ ଚୁନିଆଁ ବହୁତ ସ୍ନେହରେ ତୁଳସୀ ଦାସଙ୍କୁ ଲାଳନପାଳନ କଲେ । କିନ୍ତୁ ସାଢ଼େ ପାଞ୍ଚ ବର୍ଷରେ ଚୁନିଆଁର ମଧ ଦେହାନ୍ତ ହୋଇଗଲା । ବାଳକ ତୁଳସୀ ଦାସ ଅନାଥ ହୋଇଗଲେ । ତୁଳସୀ ବାରଦ୍ୱାର ବୁଲି ଜୀବିକାର୍ଜନ କଲେ । ଏକଦା ମାତା ପାର୍ବତୀ ଏକଥା ଦେଖି ମନରେ ତାଙ୍କର ଦୟା ହେଲା । ସେ ପ୍ରତ୍ୟହ ବ୍ରାହ୍ମଣୀ ବେଶ ଧାରଣ କରି ତୁଳସୀଙ୍କ ପାଖକୁ ଆସି ସ୍ୱହସ୍ତରେ ଖାଦ୍ୟ ଭୋଜନ କରାଇଲେ । ମାତା ପାର୍ବତୀଙ୍କ କୃପାରୁ ତୁଳସୀ ଶୁକ୍ଳପକ୍ଷ ଶଶି ଭଳି ବଢ଼ିବାକୁ ଲାଗିଲେ ।

ଶଙ୍କର ଭଗବାନଙ୍କ ପ୍ରେରଣାରେ ନରହର୍ୟାନନ୍ଦଜୀ ତୁଳସୀଙ୍କୁ ଅଯୋଧ୍ୟା ନେଇଗଲେ । ତାଙ୍କ ନାମ ସେ 'ରାମବୋଲା' ରଖିଲେ । ସେଠାରେ ୧୫୬୧ ସମ୍ବତ୍ ମାଘଶୁକ୍ଳ ପଞ୍ଚମୀ ଶୁକ୍ରବାର ଦିନ ତାଙ୍କର ଉପନୟନ କରାଗଲା । ନରହରି ସ୍ୱାମୀ ନାନା ସଂସ୍କାର କରି ତୁଳସୀଙ୍କୁ ଗାୟତ୍ରୀ ମନ୍ତ୍ର ସାଧନ କରାଇଲେ । ଗୁରୁଦେବ ନରହରିଜୀ ତାଙ୍କୁ ରାମମନ୍ତ୍ର ଦାନ ପୂର୍ବକ ସେହିଠାରେ ବିଦ୍ୟାଧ୍ୟୟନ କରାଇଲେ । ବେଦ ବେଦାନ୍ତାଦି ଅଧ୍ୟୟନ ପରେ ଗୁରୁଦେବଙ୍କ ଅନୁମତିକ୍ରମେ ସେ ସ୍ୱଜନ୍ମ ସ୍ଥାନକୁ ଫେରି ଆସିଲେ ।

ପରମ ରାମଭକ୍ତ ତଥା ରାମତାରକା ମନ୍ତ୍ର ସିଦ୍ଧଯୋଗୀ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଲେ । ପୁରୀରେ ପହଞ୍ଚି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିକୁ ଦର୍ଶନ କଲେ । କିନ୍ତୁ ନୀଳାମ୍ବୁଜ ଶ୍ୟାମଳ ଶ୍ରୀରାମଙ୍କର କଳାକଞ୍ଜଦଳା କମନୀୟ ମୂର୍ତ୍ତି ନ ଦେଖି ଜଗନ୍ନାଥଙ୍କ ଚକା ନୟନକୁ ତଥା କର ଚରଣହୀନ ଅଦ୍ଭୁତ ବିଗ୍ରହକୁ ଦେଖି ତୁଳସୀ ବିଷାଦିତ ହେଲେ । ବ୍ରହ୍ମର ଯେ କର-ଚରଣ-ନାସା- କର୍ଣ୍ଣ ନାହିଁ, ଏ ଯେ ଦାରୁବ୍ରହ୍ମ ତୁଳସୀ ହେଜି ପାରିଲେ ନାହିଁ । ବଡ଼ ମନସ୍ତାପରେ ଗୋସ୍ୱାମୀ ଫେରିଗଲେ ଶ୍ରୀକ୍ଷେତ୍ରରୁ ।

ପୁରୀଠାରୁ ଅଳ୍ପ ପଥ ଅତିକ୍ରମ କରିବା ପରେ ସନ୍ଧ୍ୟା ହୋଇ ଆସିଲା । ଜଗନ୍ନାଥ ସଡ଼କ ପାଖରେ ମାଳତୀପାଟପୁର ଗ୍ରାମ ନିକଟରେ ସେ ରାତ୍ରିଯାପନ କଲେ । ଗଜପତିଙ୍କୁ ସ୍ୱପ୍ନାଦେଶ କଲେ ଜଗନ୍ନାଥ । "ତାଙ୍କର ଜଣେ ପରମ ଭକ୍ତ ତାଙ୍କୁ ଦର୍ଶନ କରି ନ ପାରି ଫେରି ଯାଉଛନ୍ତି । ତୁମେ ତାଙ୍କୁ ଏଠାକୁ ସସମ୍ମାନେ ନେଇଆସ । ସେ ତାଙ୍କ ଇଷ୍ଟ ଦେବଙ୍କୁ ଦର୍ଶନ କରିବେ ।" ସଙ୍ଗେ ସଙ୍ଗେ ଗଜପତି ପାରିଷଦ ବର୍ଗଙ୍କ ସହିତ ପୁରୀର ଅନତି ଦୂରରେ ମାଳତୀପାଟପୁରରେ ଆସି ପହଞ୍ଚିଲେ । ସେଠାରେ ରାସ୍ତାକଡ଼ରେ ତୁଳସୀ ଶୟନ କରିଥିଲେ । ତାଙ୍କ ନିଦ୍ରାଭଙ୍ଗ କରି ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶ ଜଣାଇ ତୁଳସୀ ଦାସଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ନେଲେ । ତାଙ୍କୁ ଶ୍ରୀମନ୍ଦିରକୁ ନେଇ ଗଲେ ଓ ସେଠାରେ ରତ୍ନ ସିଂହାସନରେ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କୁ ଦର୍ଶନ କଲେ । ଶ୍ରୀଜଗନ୍ନାଥ ରାମ ଭାବରେ, ସୁଭଦ୍ରା ସୀତା ଭାବରେ, ବଳଭଦ୍ର ଲକ୍ଷ୍ମଣ ଭାବରେ ଓ ଚକ୍ରରାଜ ସୁଦର୍ଶନ ହନୁମାନ ଭାବରେ ଶୋଭା ପାଉଥିଲେ । ବିସ୍ମିତ ହେଲେ ତୁଳସୀ । ବାସ୍ତବରେ ଯେ ଜଗନ୍ନାଥ ଜଗତର ନାଥ ଏବଂ ସେ ଯେ ସମସ୍ତ ଅବତାରର ହେତୁ ତାହା ତାଙ୍କର ହୃଦ୍‌ବୋଧ ହେଲା । ତୁଳସୀ ପ୍ରଣିପାତ ପୂର୍ବକ ଗାଇ ଉଠିଲେ:-

"ଯେହି ରାମ ସେହି ଜଗଦିଶା । ଇନହିକୋ ଅନ୍ତନ ପାବତ ଶେଷା ।।
ଅନୁଜ ଭାଏ ଲଛମନ ଅନୁହାରି । ଭଦ୍ରା ସୋ ସୀୟା ରାଜକୁମାରୀ ।।
ବନ୍ଦଉଁ ଖଦସ ବ୍ରହ୍ମ ଅବିନାଶୀ । ଜୟ ହନୁମାନ ରାମ ପଦବାସୀ ।।

ଅର୍ଥାତ୍ – ଗୋସ୍ୱାମୀ ତୁଳସୀ ଦାସ ମୁକ୍ତ କଣ୍ଠରେ ଘୋଷଣା କଲେ ଯେ – ଯେ ରାମ ସେ ହିଁ ଜଗନ୍ନାଥ । 'ସ୍କନ୍ଦ ପୁରାଣ' କହିଛନ୍ତି – "ଆରାଧେୟଂ –ଜଗନ୍ନାଥଂ, ରକ୍ଷାକୁ କୁଳ ଦୈବତଂ... ।" ଏବେ ମଧ୍ୟ ଉପରୋକ୍ତ ଚୌପାଇଗୁଡ଼ିକ ତୁଳସୀ ଦାସଙ୍କ ପ୍ରତିଷ୍ଠିତ ବଡ଼ଛତା ମଠର ସାଧୁମାନେ ଗାନ କରି ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଳେ ମନ୍ଦିର ପରିକ୍ରମା କରିବାର ପରମ୍ପରା ଅବ୍ୟାହତ ରହିଛି । ଅନନ୍ତର ତୁଳସୀ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରତ୍ୟାବର୍ତ୍ତନ କଲେ । ପୁରୀ ନିକଟରେ ଯେଉଁ ସ୍ଥାନରେ ତୁଳସୀ ରାତ୍ରୀଯାପନ କରିଥିଲେ, ତାହା ଏବେ 'ତୁଳସୀ ଚଉରା' ନାମରେ ଖ୍ୟାତ । ସେଠାରେ ତୁଳସୀ ଦାସଙ୍କ ସ୍ମୃତି ସ୍ୱରୂପ ମଠ ଏବଂ ଶ୍ରୀରାମ ମନ୍ଦିର ରହିଛି । ପ୍ରତ୍ୟହ ଅନେକ ଦର୍ଶନାର୍ଥୀ ସେଠାକୁ ଆସୁଛନ୍ତି । ତୁଳସୀ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିଛନ୍ତି ।

ଗୋସ୍ୱାମୀ ତୁଳସୀ ଦାସଙ୍କୁ କଳି ଯୁଗର ବାଲ୍ମୀକି ବୋଲି କୁହାଯାଏ । ତାଙ୍କ ପ୍ରଣୀତ 'ଶ୍ରୀରାମ ଚରିତ ମାନସ' ଏକ ବିଶ୍ୱ ବିଖ୍ୟାତ ଗ୍ରନ୍ଥ । ଏହା ଏକ ରାମାୟଣ ଗ୍ରନ୍ଥ ହେଲେ ମଧ୍ୟ ଏଥିରେ ତୁଳସୀ ଦାସଙ୍କ ମୌଳିକ ଚିନ୍ତା ଚେତନା ବେଶ୍ ସୁସ୍ପଷ୍ଟ । ଶଙ୍କର ଭଗବାନଙ୍କ ଆଦେଶକ୍ରମେ ତୁଳସୀ ଅଯୋଧ୍ୟା ଆସି ସେଠାରେ ପ୍ରାକୃତ ଭାଷା, ଅବଧି ଭାଷାରେ (ଅଯୋଧ୍ୟା ଅଞ୍ଚଳର ଭାଷା) ରାମାୟଣ ରଚନା କଲେ । ଶଙ୍କରଙ୍କ ମାନସ ପଟରୁ ଆସିଥିବାରୁ ଏହାର ନାମ 'ମାନସ ରାମାୟଣ' ବା 'ଶ୍ରୀରାମ ଚରିତ ମାନସ' । 'ଶ୍ରୀରାମ ଚରିତ ମାନସ'ର ଆଧ୍ୟାତ୍ମିକ ମୂଲ୍ୟ ଓ ସାହିତ୍ୟିକ ମୂଲ୍ୟ ବେଶ୍ ବିଚାର୍ଯ୍ୟ । ଏହା ଏକ ଆଧ୍ୟାତ୍ମିକ ଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ । ବାଲ୍ମୀକି ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଚିତ୍ରଣ କରିଛନ୍ତି, କିନ୍ତୁ ତୁଳସୀ ଶ୍ରୀରାମଙ୍କୁ ପରଂବ୍ରହ୍ମ, ପୂର୍ଣ୍ଣବ୍ରହ୍ମ, ପୂର୍ଣ୍ଣବାହୁ, ସନାତନ ଭାବରେ ଗ୍ରହଣ କରିଛନ୍ତି । 'ଶ୍ରୀରାମ ଚରିତ ମାନସ'ର ପ୍ରତ୍ୟେକ ଦୋହା, ଚୌପାଇ, ଛନ୍ଦ, ସୋରଠା ଶାବରୀ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରତ୍ୟେକ ଚୌପାଇ ବା ଦୋହାର 'ର' ଏବଂ 'ମ' ବର୍ଣ୍ଣ ନିଶ୍ଚୟ ଥିବ । କୌଣସି କାର୍ଯ୍ୟ ସିଦ୍ଧି ହେବା ପାଇଁ ଏହାକୁ ଅନୁଷ୍ଠାନ କରାଯାଇପାରେ ।

'ଶ୍ରୀରାମ ଚରିତ ମାନସ'ର ସାହିତ୍ୟିକ ମୂଲ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହା ତୁଳସୀ ଦାସଙ୍କ ଅଗାଧ ଜ୍ଞାନର ପରିଚୟ ପ୍ରଦାନ କରେ । ସେ ଚାହିଁଥିଲେ ସଂସ୍କୃତ ଭାଷାରେ ରଚନା କରିପାରିଥାନ୍ତେ । କିନ୍ତୁ ଶିବଙ୍କ ଆଦେଶରେ ପ୍ରଚଳିତ ଲୋକଭାଷାରେ ଏହାକୁ ରଚନା କରିବା ଦ୍ୱାରା ଏହା ସର୍ବଜନାଦୃତ ହୋଇପାରିଛି । ସୁନ୍ଦର ଶବ୍ଦ ସଂଯୋଜନା ସହିତ ଉପମାଦିର ପ୍ରୟୋଗ କରି ତୁଳସୀ ସ୍ୱୀୟ ସାହିତ୍ୟିକ ବ୍ୟୁତ୍ପତ୍ତିର ପରିଚୟନ ପ୍ରଦାନ କରିଛନ୍ତି । ଶ୍ରୀରାମଙ୍କ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ ଗୋସ୍ୱାମୀ କହିଛନ୍ତି – "କାମ କୋଟି ଛବି ଶ୍ୟାମ ଶରୀରା ନୀଲକଞ୍ଜ ବାରିଦ ଗମ୍ଭୀରା । ଅରୁଣ ଚରଣ ପଙ୍କଜ ନଖ ଜ୍ୟୋତି, କମଲ ଦଲନି ଶୋଭେ ଜନୁଭାଁତି ।"

'ଶ୍ରୀରାମ ଚରିତ ମାନସ' ବ୍ୟତୀତ ତୁଳସୀ ଦାସଙ୍କ ରଚିତ 'ଦୋହାବଳୀ', 'କବିତାବଳୀ', 'ବିନୟ ପତ୍ରିକା', 'ଶ୍ରୀହନୁମାନ ଚାଳିସା', 'ଶ୍ରୀହନୁମାନ ବାହୁକ', 'ବରଜଙ୍ଗ ବାଣ' ପ୍ରଭୃତି ଗୋଟିଏ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥଗୁଡ଼ିକ ଭାରତବର୍ଷର ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି । ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯ ୯୩୭ ୮୩୫୨୩୦

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ଏମ୍ସ ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି
■ ରାଜଧାନୀରେ ୫୦ପ୍ଲାଟୁନ ଫୋର୍ସ, ୮ ଡିସିପି ନିୟୋଜିତ

ଭୁବନେଶ୍ୱର,୧୨।୭(ସମିସ): ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡିଶା ଆସୁଛନ୍ତି। ଏଥିପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କାର୍ଯ୍ୟକ୍ରମ ହେବାକୁ ଥିବା ଏମ୍ସ ପରିସର ଯାଞ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଏମ୍ସ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ୱିନ୍ ସିଟି ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତ ରହିଛି ପୁଲିସ ପ୍ରଶାସନ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୮ ଜଣ ଡିସିପି ର୍‍ୟାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି, ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର, ୧୮୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ସୁରକ୍ଷା ତଦାରଖ ଦାୟିତ୍ୱ ଦିଆଯାଇଛି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ ଫୋର୍ସ ନିୟୋଜିତ ରହିବେ।

କାର୍ଯ୍ୟକ୍ରମ ଅନୁସାରେ, ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ଣରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ "କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଆରମ୍ଭ ହେଲା ପାଠପଢ଼ା
# ସ୍ନାତକରେ ୫୦% ଓ ସ୍ନାତକୋତ୍ତରରେ ୪୦% ସିଟ୍ ଫାଙ୍କା

ଭୁବନେଶ୍ୱର,୧୨।୭(ସମିସ): ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଗୁରୁବାରଠାରୁ ଆରମ୍ଭ ହୋଇଛି। ହେଲେ ନାମଲେଖା ପ୍ରକ୍ରିୟା ସରିପାରିନି। ପ୍ରଥମ ପର୍ଯ୍ୟାୟର ୩ଟି ରାଉଣ୍ଡ ନାମଲେଖା ପରେ ମଧ୍ୟ ସ୍ନାତକୋତ୍ତରରେ ପ୍ରାୟ ୧୨ହଜାର ୭ଶହ ଏବଂ ସ୍ନାତକରେ ପ୍ରାୟ ୫୦ ପ୍ରତିଶତ ସିଟ୍ ଫାଙ୍କା ପଡ଼ିଛି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାଜନକ ହୋଇପାରିନି।

ସ୍ନାତକ ପଢ଼ିବାକୁ ମୋଟ୍ ୨ଲକ୍ଷ ୭୪ହଜାର ୧୭୩ ସିଟ୍ ଥିବା ବେଳେ ଏହାଠାରୁ ପ୍ରାୟ ୧୬ହଜାର କମ୍ ପିଲା ଆବେଦନ କରିଛନ୍ତି। ତନ୍ମଧ୍ୟରୁ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷସୁଦ୍ଧା ମାତ୍ର ୧ଲକ୍ଷ ୯ହଜାର ୪ଶହ ଜଣ ନାମ ଲେଖାଇଥିଲେ। ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଆଉ ୪୯,୮୧୮ ପିଲା ଚୟନ ହୋଇଥିଲେ ମଧ୍ୟ ନାମଲେଖା ୫୦% ଛୁଇଁ ପାରିନି। ଆଶାଜନକ ନାମଲେଖା ହେଉନଥିବାରୁ ସ୍ପଟ୍ ନାମଲେଖା ପାଇଁ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ କରି ସମସ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ସମୁଦାୟ ୩୧,୧୫୪ଟି ସିଟ୍ ରହିଥିବା ବେଳେ ୪୧,୨୮୮ଜଣ ଚଏସ୍ ଲକିଂ କରି ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧୮,୪୦୦ ଜଣ ନାମ ଲେଖାଇଥିବା ବେଳେ ପ୍ରାୟ ୪୦% ଅର୍ଥାତ୍ ୧୨,୭୨୮ ସିଟ୍ ଫାଙ୍କା ପଡ଼ିଛି। ଠିକ୍ ସମୟରେ ପାଠପଢ଼ା ଆରମ୍ଭ କରି ଶୈକ୍ଷିକ ବର୍ଷ ସଜାଡ଼ିବାକୁ ସରକାର ଆଗୁଆ ନାମଲେଖା ପାଇଁ ପଦକ୍ଷେପ ନେଇଥିଲେ। ଏପରିକି, +୨ ଓ +୩ ରେଜଲ୍ଟ ବାହାରିବା ପୂର୍ବରୁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆହ୍ୱାନ କରିଥିଲେ। ହେଲେ ସଚେତନତା ଅଭାବରୁ ବହୁ ଛାତ୍ରଛାତ୍ରୀ ସେମାନଙ୍କ ମାର୍କ ଅପଡେଟ୍ କରିନାହାନ୍ତି। ଏଣୁ ସେମାନଙ୍କୁ ସ୍ପଟ୍ ନାମଲେଖା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପୁଣି ସୁଯୋଗ ଦେଇଛି। ହେଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିନ ଥିବାରୁ ନାମଲେଖା ଓ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

# ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ୨ ନାବାଳିକା ଉଦ୍ଧାର

ଜଟଣୀ,୧୨।୭(ସମିସ): ଜଟଣୀସ୍ଥିତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଦୁଇ ଜଣ ନାବାଳିକାଙ୍କୁ ଆର୍‌ପିଏଫ୍ ପୁଲିସ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାଙ୍କ ବୟସ ୧୪ ଓ ୧୭ବର୍ଷ। ସେମାନଙ୍କ ଘର ତାମିଲନାଡୁର ମାଲାଲପାଟୁ ଅଞ୍ଚଳରେ। ସେମାନେ ଟ୍ରେନ୍ ଯୋଗେ ଏଠାକୁ ପଳାଇ ଆସିଛନ୍ତି।

ସୂଚନାଯୋଗ୍ୟ ଯେ ତାମ୍ବ୍ରମ୍-ତିନସୁକିଆ ଏକ୍ସପ୍ରେସ୍ ଟ୍ରେନ୍‌ରେ ଉଭୟ ତାମିଲନାଡୁରୁ ପଳାଇ ଆସିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ୪ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିବା ଟ୍ରେନ୍‌ରେ ଉଭୟେ ବସିଥିବା ବେଳେ ପୁଲିସ ସେମାନଙ୍କୁ ପଚରାଉଚରା କରିଥିଲା। ଉଭୟଙ୍କ କଥାବାର୍ତ୍ତାରେ ତାଳମେଳ ଖାଇ ନ ଥିଲା। ପରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେମାନେ ନାବାଳିକା ବୋଲି ପୁଲିସ ଜାଣିବାକୁ ପାଇଥିଲା। ପରେ ସେମାନଙ୍କ ପରିବାରଲୋକଙ୍କୁ ଯୋଗାଯୋଗ କରିବା ସହ ସାମାଜିକ ଅନୁଷ୍ଠାନରେ ଉଭୟଙ୍କୁ ଛଡ଼ାଯାଇଥିବା ସୂଚନା ମିଳିଛି।

## ଭୁବନେଶ୍ୱର ପାର୍ସଲ ବୋମା ବିସ୍ଫୋରଣ ଘଟଣା
# ଅକ୍ଷମ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ କ୍ଷତିପୂରଣ ଦିଅ: ହାଇକୋର୍ଟ

### କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ

କଟକ, ୧୨।୭ (ସମିସ): ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ଜଣେ ଅବସରପ୍ରାପ୍ତ ଡାକ ସହାୟକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାର ପ୍ରତିପକ୍ଷ ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସ ସରକାରୀ ଡ୍ୟୁଟି କରୁଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ହରାଇଥିଲେ। ତାଙ୍କର ଦୀର୍ଘକାଳୀନ ଚିକିତ୍ସା ଏବଂ ସ୍ୱଳ୍ପ ପରିମାଣର କ୍ଷତିପୂରଣ ଦାବିକୁ ବିଚାର କରି ସରକାରୀ କର୍ତ୍ତୃପକ୍ଷ ଆଉ ବିଳମ୍ବ ନକରି ୧ ଲକ୍ଷ ୮୩ହଜାର ୮୨୩ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ ରାଶି ଅତ୍ୟଧିକ ନୁହେଁ, ତେଣୁ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ, ପ୍ରଣବାନନ୍ଦ ଦାସ ଭୁବନେଶ୍ୱରର ସୂର୍ଯ୍ୟନଗର ନନ୍-ଡେଲିଭରି ଟାଇପ୍ ସବ୍-ଅଫିସ୍‌ରେ ପୋଷ୍ଟାଲ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୦୨ ଜାନୁଆରି ୩ ତାରିଖ ଦିନ ଡ୍ୟୁଟିରେ ଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣରେ ସେ ଗୋଟିଏ ହାତ ଏବଂ ଗୋଟିଏ ଗୋଡ଼ ହରାଇଥିଲେ। ଏହି ଘଟଣା ଯୋଗୁଁ ସେ ପ୍ରାୟ ଦୁଇ ବର୍ଷ ପାଞ୍ଚ ମାସ ପାଇଁ ଚାକିରିରୁ ଅନୁପସ୍ଥିତ ଥିଲେ। ଡ୍ୟୁଟିରେ ପୁନର୍ବାର ଯୋଗଦାନ କରିବା ପରେ ସମଗ୍ର ସମୟ ପାଇଁ ଛୁଟି ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କୁ ଅକ୍ଷମତା ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ ବରିଷ୍ଠ ଅଧୀକ୍ଷକ (ଏସଏସପିଓ) ଗତ ୨୦୧୫ ଜାନୁଆରି ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ୧ଲକ୍ଷ ୮୩ହଜାର ଟଙ୍କା ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ବିଳମ୍ବ କାରଣରୁ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ତେବେ ପୁନର୍ବାର ଟ୍ରିବ୍ୟୁନାଲଙ୍କ ପକ୍ଷରୁ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିଜକୁ ଜାଳିଦେଲେ...

ବାଲେଶ୍ୱର ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଏହି ଘଟଣାରେ ଅଭିଯୁକ୍ତ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ କଲେଜ ପରିସରରେ ଅଶାନ୍ତି ଲାଗି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି। ଏସ୍‌ପି ରାଜପ୍ରସାଦ ଘଟଣାର ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନାନୁଯାୟୀ, ଗତ ଜୁନ୍ ୧ତାରିଖରେ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ପ୍ରମୁଖ ସମୀର କୁମାର ସାହୁଙ୍କ ନାଁରେ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ସୌମ୍ୟାଶ୍ରୀ। ଅଭିଯୋଗ ଅନୁସାରେ, ୬ମାସ ତଳେ ଅଧ୍ୟାପକଜଣଙ୍କ ଛାତ୍ରୀଙ୍କଠାରୁ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ। ମାତ୍ର ସେ ଅସ୍ୱୀକାର କରିବାରୁ ଅଧ୍ୟାପକ ଶ୍ରୀ ସାହୁ ତାଙ୍କୁ ପ୍ରଥମେ କ୍ଲାସ୍‌ରେ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ପିତାମାତାଙ୍କୁ ଫୋନ୍ କରି ଜଣାଇଥିଲେ। ଛାତ୍ରୀଜଣଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର୍। ସରକାରୀ ପ୍ରଶିକ୍ଷଣ ଶିବିର କାରଣରୁ ବହୁ ସମୟରେ କଲେଜରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ନେଇ ବାରମ୍ବାର ଛାତ୍ରୀଜଣଙ୍କୁ ଅଧ୍ୟାପକ ଶ୍ରୀ ସାହୁ ଅପମାନିତ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏ ସଂପର୍କରେ ସୌମ୍ୟାଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କଠାରେ ଅଭିଯୋଗ କରିଥିଲେ।

ଏପରିକି, ସଂପୃକ୍ତ ଅଧ୍ୟାପକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ଦିନକ ପରେ ହିଁ ଅଧ୍ୟାପକଜଣଙ୍କ ନିଜ ସହକର୍ମୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତ୍ତାଇ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସୌମ୍ୟାଶ୍ରୀ ଅଭିଯୋଗ କରିଥିଲେ।

ଏହି ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ତଦନ୍ତ ପାଇଁ ଦାବି କରାଯାଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଦାବି କରି ଆଜି ମଧ୍ୟାହ୍ନରେ ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଧାରଣା ଦେଇଥିଲେ। ଏହି ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଘୋଷ ସମ୍ପୃକ୍ତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। କିନ୍ତୁ, ସେଠାରୁ ଫେରିବା ପରେ ସେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ପରେ ଛାତ୍ରଛାତ୍ରୀ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ସହଦେବଖୁଣ୍ଟା ପୁଲିସ କଲେଜ ପରିସରରୁ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଉଠାଇ ନେଇଥିଲା।

କଲେଜ ଅଧ୍ୟକ୍ଷ ଶ୍ରୀ ଘୋଷ କହିଛନ୍ତି ଯେ ଉକ୍ତ ଛାତ୍ରୀଙ୍କ ଅଭିଯୋଗକ୍ରମେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ସେଥିରେ କିଛି ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ରହିଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୫ ଦିନ ସମୟ ମଧ୍ୟ ମଗାଯାଇଥିଲା। ହେଲେ ଛାତ୍ରମାନେ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ତଦନ୍ତ ରିପୋର୍ଟରେ ଶାରୀରିକ ପ୍ରାପ୍ୟ ବାବଦରେ କୌଣସି ତଥ୍ୟ ଜଣାପଡ଼ିନାହିଁ।

## ଉଡ଼ିବା ମାତ୍ରେ...

ଦୁର୍ଘଟଣାଗ୍ରସ୍ତ ବିମାନର ମୁଖ୍ୟ ପାଇଲଟ୍ ସୁମିତ ସମବରୱାଲ ଥିଲେ ଏବଂ ତାଙ୍କର ୮୨୦୦ ଘଣ୍ଟାର ଉଡ଼ାଣର ଅନୁଭୂତି ଥିଲା। ସେହିଭଳି କୋପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କର ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ଏତେ ଅଭିଜ୍ଞ ପାଇଲଟ୍ କେବେହେଲେ ଏଭଳି ଭୁଲ କରିନଥିବେ ବୋଲି କୁହାଯାଉଛି। ତେବେ ଏହାକୁ ନେଇ ପାଇଲଟ ଓ ବିଶେଷଜ୍ଞ ଦୁଇ ପ୍ରକାର ମତାମତ ଦେଇଛନ୍ତି। କେତେକ କହୁଛନ୍ତି ଯେ ଇନ୍ଧନ ସ୍ୱିଚ୍‌ରେ ଏପରି ଲକ୍ ସିଷ୍ଟମ କରାଯାଇଛି ଯେ ଏହାକୁ କେବଳ ପାଇଲଟ୍ ଅପରେଟ୍ କରିପାରିବେ। ଅଜାଣତରେ ହାତ ଲାଗିଲେ ମଧ୍ୟ କିଛି ହେବନାହିଁ। ତେଣୁ କେହି ଜଣେ ଜାଣିଶୁଣି ଏପରି ଅନ୍ତର୍ଘାତି କାମ କରିଥାଇପାରେ ବୋଲି ସେମାନେ ମତ ଦେଇଛନ୍ତି। କାରଣ ଦୁର୍ଘଟଣା ବେଳେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ରେକର୍ଡ ହୋଇଥିବା କଥାବାର୍ତ୍ତାରୁ ଏଭଳି ଆଭାସ ମିଳିଛି। ଜଣେ ପାଇଲଟ ପଚାରୁଛନ୍ତି, 'ଇନ୍ଧନ ସୁଇଚ୍ କାହିଁକି ବନ୍ଦ କଲ?' ଅନ୍ୟ ଜଣେ ଉତ୍ତର ଦେଉଛନ୍ତି, 'ମୁଁ ବନ୍ଦ କରିନାହିଁ।' ଅନ୍ୟ କିଛି ପାଇଲଟଙ୍କର ମତାମତ ହେଲା ଯେ କୌଣସି ପାଗଳ ପାଇଲଟ୍ ମଧ୍ୟ କେବେହେଲେ ଏଭଳି ଭୁଲ୍ କରିବ ନାହିଁ। ଏହା ପଛରେ ଯାନ୍ତ୍ରିକ ତ୍ରୁଟି ଥାଇପାରେ। କାରଣ ୭ ବର୍ଷ ତଳେ ଆମେରିକାର ଏକ ବିମାନ ସଂସ୍ଥା ଇନ୍ଧନ ସ୍ୱିଚ୍‌କୁ ନେଇ ଏଭଳି ସତର୍କ କରାଇଥିଲା। ଯାହାକୁ କି ବିମାନ ଚଳାଚଳ ସଂସ୍ଥା ଗୁରୁତ୍ୱ ଦେଇ ନାହାନ୍ତି। ତେବେ ଚୂଡ଼ାନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତି କିଛି କୁହାଯାଇପାରିବ ନାହିଁ। ଅନ୍ୟ କିଛି ବିଶେଷଜ୍ଞଙ୍କର ମତ ହେଲା ଯେ ଏହା ଏକ ବିରଳ ତ୍ରୁଟି। ବିଦ୍ୟୁତ ସରବରାରେ ବ୍ୟାଘାତ ହେଲେ ଏଭଳି ଯାନ୍ତ୍ରିକ ତ୍ରୁଟିର ସମ୍ଭାବନା ମଧ୍ୟ ରହିଛି।

ଏହି ବିମାନ ଦୁର୍ଘଟଣାର ତଦନ୍ତ କରିଥିବା ଭାରତୀୟ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଏଆଇବି) ଗତକାଲି ବିଳମ୍ବିତ ରାତିରେ ୧୫ ପୃଷ୍ଠା ବିଶିଷ୍ଟ ଏହାର ପ୍ରାଥମିକ ରିପୋର୍ଟ ଜାରି କରିଛି। ଦୁର୍ଘଟଣା ସମୟରେ ଘଟିଯାଇଥିବା କିଛି ଘଟଣା ଓ ଏହି ସମୟରେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ଭିତ୍ତି କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବିମାନ ଉଡ଼ିବାର କିଛି ସେକେଣ୍ଡ ମଧ୍ୟରେ ଇଞ୍ଜିନ-୧ ଏବଂ ଇଞ୍ଜିନ୍-୨ର ଦୁଇଟି ଯାକ ଇନ୍ଧନ ସ୍ୱିଚ୍ ବନ୍ଦ ହୋଇଯାଇଥିଲା। ଯାହାଫଳରେ ଦୁଇଟି ଯାକ ଇଞ୍ଜିନ ସଟ୍-ଡାଉନ୍ ବା କାମ କରିବା ବନ୍ଦ କରିଦେଇଥିଲା। ବିମାନ ଆଉ ଉପରକୁ ଉଠିନପାରି ତଳକୁ ଖସିପଡ଼ିଥିଲା। ଏହି ସମୟରେ ଜଣେ ପାଇଲଟ୍ ଅନ୍ୟ ଜଣଙ୍କୁ ପଚାରୁଛନ୍ତି, 'ଇନ୍ଧନ ସ୍ୱିଚ୍ କାହିଁକି ବନ୍ଦ କଲ?' ଏହାର ଉତ୍ତର ଦେଇ ଅନ୍ୟ ଜଣେ ପାଇଲଟ୍ କହୁଛନ୍ତି, 'ମୁଁ କରିନାହି:।' ଏହାର କିଛି ସେକେଣ୍ଡ ମଧ୍ୟରେ ଦୁଇଟି ଯାକ ସ୍ୱିଚ୍ ପୁଣି ଚାଲୁ ହେବା ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ବହୁତ ବିଳମ୍ବ ହୋଇଯାଇଥିଲା। ଇଞ୍ଜିନ୍-୨ କାମ କରିବାକୁ ଆରମ୍ଭ କରୁଥିବା ବେଳେ ଇଞ୍ଜିନ-୧ କାମ କରିନଥିଲା। ବିମାନର ବେଗ ବି କମିଯାଇଥିଲା। ବିମାନ ଖୁବ୍ କମ୍ ଉଚ୍ଚତାରେ ଉଡୁଥିବାରୁ ଆଉ ଉପରକୁ ଉଠିବା ଲାଗି ବଳ ପାଇନଥିଲା। ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବା ଲାଗି ରାମ ଏୟାର ଟର୍ବାଇନ (ରାଟ୍)କୁ ନିୟୋଜିତ କରିଥିଲେ ପାଇଲଟ୍। କିନ୍ତୁ କିଛି କାମ ଦେଲାନାହିଁ। ବିମାନ ଉଡ଼ିବାର ୯୦ ସେକେଣ୍ଡ ମଧ୍ୟରେ ଖସିପଡ଼ିଥିଲା। ଏୟାର ଇଣ୍ଡିଆର ଏହି ବିମାନଟି ଅହମଦାବାଦ ବିଜେ ମେଡିକାଲ କଲେଜ ହଷ୍ଟେଲ ଉପରେ ପଡ଼ିଯାଇଥିଲା। ଏଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ। ବିମାନରେ ଥିବା ବିମାନ କର୍ମଚାରୀ ଓ ଯାତ୍ରୀଙ୍କୁ ମିଶାଇ ୨୪୧ ଜଣ ପ୍ରାଣ ହରାଇଥିବା ବେଳେ ତଳେ ଥିବା ୧୯ ଜଣ ପ୍ରାଣ ହରାଇଥିଲେ। ତେବେ ଜଣେ ବିମାନ ଯାତ୍ରୀ ବର୍ତ୍ତିଯାଇଥିଲେ। ପକ୍ଷୀମାଡ଼ ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

ସୂଚନାଯେଗ୍ୟ ଯେ ଜୁନ ୧୨ ତାରିଖ ଅପରାହ୍ଣରେ ଏୟାର ଇଣ୍ଡିଆର ଏଆଇ ୧୭୧ ବୋଇଂ ୭୮୭-୮ ଡ୍ରିମଲାଇନର ଅହମଦାବାଦରୁ ଲଣ୍ଡନ ଯାଉଥିଲା। ଏଥିରେ ୨୩୦ ଜଣ ଯାତ୍ରୀ ଥିବା ବେଳେ ଦୁଇ ଜଣ ପାଇଲଟ ଏବଂ ୧୦ ଜଣ କ୍ୟାବିନ୍ କର୍ମଚାରୀ ଥିଲେ। ଭାରତରେ ଏୟାର ଇଣ୍ଡିଆ ଇତିହାସରେ ଏହାଥିଲା ସବୁଠାରୁ ଭୟଙ୍କର ଦୁର୍ଘଟଣା। ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ମୃତ୍ୟୁ ଘଟିଥିଲା।

## ବିଷାକ୍ତ ମଦ...

ଶିଳ୍ପରେ ପରିଣତ ହୋଇଛି। ଗତକାଲି ମଦ ପିଇ ମିଲୁ ସାମଲ(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ୍ଲ ସାମଲ (୫୮) ଗୁରୁତର ହୋଇଥିଲେ। ପ୍ରଫୁଲ୍ଲଙ୍କୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ସେହିପରି ବିଷାକ୍ତ ମଦ ପିଇ ଗ୍ରାମର ସୁଶାନ୍ତ ମାଝୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ବିଷାକ୍ତ ମଦ ଯୋଗୁଁ ମାସେ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରା ମଧ୍ୟ ପ୍ରାଣ ହରାଇଛନ୍ତି। ଗତ ୬ ମାସ ମଧ୍ୟରେ ଏମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ରାସୋଳ ଥାନା ଏବଂ ହିନ୍ଦୋଳ ଗ୍ରାମଠାରୁ ଦୂରରେ ରହିଥିବାରୁ ଅବକାରୀ ବିଭାଗ ଏବଂ ପୁଲିସ ଗ୍ରାମରେ ଚଢ଼ଉ କରୁନଥିବାରୁ ଦେଶୀ ମଦ ରାନ୍ଧିବା କେତେକଙ୍କ ପାଇଁ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହି ମଦ ପିଇ ଗରିବ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏ ଦିଗରେ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## ଫେରିଲେ ନବୀନ...

ଶନିବାର ଦିନ ୧୨ଟା ୩୦ ମିନିଟରେ ନବୀନ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଏହାର ପ୍ରାୟ ଘଣ୍ଟାଏ ବିଳମ୍ବରେ ନବୀନ ପହଞ୍ଚିଥିଲେ। ମାତ୍ର ଲୋକଙ୍କ ମଧ୍ୟରେ ଉତ୍ସାହ କମିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ରାଜ୍ୟର କୋଣ ଅନୁକୋଣରୁ ନବୀନଙ୍କୁ ଭଲ ପାଉଥିବା ଲୋକେ ବିନା କାହାର ନିମନ୍ତ୍ରଣ, ପରାମର୍ଶରେ ଭୁବନେଶ୍ୱର ଛୁଟି ଆସିଥିବା ବେଳେ ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଥିଲେ। ନବୀନଙ୍କ ଦେଖିବା ମାତ୍ରେ ତାଙ୍କର ବହୁ ସମର୍ଥକ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଥିବାର ଦେଖିବାକୁ ମିଳିଥିଲା। ଅଜାଣରେ ଦୁଇଆଖିରୁ ଆନନ୍ଦାଶ୍ରୁ ଝରି ପଡୁଥିଲା। ମହିଳାମାନେ ହୁଳହୁଳି ଦେଇ ନବୀନଙ୍କୁ ସ୍ୱାଗତ କରୁଥିବା ବେଳେ ନବୀନଙ୍କ ଜିନ୍ଦାବାଦ ଧ୍ୱନିରେ ପୂରା ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ ସମର୍ଥକ ଓ ଶୁଭେଚ୍ଛୁ। ଏପରିକି ରାସ୍ତାର ଦୁଇପାଖ ଏବଂ ରାସ୍ତାରେ ଛିଡ଼ାହେବା ପାଇଁ ସ୍ଥାନ ନମିଳିବାକୁ କିଛି ଯୁବକ ନିକଟସ୍ଥ କୋଠା ଉପରେ ଚଢ଼ି ନବୀନଙ୍କ ଫଟୋ ନିଜ କ୍ୟାମେରାରେ ତୋଳି ଧରୁଥିବାର ଦେଖିବାକୁ ମିଳୁଥିଲା। ନବୀନଙ୍କୁ ପାଖରେ ସୁସ୍ଥ ରୂପରେ ପାଇଁ ପୂରା ପରିବେଶ ଭାବପ୍ରବଣତାରେ ଭରି ଯାଇଥିବା ବେଳେ ସାଧାରଣ ଲୋକେ ବେଶ୍ ଖୁସି ପ୍ରକଟ କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଗତ ୨୦ତାରିଖରେ ନିଜ ଚିକିତ୍ସା ପାଇଁ ନବୀନ ଭୁବନେଶ୍ୱର ଯିବା ସମୟରେ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦର ଛକରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଥିଲା। ସାଧାରଣ ଲୋକେ, ଶୁଭେଚ୍ଛୁ ସେଠାରେ ଏକାଠି ହୋଇ ନବୀନଙ୍କ ସୁସ୍ଥତା କାମନା କରିଥିଲେ। ମୁମ୍ବାଇରେ ଚିକିତ୍ସା ସାରି ନବୀନ ଖୁବଶୀଘ୍ର ଓଡ଼ିଶା ଫେରି ନିଜକୁ ରାଜ୍ୟବାସୀଙ୍କ ସେବାରେ ବ୍ରତୀ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ସମର୍ଥକ। ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିର, ଦେବାଦେବୀଙ୍କ ପୀଠ ଏବଂ ନିଜ ଇଷ୍ଟଙ୍କ ପାଖରେ ଶୁଭେଚ୍ଛୁ ନବୀନଙ୍କ ଶୀଘ୍ର ସୁସ୍ଥତା କାମନା କରିଥିଲେ। ଦୀପ ଜାଳିଥିଲେ। ମାନସିକ କରିଥିଲେ। ମୁମ୍ବାଇରେ ଗତ ୨୨ତାରିଖରେ ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବୀନଙ୍କ ସଫଳ ଚିକିତ୍ସା ମଧ୍ୟ ହୋଇଥିଲା। ୭ ତାରିଖରେ ହସ୍ପିଟାଲରୁ ଡିସ୍ଚାର୍ଜ ହେବା ପରେ ନବୀନ ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।

କେବଳ ଶୁଭେଚ୍ଛୁ କିମ୍ବା ପ୍ରଶଂସକ ନୁହନ୍ତି, ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କ ସହ ଯୁବ, ଛାତ୍ର ଏବଂ ମହିଳା ଦଳର ବହୁ ନେତା ଓ ନେତ୍ରୀମାନେ ଉପସ୍ଥିତ ରହି ନବୀନଙ୍କୁ ସ୍ୱାଗତ କରିଥିଲେ। ନବୀନଙ୍କ ଅନୁପସ୍ଥିତିରେ ରାଜର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ନିଜର ଲଢ଼େଇ କରି ଆସିଥିଲା। ଏବେ ନବୀନ ଫେରିବା ପରେ ଆମର ଶକ୍ତି ବହୁଗୁଣରେ ବଢ଼ିଗଲା। ଆମ ସବାପତି, ଆମ ନେତାଙ୍କ ମାର୍ଗଦର୍ଶନରେ, ନିର୍ଦ୍ଦେଶରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗରେ ବିଜେଡି ନିଜର ସ୍ୱରକୁ ଶାଣିତ କରିବ ବୋଲି ଦଳର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଜିଠୁ ଅତି ପ୍ରବଳ...

ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ଦେବଗଡ଼, ବରଗଡ଼, ଯାଜପୁର, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୪ ତାରିଖରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୫ ତାରିଖ ପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୬ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ଘଣ୍ଟାରେ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬୭ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ସମତଳ ଅଞ୍ଚଳରେ ନବରଙ୍ଗପୁରରେ ୦.୮ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ନୟାଗଡ଼ ରଣପୁର ୫୮.୬ମିମି, କଟକ ବାଙ୍କୀ ୫୫.୦ ମିମି., ଖୋର୍ଦ୍ଧା ବୋଲଗଡ଼ ୫୨.୦ ମିମି ବର୍ଷା ରେକର୍ଡ ହୋଇଛି। ଟ୍ୱିନସିଟିରେ ତାପମାତ୍ରାରେ ବୃଦ୍ଧି ପାଇଛି। ଆଜି କଟକରେ ୩୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଛି।

## ଗଡ଼ିଲା ବସ୍...

ଦେଇଛନ୍ତି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ସମର୍ଥନ ପ୍ରତ୍ୟାହାର ନେଇ ଶୁକ୍ରବାର ଘୋଷଣା କରିଥିଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ପୂର୍ବ ଘୋଷଣା ଅନୁଯାୟୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ପାରାଦୀପ, ମାଲକାନଗିରି ସହ ବିଭିନ୍ନ ସ୍ଥାନରୁ ବସ୍ ଚଳାଚଳ କରିଥିଲା। କେବଳ ବସ୍ ନୁହେଁ; ୪ ଚକିଆ ଯାନ ମଧ୍ୟ ଚଳାଚଳ କରୁଥିବାର ଦେଖିବାକୁ ମିଳୁଥିଲା। କେତେକ ସ୍ଥାନରେ ଡ୍ରାଇଭରମାନେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନାମରେ ବିଷୋଦଗାର କରିଛନ୍ତି। ମହାସଂଘର କେତେକ ଗୋଷ୍ଠୀ ମେଣ୍ଡୁଲିଙ୍କୁ ସିଧାସଳଖ ବିରୋଧ କରୁଥିବାରୁ ମହାସଂଘ ଦୁଇଫାଳ ହୋଇଯାଇଥିବା କୁହାଯାଉଛି। ତେବେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରି ସେ କାନ୍ଦ କାନ୍ଦ ସ୍ୱରରେ କହିଛନ୍ତି ଯେ ବର୍ତ୍ତମାନ ଧୈର୍ଯ୍ୟ ହେଉଛି ବଡ଼ ଅସ୍ତ୍ର। ଆପଣମାନେ ଧୈର୍ଯ୍ୟ ଧରନ୍ତୁ। ଏହି ସମୟ ଆଉ କେବେବି ଡ୍ରାଇଭର ଭାଇମାନେ ପାଇବେ ନାହିଁ। ଯଦି କେଉଁମାନେ ନିଜ ମାଲିକଙ୍କୁ ଡରି ଗାଡି ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି, ସେମାନେ ଚଳାନ୍ତୁ। ମାତ୍ର ଡ୍ରାଇଭର୍ ମହାସଂଘର ନିଷ୍ପତ୍ତିକୁ ଖିଲାପ କରି ଯେଉଁମାନେ ଗାଡ଼ି ଚଳାଉଛନ୍ତି ସେମାନଙ୍କ ଫଟୋ ଉଠାଇବୁ। ସେମାନଙ୍କୁ ଚିହ୍ନଟ କରାଯିବା ସହ ଯେଉଁମାନେ ଏବେ ଗାଡ଼ି ଚଳାଉଛନ୍ତି ସେମାନଙ୍କୁ ସଂଘରୁ ବାହାର କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଜି ଓଡ଼ିଶା ଡ୍ରାଇଭର୍ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଗିରଫ ପରେ ବଲାଙ୍ଗିର ଜେଲ୍ ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ମିନି ଟ୍ରକ ମାଲିକ ସଂଘ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଏନେଇ ପୁନର୍ବାର ପ୍ରତିକ୍ରିୟା ରଖିଛନ୍ତି। ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ସେ ଅନୁରୋଧ କରିଥିବା ବେଳେ ସରକାର ଆପଣଙ୍କ ସମସ୍ତ ଦାବିକୁ ଶୁଣିଛନ୍ତି, ସବୁ ଦାବିର ସମାଧାନ ହେବ ବୋଲି ପୁନଃର୍ବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘ ନାମରେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଭ୍ରମିତ କରୁଛନ୍ତି। ନିରୀହ, ସରଳ ଡ୍ରାଇଭରମାନେ ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ଆନ୍ଦୋଳନ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଦ୍ୱାରା ଆୟୋଜିତ ସମାବେଶ ବିଫଳ ହେଉ ବୋଲି ବିଜେପି ଚାହୁଁଥିଲା। ସେଥିପାଇଁ ତାଙ୍କ ଦାବି ପୂରଣ କରାଯାଉ ନାହିଁ। ରାଜ୍ୟରେ ୧୦ ଲକ୍ଷ ଡ୍ରାଇଭରଙ୍କ ପାଇଁ କୌଣସି ନୀତି ନିୟମ ନାହିଁ। ଏନେଇ ରାହୁଲ ଗାନ୍ଧୀ ମଧ୍ୟ ନିଜର ସ୍ୱର ଉତ୍ତୋଳନ କରିଛନ୍ତି। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି ବୋଲି ସେ ଦୋହରାଇଛନ୍ତି।


**NOTICE**

By virtue of an affidavit sworn before the Executive Magistrate, Balangir, dated 17.02.2025 I, Anjali Badhia, W/o- Asish Badhia, At: Dudukasira, PO: Jhankarpali, PS. Balangir Sadar, Dist. Balangir (Odisha), declare that I have changed my name from Padmalaya Guru to Anjali Badhia. Henceforth, I shall be known as Anjali Badhia for all purposes.

Anjali Badhia (New Name)

**NOTICE**

By virtue of an affidavit sworn before the Executive Magistrate, Balangir, dated 21.06.2025 I, Silosabati patel, w/o Late Haribandhu Patel, At: Fatkara, PO: Bhaler, PS. Puintala, Dist. Balangir (Odisha), declare that my correct name is Silosabati patel mention in PPO no. 55667.but in my addhar card wrongly mention as Silabati Patel. Henceforth, I shall be known as Silosabati patel for all purposes.

Silosabati Patel (New Name)

**AFFIDAVIT**

By virtue of an affidavit sworn before Executive Magistrate, Khordha, dated 22/04/2025. I, Satyabadi Dora, Vill - Telenga Sahi, Khordha Town Po/Ps/Dist-Khordha, Odisha, Pin- 752055, Declare that I have changed the name of my daughter from K. Urbi to Urbi Dora. Henceforth, She shall be known as Urbi Dora for all purposes.

Satyabadi Dora

**NOTICE**

By virtue of an affidavit sworn before the Executive Magistrate, Loisingha, dated 09.07.2025 that I Sangita Pande, Resident of At:Taljuri, PO: Rengali, PS. Balangir Sadar, Dist. Balangir (Odisha) declare that I have changed my name from Sangita Bag to Sangita Pande. Henceforth, I shall be known as Sangita Pande for all purposes.

Sangita Pande (New Name)

**AFFIDAVIT**

I, Anjana Kundu, W/o.: Sandeep Kumar Kundu, resident of At: Basta (Baharda), PO.: Baharda Bazar, Dist.: Baleswar, PIN-756029, Odisha, declare by this affidavit No.: 4255, dated-11/07/2025, that now onwards I shall be known as **ANJANA RANI KUNDU** for all future purposes.

**NOTICE**

By virtue of an affidavit sworn before the Executive Magistrate, Balangir, dated 11.07.2025 I Ayushman Kalta, Resident of At:Apamara, PO: Bhutiarbahal, PS. Deogaon, Dist. Balangir (Odisha) declare that I have changed my name from Ayusman Kalata to Ayushman Kalta. Henceforth, I shall be known as Ayushman Kalta for all purposes.

Ayushman Kalta(New Name)

**NOTICE**

By virtue of an affidavit sworn before the Notary Sonepur, dated 11.07.2025 that I, Ansuman Panda, R/o Gadbhitar, Sonepur, Subarnapur have changed my name to Anshuman Panda. Henceforth, I shall be known as Anshuman Panda for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/07/2025. I, **Sharad Bagh** (Applicant name), Son of Damodara Bagh, Permanent resident of At-Pipilibandh (Dumdumi), P.O. Siker, P.S. Titilagarh, Dist- Balangir, (Odisha), PIN-767033 now residing at the same place affirm that I have changed my minor daughter's name from **Nirjala Bagh** (old name) To **Nomita Bagh** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Nomita Bagh** (new name).

**Sharad Bagh**



# ଭୁବନେଶ୍ୱର ସିଟି

## ଆଜି ମଧ୍ୟରାତ୍ରୀରୁ ମନ୍ଦିର ଆଗରେ ଧାଡ଼ି

# ହାଟରୁ ଘାଟ, ରାସ୍ତାରୁ ମନ୍ଦିର ସବୁଠି ଭିଡ଼

- ଆକର୍ଷଣରେ ମ୍ୟୁଜିକ୍ ଓ ରଙ୍ଗୀନ ଆଲୁଅ ବାହୁଙ୍ଗି
- ପାଞ୍ଚ ଶହରୁ ପାଞ୍ଚ ହଜାର ଟଙ୍କାରେ ମିଳୁଛି ବାହୁଙ୍ଗି
- ସାରାଦିନ ବିଭିନ୍ନ ସୋରୁମ୍‌ରେ ପୋଷାକ ପାଇଁ ଭିଡ଼
- ପାଞ୍ଚ ଶହ ଟଙ୍କାରେ ମିଳୁଛି ପୂଜା ସରଞ୍ଜାମ ପ୍ୟାକେଜ୍



ଭୁବନେଶ୍ୱର, ୧୨।୭(ସମିସ): ରବିବାର ରାତି ପାହିବା ଆଗରୁ ବିଭିନ୍ନ ଶୈବ ପୀଠରେ ଶ୍ରାବଣ ମାସର ପ୍ରଥମ ଜଳଲାଗି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ଶ୍ରୀଲିଙ୍ଗରାଜ ପୀଠାରୁ ଆରମ୍ଭ କରି ଅନ୍ୟ ଶୈବପୀଠରେ ଜଳଲାଗି ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

ଗତ ସପ୍ତାହବ୍ୟାପୀ ଏକ ନମ୍ବର ହାଟ ସମେତ ରାଜଧାନୀର ବିଭିନ୍ନ ହାଟରେ ଏବଂ ରାସ୍ତାକଡ଼ରେ ଜଳଲାଗି ସରଞ୍ଜାମ ବିକ୍ରି ହେଉଛି। କିନ୍ତୁ ଗତ ୩ ଦିନ ଧରି ରାଜଧାନୀର ବିଭିନ୍ନ ହାଟରେ ଭିଡ଼ ଅଧିକ ପରିଲକ୍ଷିତ ହେଉଛି। ଶନିବାର ସରକାରୀ ଛୁଟି ଥିବାରୁ ପୂରା ଦିନ ଏକ ନମ୍ବର ହାଟରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏମିତି କି ଗୋଟିଏ ଗୋଟିଏ ଦୋକାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହୁଙ୍ଗି ଏବଂ ଅନ୍ୟ ଜଳଲାଗି ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ବାହୁଙ୍ଗିଠାରୁ ଆରମ୍ଭ କରି କଳସୀ, ଶିକାଠାରୁ ଆରମ୍ଭ କରି ବିଭିନ୍ନ ବାହୁଙ୍ଗି ସାମଗ୍ରୀ ଏବଂ ପୂଜା ସାମଗ୍ରୀ ବିକ୍ରି ହେଉଛି। ପୂରା ପ୍ୟାକେଜ୍ ୫ ଶହ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ରହିଛି। ତେବେ ଅଧିକାଂଶ ଲୋକେ ହଜାର ଟଙ୍କା ଦେଇ ଗୋଟିଏ ଗୋଟିଏ ସେଟ୍ କିଣୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବବର୍ଷ ଅପେକ୍ଷା ଏଥର ଆକର୍ଷଣୀୟ ମ୍ୟୁଜିକ୍ ବାହୁଙ୍ଗି ବିକ୍ରି ହେଉଛି। ଯାହାର ଦାମ୍ ଦେଢ ହଜାରରୁ ଆରମ୍ଭ ହୋଇଛି। ଏହି ବାହୁଙ୍ଗିରେ ବ୍ୟାଟେରୀ ସହ ଆଲୋକ ବ୍ୟବସ୍ଥା ମଧ୍ୟ ରହିଛି। ଯାହା ଅନ୍ଧାରରେ ଆକର୍ଷଣୀୟ ଦେଖାଯିବ। ରାଜଧାନୀ ରାସ୍ତାକଡ଼ରେ ଆଜି ସେଭଳି କିଛି ଶ୍ରଦ୍ଧାଳୁ ପାଣିଲାଗି ପାଇଁ ଯାଉଥିବା ଦେଖିବାକୁ ମିଳିଥିଲା।





କେବଳ ବାହୁଙ୍ଗି କିମ୍ବା ଜଳଲାଗି ସାମଗ୍ରୀ ନୁହେଁ ବୋଲବମ୍ ପୋଷାକ ବିକ୍ରି ମଧ୍ୟ ବୃଦ୍ଧି ପାଇଛି। ଗତ ତିନିଦିନ ହେଲା ରାଜଧାନୀ ହାଟ ସମେତ ବିଭିନ୍ନ ଶୋରୁମ୍‌ରେ ମଧ୍ୟ କାଉଡ଼ିଆ ପୋଷାକ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ରଙ୍ଗୀନ ଓ ଦାମୀ ପୋଷାକ ମଧ୍ୟ ବିକ୍ରି କରୁଛନ୍ତି ଦୋକାନୀ। ପାଞ୍ଚଶହ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କାର ପୋଷାକ ମଧ୍ୟ ବିକ୍ରି କରୁଛନ୍ତି। ଅନେକ ଶ୍ରଦ୍ଧାଳୁ ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ କିଣିବା ପାଇଁ ବିଭିନ୍ନ ସୋରୁମ୍‌ରେ ଭିଡ଼ ଜମାଇଥିଲେ।

ସାମଗ୍ରୀ କିଣିବା ସହ ଗତ ଦୁଇଦିନ ହେଲା କଟକ ଗଡ଼ଗଡ଼ିଆ ଘାଟ ସମେତ ରାଜଧାନୀର ବିଭିନ୍ନ ନଦୀ ଘାଟରେ ଭିଡ଼ ଜମିଥିଲା। ଶନିବାର ବିଳମ୍ବିତ ରାତିରେ ରାଜଧାନୀର ବିଭିନ୍ନ ରାସ୍ତାଘାଟରେ କାଉଡ଼ିଆଙ୍କୁ ଦେଖିବାକୁ ମିଳିଥିଲା। ଯଦିବା ପୂର୍ବବର୍ଷଗୁଡ଼ିରେ କାଉଡିଆମାନେ ରିଲ୍ସ କରୁଥିଲେ ଏଥର ଅଧିକାଂଶ କାଉଡ଼ିଆଙ୍କୁ ରାଜପଥରେ ରିଲ୍ସ କରିବା ଦେଖିବାକୁ ମିଳିଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ କାଉଡିଆଙ୍କ ରିଲ୍ସ ଦେଖିବାକୁ ମିଳିଛି।

କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ବିଭିନ୍ନ ସେବା ଅନୁଷ୍ଠାନ ଏବଂ ଧର୍ମ ଅନୁଷ୍ଠାନ ପକ୍ଷରୁ କଟକ-ଭୁବନେଶ୍ୱର ଜାତୀୟ ରାଜପଥ କଡ଼ରେ ଷ୍ଟଲ୍ ମାନ ଖୋଲିଛି। ସେଠାରେ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। କେତେକ ସ୍ଥାନରେ କାଉଡ଼ିଆଙ୍କ ପାଦ ସେବା କରିବା ବ୍ୟବସ୍ଥା କରାଯାଉଛି। ଲୋକେ କାଉଡ଼ିଆଙ୍କ ଗୋଡ଼ ମୋଡ଼ିଦେବା ସହ ସେବା କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଶ୍ରୀଲିଙ୍ଗରାଜ ମନ୍ଦିରରେ ବିଶେଷ ବ୍ୟବସ୍ଥା କରାଯାଇଛି। ଲମ୍ବା ବ୍ୟାରିକେଡ୍ ସହ ଶୃଙ୍ଖଳିତ ଜଳଲାଗି କିଭଳି ହୋଇପାରିବ ସେଥିପ୍ରତି ବିଶେଷ ବ୍ୟବସ୍ଥା କରାଯାଇଛି।

## ‘୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ର

କଟକ, ୧୨।୭(ସମିସ): ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଅଧିକରୁ ଅଧିକ ସମାଜ, ଜୀବନ ଓ ମାଟି ମନସ୍କ ହୋଇଛି। ସାହିତ୍ୟ ହୋଇଛି ଅଧିକ ପ୍ରଭାବଶାଳୀ। ସଫଳ ସ୍ରଷ୍ଟା ଅଧିକରୁ ଅଧିକ ସଚେତନ ହୋଇଛନ୍ତି ବୋଲି ‘୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ରରେ ଯୋଗ ଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଆୟୋଜିତ ସାଂସ୍କୃତିକ ସମାରୋହ ଉତ୍କଳ ସାହିତ୍ୟ ସମାଜ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ୧୯୮୦ ପରବର୍ତ୍ତୀ ଶିଶୁସାହିତ୍ୟ, ଗଳ୍ପ, କବିତା, ବ୍ୟଙ୍ଗ ଓ ରମ୍ୟରଚନା ଏବଂ ପ୍ରବନ୍ଧ ଓ ସମାଲୋଚନା ସମ୍ପର୍କରେ ଆଲୋଚନା କରିଥିଲେ ଡକ୍ଟର ରାଜକିଶୋର ପାଢ଼ୀ, ସଦାନନ୍ଦ ତ୍ରିପାଠୀ, ପୀତାମ୍ବର ତରାଇ, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର। ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ବିଜୟଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ରାଧାଶ୍ୟାମ ରାଉଳ। ଶିକ୍ଷାବିତ୍ ଉମାଶଙ୍କର ମିଶ୍ର, ଅଧ୍ୟାପକ ହୃଷିକେଶ ମହାରଣା, ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ।

## କେୟାର୍ ରିବାଇଣ୍ଡ ୨.୦ ଚିକିତ୍ସା ସମ୍ମିଳନୀ



ଭୁବନେଶ୍ୱର, ୧୨।୭(ସମିସ): କେୟାର୍ ହସ୍ପିଟାଲ୍ ଓ ‘ଦ’ ବିଲିୟନ୍ ନି ପ୍ରୋଜେକ୍ଟ ଓ ହେଲ୍ଥ ଏବଂ ହର୍‌ମୋନୀ ଟ୍ରଷ୍ଟ’ର ମିଳିତ ଆନୁକୂଲ୍ୟରେ କେୟାର୍ ରିବାଇଣ୍ଡ ୨.୦ ଚିକିତ୍ସା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଚିକିତ୍ସା ପ୍ରବୃତ୍ତି ବିଷୟରେ ସମ୍ବାଦ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ‘ଇଣ୍ଡିଆନ୍ ସାଇକୋଥେରାପୀ ଓ ହେଲ୍ଥ ଏବଂ ହର୍‌ମୋନୀ ଟ୍ରଷ୍ଟ’ ଅଂଶଗ୍ରହଣ କରିଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯୋଡ଼ି ହୋଇଥିଲେ। ସେମାନେ ଭବିଷ୍ୟତରେ ଏକ ସୁସ୍ଥ ସ୍ୱାସ୍ଥ୍ୟ ପରିବେଶ ଗଠନ ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ପ୍ରସିଦ୍ଧ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସନ୍ଦୀପ ସିଂ, ରୋବୋଟିକ୍ ସର୍ଜରୀ ମୁଖ୍ୟ ପରାମର୍ଶଦାତା କିସ୍‌ଲେ ଆନନ୍ଦ, ଜୋନାଲ୍ ମୁଖ୍ୟ ପରିଚାଳନା ଅଧିକାରୀ ଲୋକନାଥ ଦାଶଙ୍କ ସମେତ କେୟାର ହସ୍ପିଟାଲ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ।

## ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା



ଭୁବନେଶ୍ୱର, ୧୨।୭(ସମିସ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ‘ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା’ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳର ଗୋପବନ୍ଧୁ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଆରତି କର, ପ୍ରଫେସର ଶରତ ଚନ୍ଦ୍ର ରଥ, ଅବସପ୍ରାପ୍ତ ପ୍ରଶାସକ ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚିତ କାଳିଜାଇ ପ୍ରଭୃତି ଗାଥା କବିତା ଉପରେ ବିଶେଷ ଆଲୋଚନା କରିଥିଲେ। ତାଙ୍କ ରଚିତ ପୁରୁଷୋତ୍ତମ ଦେବ ଓ ମୁକୁନ୍ଦ ଦେବ ନାଟକ ଓ ଉପନ୍ୟାସ ଗୁଡ଼ିକ କିପରି ଆଲୋଡନ ସୃଷ୍ଟି କରିଥିଲା ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାଶ ରଥ, ବାସନ୍ତୀ ତ୍ରିପାଠୀ, ନାଟ୍ୟକାର ବିଜୟ ମହାନ୍ତି, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ରାମ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିଟି ହସ୍ପିଟାଲ୍‌ରେ ଶିଶୁ ମୃତ୍ୟୁ ଘଟଣା | ତେଲେଙ୍ଗାବଜାର ରାସ୍ତାରେ ମୃତଦେହ ରଖି ଧାରଣା

କଟକ, ୧୨।୭(ସମିସ): ସିଟି ହସ୍ପିଟାଲରେ ଚିକିତ୍ସା ଅବହେଳାରେ ଶିଶୁ ଅନିଆ ଦାସ(୧୦)ଙ୍କ ମୃତ୍ୟୁ ଘଟଣାରେ ଆଜି ଏସ୍‌ସିବିରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ଅପରାହ୍ଣରେ ମୃତକଙ୍କ ଘର ନିକଟସ୍ଥ ପୁରିଘାଟ ଉପର ତେଲେଙ୍ଗାବଜାର ରାସ୍ତାରେ ମୃତଦେହ ରଖି ପରିବାର ଓ ସମ୍ପର୍କୀୟ ଧାରଣା ଦେବା ସହ କ୍ଷତିପୂରଣ ଦାବି କରିଥିଲେ। ପ୍ରାୟ କିଛି ସମୟ ଧରି ରାସ୍ତା ଅବରୋଧ କରିବା ପରେ ଘଟଣାର ଖବର ପାଇ ସ୍ଥାନୀୟ ପୁରୀଘାଟ ପୁଲିସ ଓ ଜୋନ-୪ ଏସିପି ଘଟଣାସ୍ଥଳରେ ପହଞ୍ଚି ମୃତକ ଶିଶୁର ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକ ଶିଶୁର ପରିବାର ଲୋକ ନିଜର ଦାବିକୁ ଲିଖିତ ଆକାରରେ ଦେବା ପରେ ଧାରଣା ପ୍ରତ୍ୟାହୃତ କରିଥିବା ସୂଚନା ମିଳିଛି।

ମୃତ ଶିଶୁର ବୁଢ଼ୀ ମାଆ ବେଲ ଦେଇ କହିଛନ୍ତି, ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରାଇବାରୁ ଏଭଳି ସ୍ଥିତି ଉପୁଜିଛି। ନାତିକୁ ଏସ୍‌ସିବି ନେବାକୁ କହିଥିଲେ ହେଲେ ସେଠାରେ ଆମ୍ବୁଲାନ୍ସ ଥାଇ ମଧ୍ୟ କେହି ସହଯୋଗ କରି ନଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ସ୍ଥିତି ଆୟତ୍ତ କରିବା ପରେ ଜୋନ-୪ ଏସିପି ଅଶୋକ ଗିରି କହିଛନ୍ତି ଯେ ଘଟଣା ସମ୍ପର୍କରେ ଦରଘାବଜାର ଥାନାରେ ଅଭିଯୋଗ କରାଯାଇଛି ଏବଂ ଏହାର ତଦନ୍ତ ଆରମ୍ଭ ହୋଇଛି।

ସୂଚନାଥାଉ କି, ପୁରିଘାଟ ଉପରତେଲେଙ୍ଗା ବଜାର ଅଞ୍ଚଳର ସୁକୁଟା ଦାସଙ୍କ ପୁଅ ଅନିଆ ଦାସ (୧୦)ଙ୍କୁ ଗୁରୁବାର ଡାଇରିଆ ହେବାରୁ ତାଙ୍କୁ ଶୁକ୍ରବାର ସିଟି ହସ୍ପିଟାଲର ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୪ଟାରେ ଅନିଆର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିଲା। ସେତେବେଳେ ତାଙ୍କୁ ଏସ୍‌ସିବି ସ୍ଥାନାନ୍ତର କରିବା ବଦଳରେ ରାତି ୯ଟାରେ ଡାକ୍ତର ଅନ୍ୟତ୍ର ନେଇଯିବାକୁ କହିଥିଲେ। ଏସ୍‌ସିବି ନେବା ପାଇଁ ଅନିଆଙ୍କ ପରିବାର ଲୋକ ସିଟି ହସ୍ପିଟାଲରେ ଥିବା ଦୁଇଟି ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ ହେଲେ ସେମାନେ ନେବାକୁ ମନା କରିଥିଲେ। ପରିବାର ଲୋକ ଅନିଆକୁ ଅଟୋ ଯୋଗେ ଏସ୍‌ସିବି ନେଇଥିବାବେଳେ ସେଠାରେ ଡାକ୍ତର ଅନିଆକୁ ମୃତ ବୋଲି ଘୋଷଣା କରିଥିଲେ। ସେଠାରୁ ଅନିଆକୁ ନେଇ ପରିବାର ଲୋକ ସିଟି ହସ୍ପିଟାଲରେ ପହଞ୍ଚିଥିଲେ। ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସା ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରଥିଲେ।

## ସରକାରଙ୍କ ଚକ୍ରାନ୍ତ ଭଣ୍ଡୁର ହେଲା, ପଡ଼ିଆ ଉଚ୍ଛୁଳିଲା: ଭକ୍ତ

ଭୁବନେଶ୍ୱର, ୧୨।୭(ସମିସ): ସମ୍ବିଧାନ ବଞ୍ଚାଅ ମହାସମାବେଶର ଅଭୂତପୂର୍ବ ସଫଳତାରେ ବିଜେପି ଚକିତ ହୋଇଥିବା ସ୍ପଷ୍ଟ ହୋଇଛି। ବରମୁଣ୍ଡା ପଡ଼ିଆ ଭିତରେ ଯେତେ ଲୋକ ଥିଲେ ବାହାରେ ମଧ୍ୟ ସେତିକି ଲୋକ ରାହୁଲ ଗାନ୍ଧୀଙ୍କୁ ଦେଖିବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷାରତ ଥିଲେ। ଡ୍ରାଇଭର୍ ଧର୍ମଘଟ ନେଇ ପ୍ରଥମରୁ ଅନିଶ୍ଚିତତା ନଥିଲେ ଆହୁରି ମଧ୍ୟ ଅଧିକ ଜନସମାଗମ ହୋଇଥା’ନ୍ତା। ଏହା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେଜୀ ପ୍ରମୁଖଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳ ସପକ୍ଷରେ ଅନ୍ତଃସ୍ରୋତକୁ ଦର୍ଶାଉଛି। ଶନିବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହା କହିଛନ୍ତି।

ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ମହାସମାବେଶ ପ୍ରତି ରାଜ୍ୟବାସୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ସ୍ୱତନ୍ତ୍ର ଭାବେ ସେ ଡ୍ରାଇଭର ମହାସଂଘକୁ କୃତଜ୍ଞତା ଜଣାଇ କହିଥିଲେ, କେବଳ ମହାସମାବେଶ ପାଇଁ ହିଁ ମହାସଂଘ ଧର୍ମଘଟକୁ କୋହଳ କରିବା ଦ୍ୱାରା ସରକାର ଓ ବିଜେପିର ଚକ୍ରାନ୍ତ ଭଣ୍ଡୁର ହୋଇଥିଲା। ଏଥିସହ ସମଗ୍ର ରାଜ୍ୟରେ ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଶ୍ରୀ ଦାସ ସମସ୍ତ କଂଗ୍ରେସ ସଂଗଠନ ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରପତିଙ୍କ ବିଷୟରେ ଏଆଇସିସି ଅଧ୍ୟକ୍ଷ ଅଶାଳୀନ ଟିପ୍ପଣୀ ଦେଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ସେହିପରି ରାହୁଲ ଗାନ୍ଧୀଙ୍କୁ ‘ସାମନ୍ତବାଦୀ’ ଆଖ୍ୟା ଦେଇଥିବା ଶ୍ରୀ ପ୍ରଧାନଙ୍କ ଟିପ୍ପଣୀ ନେଇ ସେ ପାଲଟା ପ୍ରଶ୍ନ କରିଥିଲେ। ଯିଏ ଦେଶର ବଡ଼ବଡ଼ ପୁଞ୍ଜିପତିଙ୍କ ବିରୁଦ୍ଧରେ ଲଢୁଛନ୍ତି, ସିଏ ସାମନ୍ତବାଦୀ ଅଥଚ ଯେଉଁମାନେ ମଧ୍ୟଯୁଗୀୟ ବିଚାରର ଅଧିକାରୀ, ସେମାନେ କିପରି ଏପରି ଆକ୍ଷେପ କରିପାରିବେ ବୋଲି ସେ ପ୍ରଶ୍ନ କରିଥିଲେ।



୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡା ଫାୟାର ଷ୍ଟେସନ ଫ୍ଲାଏଓଭର ଉପରେ ଅଣ୍ଟୁଏ ପାଣି

## ଦିଲ୍ଲୀରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୭(ସମିସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ପ୍ରସଙ୍ଗରେ ଆଲୋଚନା କରିବା ସହ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ପୁସ୍ତିକା ପ୍ରଦାନ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲି। ଏହି ଅବସରରେ ଓଡ଼ିଶାର ବିକାଶ ଯାତ୍ରା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ରୋଡମ୍ୟାପ୍ ଓ କେନ୍ଦ୍ର ରାଜ୍ୟ ସମନ୍ୱୟରେ ଓଡ଼ିଶାର ବିକାଶକୁ କେମିତି ଆହୁରି ତ୍ୱରାନ୍ୱିତ କରିହେବ, ସେ ବିଷୟରେ ଆଲୋଚନା କରିଛି। ଏହାସହ ରାଷ୍ଟ୍ରପତିଙ୍କୁ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରଦାନ କରିଛି।

ସେହିପରି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପରେ ମୁଖ୍ୟମନ୍ତ୍ରୀ ‘ଏକ୍ସ’ରେ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ତାଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ କୃତଜ୍ଞ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୭(ସମିସ)

ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତା, କୃଷକ ଆନ୍ଦୋଳନର ପ୍ରବାଦ ପୁରୁଷ, ବିଧାନସଭାରେ କମ୍ୟୁନିଷ୍ଟ ପାର୍ଟିର ଦଳପତି ତଥା ଶତସଂଗ୍ରାମର ନାୟକ କମ୍ରେଡ଼ ଗଙ୍ଗାଧର ପାଇକରାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଶନିବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସଙ୍କ ଏହି କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ। ଏହି ସମାରୋହରେ ସିପିଆଇ ରାଜ୍ୟ ସହ-ସମ୍ପାଦକ କ୍ଷୀରୋଦ ସିଂହଦେଓ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡଃ ପ୍ରଶାନ୍ତ ମିଶ୍ର, ରମଣୀ ରଞ୍ଜନ ରାଉତରାୟ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସ୍ମୃତି କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ପ୍ରୟାତ ସାଥୀଙ୍କ ସ୍ମୃତିଚାରଣ କରିବା ସହିତ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ, କୃଷକ ଆନ୍ଦୋଳନରେ ଦୀର୍ଘ ପାଞ୍ଚଦଶନ୍ଧୀରୁ ଊର୍ଦ୍ଧ୍ୱ କାଳଧରି କୃଷକମାନଙ୍କ ଜମିସତ୍ତ୍ୱ ତଥା ଜମିଦାରୀ ବ୍ୟବସ୍ଥାର ଉଚ୍ଛେଦ, ଭୂସଂସ୍କାର, ଭାଗଚାଷୀ ସମସ୍ୟା ସମାଧାନ ପାଇଁ କୃଷକଙ୍କ ଆନ୍ଦୋଳନର ନେତୃତ୍ୱ ନେଇ ଅନେକ କୃତିତ୍ୱ ହାସଲ କରିଥିବା ଜନମାନସରେ ଆଜି ମଧ୍ୟ ଅନ୍ଦୋଳିତ ହେଉଥିବାବେଳେ ଆଜି କର୍ପୋରେଟ୍ ପୁଞ୍ଜିପତିଙ୍କ ସପକ୍ଷରେ ଦେଶର ଶାସକ ଶ୍ରେଣୀ କୃଷକ ବିରୋଧୀ ନୀତି ଗ୍ରହଣ କରି କୃଷି ଓ କୃଷକମାନଙ୍କୁ ତଳିତନାନ୍ତ କରୁଥିବା ହେତୁ ସାଥୀ ଗଙ୍ଗାଧର ପାଇକରାୟଙ୍କ ସଂଗ୍ରାମୀ ପଥରେ କୃଷକମାନଙ୍କୁ ସଂଗଠିତ କରି ଐକ୍ୟବଦ୍ଧ ପ୍ରତିରୋଧ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ସମାରୋହର ଉଦ୍ଦେଶ୍ୟ ପ୍ରକାଶ ପୂର୍ବକ ମଞ୍ଚ ଉପରକୁ ବକ୍ତାମାନଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ସମାରୋହରେ ବହୁ ଚାଷୀ, ମୂଲିଆ, ପାର୍ଟି ସଭ୍ୟ, ବିଭିନ୍ନ ଗଣସଂଗଠନର ସଦସ୍ୟ ଏବଂ ବୁଦ୍ଧିଜୀବୀଙ୍କ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଉପେକ୍ଷିତ ମଞ୍ଚ ଅଭିନେତା

# ପରିଶ୍ରମ ଅଧିକ; ପାରିଶ୍ରମିକ ଶୂନ

ଭୁବନେଶ୍ୱର, ୧୨।୭ (ସମିସ)

ଗୋଟିଏ ନାଟକ କରିବାକୁ ହେଲେ ବହୁତ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ମାସ ମାସ ଧରି ରିହାର୍ସାଲ କରିବା ସହିତ ସଂଳାପ ମଧ୍ୟ ଘୋଷି ମନେ ରଖିବାକୁ ପଡ଼ିଥାଏ। ଯାହାଦ୍ୱାରା ନାଟକଟିକୁ ଦର୍ଶକଙ୍କ ପାଖରେ ଭଲ ଭାବରେ ମଞ୍ଚସ୍ଥ କରିହେବ। ଏହି ମଞ୍ଚ ନାଟକ ହିଁ ଅଭିନୟ କ୍ଷେତ୍ରରେ ମୂଳଦୁଆ ପଡ଼ୁଥିବା କହିଲେ



## ମଞ୍ଚ ଛାଡ଼ି ପରଦାକୁ ଅପଣେଉଛନ୍ତି ଅନେକ ଅଭିନେତା

ଚଳେ। ମଞ୍ଚରେ ଅଭିନୟ କରିବା ବେଳେ କିଛି ତାଳି, ପ୍ରଶଂସା ଆଉ କିଛିଟା ବାଃ ବାଃ ଓ ସମ୍ମାନ ମିଳିଥାଏ। ହେଲେ ଏତେ ପରିଶ୍ରମ କରି କେବଳ ଏହି ସାଉଁଟା ପ୍ରଶଂସା ହିଁ ସାଙ୍ଗରେ ଘରକୁ ନେଇ ଯିବାକୁ ହୁଏ। ହେଲେ ପରିଶ୍ରମର ପାରିଶ୍ରମିକ ଭାବରେ କିଛି ମିଳେ ନାହିଁ। ଓଡ଼ିଶାରେ କିଛି ହାତ ଗଣତି ସଂସ୍ଥାକୁ ଛାଡ଼ିଲେ ମଞ୍ଚରେ ଯୁବ ଅଭିନେତାମାନଙ୍କୁ ପାରିଶ୍ରମିକ ମିଳେ ନାହିଁ। ଯାହା ଫଳରେ ଯୁବ ଅଭିନେତାମାନେ ଏହି ମଞ୍ଚ ଅଭିନୟରୁ ମୁହଁ ଫେରାଉଛନ୍ତି।

ରାଜଧାନୀରେ ପ୍ରାୟ ୫୦ରୁ ଅଧିକ ନାଟ୍ୟ ସଂସ୍ଥା ରହିଛି। ପ୍ରତିଦିନ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ସମେତ ଅନ୍ୟ ମଞ୍ଚଗୁଡ଼ିକରେ ନାଟକ ପରିବେଷଣ ହୁଏ। ହେଲେ ଏହି ନାଟକରେ ଅଭିନେତ୍ରୀମାନଙ୍କୁ ପାରିଶ୍ରମିକ ମିଳୁଥିବା ବେଳେ ଅଭିନେତାଙ୍କୁ ପାରିଶ୍ରମିକ ମିଳେନାହିଁ। ଯେଉଁଠି ଲାଇଟ୍ ପାଇଁ ୩ ରୁ ୫ ହଜାର, ସଙ୍ଗୀତ ପାଇଁ ୪ ରୁ ୭ ହଜାର, ରୂପସଜ୍ଜା ପାଇଁ ୨ରୁ ୪ ହଜାର ସହ ପ୍ରେକ୍ଷାଳୟ ଭଡ଼ା ଏବଂ ଗାଡ଼ି ଡ୍ରାଇଭରଙ୍କୁ ବି କିଛି ପାରିଶ୍ରମିକ ଦିଆଯାଉଛି। ହେଲେ ଯୁବ ଅବିନେତାମାନଙ୍କୁ ଏତିକି ବି ଦିଆଯାଉନାହିଁ। ହାତ ଗଣତି କିଛି ନାଟ୍ୟ ସଂସ୍ଥା କେବଳ ଗାଡ଼ି ତେଲ ପାଇଁ ୨ ଶହରୁ ୫ ଶହ ଟଙ୍କା ଦେଉଥିବା ବେଳେ ଅନ୍ୟମାନେ ଆଦୌ ପାରିଶ୍ରମିକ ଦେଉ ନାହାନ୍ତି। ଫଳରେ ପେସାଦାର ପୁରୁଷ କଳାକାରମାନେ ମଞ୍ଚ ନାଟକରୁ ମୁହଁ ଫେରାଉଛନ୍ତି। କେବଳ ସୌଖିନ କଳାକାରମାନେ ମଞ୍ଚରେ ଦେଖିବାକୁ ମିଳୁଛି। ଯେଉଁମାନେ ନିଜ ପକେଟ୍‌ରୁ ଅନେକ ସମୟରେ ଟଙ୍କା ଖର୍ଚ୍ଚ କରି ନାଟକ ପରିବେଷଣ କରୁଛନ୍ତି।

ଅନେକ ପିଲା ଏହି ଡ୍ରାମା ପାଠ ପଢ଼ନ୍ତି ହେଲେ ଉଚିତ୍ ପାରିଶ୍ରମିକ ନ ପାଇବାରୁ ସିରିଏଲ୍ ଓ ଚଳଚ୍ଚିତ୍ର ଆଡ଼େ ମୁହାଁନ୍ତି। ଡ୍ରାମା ପାଠ ପଢ଼ୁଥିବା ପିଲା ଆଉ ନାଟକ କରିବାକୁ ଭଲ ପାଉନାହାନ୍ତି। ଯାହା ପାଖରେ ମଞ୍ଚ ନାଟକକୁ ନେଇ ପାଗଳ ପଣ ଥିବ ସେହିପରି କିଛି ପିଲା ଏବେ ମଞ୍ଚ ନାଟକ କରୁଥିବାର ଦେଖାଯାଉଛି ବୋଲି ଉତ୍କଳ ସଂସ୍କୃତି କଲ୍‌ଚର ଡ୍ରାମା ବିଭାଗରେ ଅତିଥି ଅଧ୍ୟାପକ ଭାବରେ କାର୍ଯ୍ୟରତ ଥିବା ଦେବବ୍ରତ ପଟ୍ଟନାୟକ କହିଛନ୍ତି। ବର୍ତ୍ତମାନ ଡ୍ରାମା ପାଠ ପଢ଼ୁଥିବା ଅନେକ ଅଭିନେତା ମଞ୍ଚରୁ ଅଭିନୟ କ୍ୟାରିୟର ଆରମ୍ଭ କରି ପରାବର୍ତ୍ତୀ ସମୟରେ ସିରିୟଲ୍ ଓ ସିନେମାରେ ଅଭିନୟ କରୁଛନ୍ତି।

ଅଭିନେତ୍ରୀମାନଙ୍କୁ ଯାହା ବି ପାରିଶ୍ରମିକ ମିଳୁଛି ଅଭିନେତାକୁ ବି ତାଠାରୁ କିଛି କମ୍ ବି ହେଉନା କାହିଁକି କିଛିଟା ପାରିଶ୍ରମିକ ମିଳିବା କଥା। ପାରିଶ୍ରମିକ ମିଳୁନାହିଁ ବୋଲି ସେମାନେ ବି ମନ ଦୁଃଖ କରନ୍ତି। ଯାହା ହେଲେ ବି ଯୁବ ଅଭିନେତା ମାନଙ୍କୁ କିଛି ପାରିଶ୍ରମିକ ଦେବା କଥା ତେବେ ସେମାନେ ନାଟକ ପାଇଁ ଆଗ୍ରହ ଦେଖାଇବେ। ବୋଲି ରଙ୍ଗମ୍ ନାଟକର ମୁଖ୍ୟ ଦର୍ପ ନାରାୟଣ ସେଠୀ କହିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର, ୧୨।୭ (ସମିସ): ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ଭବନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣିପାଲ ହସ୍ପିଟାଲ ଓ ଏଏସ୍‌ଜି ଆଇ ହସ୍ପିଟାଲର ଡାକ୍ତର ଓ ସହାୟକମାନେ ଚକ୍ଷୁ ପରୀକ୍ଷା, ଡାଇବେଟିସ୍, ବ୍ଲଡ଼ ପ୍ରେସର ଓ ଇସିଜି ଭଳି ବହୁ ପରୀକ୍ଷା କରାଇଥିଲେ। ଏହି ଉପଲକ୍ଷେ ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁଙ୍କ ତତ୍ତ୍ୱାବଧାନ ଏବଂ ଉପସଭାପତି ଇଂ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, କୋଷାଧ୍ୟକ୍ଷ ଏସ୍ ନରସିଂହ ରାଓ, ଡ. କୁମୁଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ସରୋଜିନୀ ପରମଗୁରୁ, ଶଶି ଭୂଷଣ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ ସମ୍ପାଦକ ଚିନ୍ତାମଣି ବାରିକଙ୍କ ସହ ଅଞ୍ଚଳବାସୀ ବହୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶତାକ୍ଷୀରେ ଚାରାରୋପଣ



ଯାଁଳା, ୧୨।୭ (ସମିସ): ରାଜଧାନୀ ଉପକଣ୍ଠ କଳିଙ୍ଗନଗର - ୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନରେ ବୃକ୍ଷରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି ଚାରାରୋପଣ ସଚେତନତା କାର୍ଯ୍ୟକ୍ରମରେ ଯୁବ ପରିବେଶବିତ୍, ଓଡ଼ିଶା ଜୈବ ବିବିଧତା ବୋର୍ଡର ବିଶେଷଜ୍ଞ ସଦସ୍ୟ ଏବଂ ଏଭର୍ ଗ୍ରୀନ୍ ଫୋରମର ପ୍ରତିଷ୍ଠାତା ସଭାପତି ଡ଼ ପ୍ରକାଶ ଚନ୍ଦ୍ର ଜେନା ଓ ବନ ପାଳ ପ୍ରଶିକ୍ଷଣ ବିଦ୍ୟାଳୟ ଭୁବନେଶ୍ୱର ଉପବନ ସହାୟକ ଅମିତା ଦାଶ୍ ଯୋଗ ଦେଇଥିଲେ, ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଆସୁଥିବା ଆହ୍ୱାନକୁ ବ୍ୟାପକ ଭାବରେ ଚାରାରୋପଣ କରି ସାମ୍ନା କରାଯାଇପାରିବ ବୋଲି ଅତିଥିମାନେ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ମତବ୍ୟକ୍ତ କରିଥିଲେ, କାର୍ଯ୍ୟକ୍ରମ ଶେଷ ଭାଗରେ ୫୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଥିଲା, ଶତାକ୍ଷୀର ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ, ବହୁ ସଂଖ୍ୟାରେ ଶତାକ୍ଷୀର ସଦସ୍ୟାମାନଙ୍କର ସମାଗମରେ ସଫଳ ରୂପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ଇଲେକ୍ଟ୍ରନ ବିମ୍ ଥେରାପି ଦ୍ୱାରା କର୍କଟ ରୋଗର ଚିକିତ୍ସା



ଭୁବନେଶ୍ୱର, ୧୨।୭ (ସମିସ): ଅତ୍ୟାଧୁନିକ ଇଲେକ୍ଟ୍ରନ ବିମ୍ ଥେରାପି (ଇବିଟି) ପଦ୍ଧତିରେ କିମ୍ସ ଅନକୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଏହି ରୋଗର ସଫଳ ଚିକିତ୍ସା କରାଯାଇଛି। ବିଶେଷଜ୍ଞ ଡ. ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରି ଇଲେକ୍ଟ୍ରନ ବିମ୍ ଥେରାପି ଚିକିତ୍ସା କରିଥିଲେ। ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏସନ୍ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ। ଏବେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡ. ଦାସ କହିଛନ୍ତି। ଏହି ଅଭିଯାନରେ ଡ. ମାନିକା ବର୍ମା, ଜୁନିଅର କନସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ୍ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ, ଅବନ୍ତୀ ଭୂୟାଁ ପ୍ରମୁଖ ଡାକ୍ତରୀ ଦଳରେ ସାମିଲ ଥିଲେ।

# ସୋମବାର ଏମ୍ସର ୫ମ ସମାବର୍ତ୍ତନ ଉତ୍ସବ; ଯୋଗଦେବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୨।୭ (ସମିସ): ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଚଳିତ ମାସ ୧୪ ତାରିଖ ଅର୍ଥାତ୍ ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତି ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଶିକ୍ଷାଗତ ଉତ୍କର୍ଷତା, ସମର୍ପଣ ଓ ଦେଶ ପ୍ରତି ସେବା ମନୋଭାବକୁ ପ୍ରତିପାଦିତ କରୁଥିବା ଏହି ସମାବର୍ତ୍ତନ ଉତ୍ସବକୁ ଏମ୍?ସ ପକ୍ଷରୁ ସହୃଦୟତାର ସହିତ ସ୍ୱାଗତ କରିଛନ୍ତି ଡ. ବିଶ୍ୱାସ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେପଟେ ରାଷ୍ଟ୍ରପତି ଯୋଗ ଦେବାକୁ ଥିବାରୁ ପୁଲିସ ଓ ପ୍ରଶାସନ ଆଜି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ପରିଦର୍ଶନ କରି ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ନାଟକ ମାଧ୍ୟମରେ ଡେଙ୍ଗୁ ସଚେତନତା

ଭୁବନେଶ୍ୱର, ୧୨।୭ (ସମିସ): ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେଙ୍ଗୁ ଓ ଭ୍ରୁଣ ହତ୍ୟା ଉପରେ ସାମାଜିକ ସଚେତନତାମୂଳକ ନାଟକ 'ସୃଷ୍ଟି' ଅନୁଷ୍ଠାନର ସଦସ୍ୟା ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଚମକ ଚାନ୍ଦିନୀ ଦାଶଙ୍କ ପରିଚାଳନାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭ଦିନ ଧରି 'ଆମ ଭାଷା ଓ ସଂସ୍କୃତି ଆମ ସ୍ୱାଭିମାନ' ଶୀର୍ଷକ ବକ୍ତୃତା, ଚିତ୍ରାଙ୍କନ, ମୂଳଗ୍ରନ୍ଥବେଦ, ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଗଳ୍ପ, କବିତା ଇତ୍ୟାଦି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ରୌପ୍ୟ ଜୟନ୍ତୀ ଉପଲକ୍ଷେ ବୌଦ୍ଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ସର୍ବପ୍ରଥମ ଶିଶୁ ଚିତ୍ରକଳା ପ୍ରଦର୍ଶନୀରେ ୭ଜଣ ଶିଶୁ ଚିତ୍ରଶିଳ୍ପୀଙ୍କୁ 'ନବ ଅଙ୍କୁର' ସମ୍ମାନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅନନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ୨ ସଦସ୍ୟଙ୍କୁ 'ସେବା ମିତ୍ର' ସମ୍ମାନରେ ସମ୍ମାନିତ



କରାଯିବା ସହ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା ଖେଳା ଉପରେ ଆଧାରିତ ଓଡ଼ିଆ ଚଳଚିତ୍ର 'ନବ କଳେବର' ର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଲଳିତ ଦାସ, ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଚିର ସବୁଜ ଗୀତରେ ଝୁମିଲେ ଶ୍ରୋତା



ଭୁବନେଶ୍ୱର, ୧୨।୭ (ସମିସ): ବ୍ୟାଙ୍ଗ ବ୍ୟାଙ୍ଗ ଗ୍ରୁପ ପକ୍ଷରୁ ଓଡ଼ିଆ ମାଟିର ମହକ ଇନ୍ଦ୍ରଧନୁ ଓଡ଼ିଆ ସଙ୍ଗୀତ ଆସର ଚିର ସବୁଜ ଗୀତ କାର୍ଯ୍ୟକ୍ରମ ଗୀତଗୋବିନ୍ଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଡ ସ୍ୱସ୍ତିକ ସଭାପତି ବିଜୟକୁମାର.ଆଚାର୍ଯ୍ୟ, ଆନ୍ତର୍ଜାତୀୟ ଗଜଲ କଣ୍ଠଶିଳ୍ପୀ ବୈଷ୍ଣବ କୈଳାଶ ଅନୁଷ୍ଠାନ ଅଧ୍ୟକ୍ଷ ହରେକୃଷ୍ଣ ପଟ୍ଟନାୟକ, ଅଧ୍ୟକ୍ଷା ଲିପିଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଜଗତର ନାଥ ଆହେ ଜଗନ୍ନାଥ, ବୋଲି ଦେରେ କାଳିଆ କୋଠ ଭୋଗଖିଆ ମୋ ଚକା ଆଖି ଆ, ବିଦୁର ଶାଗ ଭଜା ଦେଇ, ଆରେ ମିତ ଆ ସଙ୍ଗାତ, ରାଧା ନାଚିବ ନାଚିବ ଆଜି, ମେଘ ବରସିଲା ଟୁପୁରୁ ଟୁପୁରୁ ଆଦି ପୁରୁଣା ରୋମାଣ୍ଟିକ ଚଳଚିତ୍ର ଗୀତରେ କଣ୍ଠଶିଳ୍ପୀମାନେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କଣ୍ଠ ଶିଳ୍ପୀ ରଞ୍ଜିତା, ମୋନାଲିସା, ଶିଖା, ମଧୁମିତା, ପ୍ରଦୀପ୍ତା, ଅଞ୍ଜନ ପ୍ରମୁଖ ଏହି ଗୀତ ଗୁଡିକ ପରିବେଷଣ କରିଥିଲେ। ଗୌରବ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ଘରୁ ପାଇକ ବିଦ୍ରୋହ ସମ୍ପର୍କୀତ ତଥ୍ୟ ସଂଗ୍ରହ



ଭୁବନେଶ୍ୱର, ୧୨।୭ (ସମିସ): ଇଣ୍ଡିଆନ୍ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ୍ ଆଣ୍ଡ କଲଚରାଲ ହେରିଟେଜ୍‌ର ଦୁଇଜଣ ଇତିହାସକାର ଖୋର୍ଦ୍ଧାର ଦେୱାନ ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ଭ୍ରମର୍‌ବର ରାୟଙ୍କ ସହ ଜଡିତ ଦସ୍ତାବିଜ୍ ସଂଗ୍ରହ କରିବା ପାଇଁ ସ୍ମିତା ସାମନ୍ତଙ୍କ ବାସଭବନକୁ ଆସିଥିଲେ। ଏହି ଦୁଇଜଣ ଖୋର୍ଦ୍ଧା ପାଇକ ବିଦ୍ରୋହ ଉପରେ ଏକ ପୁସ୍ତକ ରଚନା କରିବା ପ୍ରକ୍ରିୟାରେ କାର୍ଯ୍ୟରତ ଅଛନ୍ତି ଏବଂ ଏହି ସମ୍ପର୍କୀତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରୁଛନ୍ତି। ସ୍ମିତା ସାମନ୍ତଙ୍କ ଜେଜେବାପାଙ୍କ ଜେଜେବାପା ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଖୋର୍ଦ୍ଧା ଗଡ଼ର ଦେୱାନ ଥିଲେ। ସେ ଏବଂ ବକ୍ସି ଜଗବନ୍ଧୁ ୧୮୧୭ ମସିହାରେ ବ୍ରିଟିସ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଯାହା ପାଇକ ବିଦ୍ରୋହ ଭାବରେ ଜଣାଶୁଣା ଥିଲା। ଏହା ଥିଲା ଭାରତୀୟ ସ୍ୱାଧନତାର ପ୍ରଥମ ଯୁଦ୍ଧ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଦେୱାନ ମାନେ ରାଜ୍ୟର ପ୍ରଧାନ ମନ୍ତ୍ରୀ ଭାବରେ ଶାସନ ପରିଚାଳନା, ରାଜସ୍ୱ ଆଦାୟ, ଜମିଜମା, ଖଜଣା ଆଦାୟ, ଶାନ୍ତ ଚୁକ୍ତି ଏବଂ ଦଣ୍ଡ ବିଧାନ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବହନ କରୁଥିଲେ। ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କୁ ଖୋର୍ଦ୍ଧା ରାଜା ଭ୍ରମରବର ରାୟ ଉପାଧି ମଧ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ଭ୍ରମର ବର ରାୟଙ୍କ କୃତି, କୀର୍ତ୍ତି ଓ ବୀରତ୍ୱ, ବଳିଦାନର କାହାଣୀ ଆଦ୍ୟାବଧି ଇତିହାସର ଅନ୍ଧାର ଗହ୍ୱରରେ ପତିତ ଓ ଅବଲୁପ୍ତ। ମହାନ ବିପ୍ଳବୀ କୃଷ୍ଣଚନ୍ଦ୍ରଙ୍କ ଜନ୍ମସ୍ଥାନ ଖୋର୍ଦ୍ଧା ତଥା ଓଡ଼ିଶାରେ ସାମାନ୍ୟତମ ସ୍ମୃତିରକ୍ଷା ହୋଇନାହିଁ। ଏଣୁ ଏହି ଜାତୀୟ ବୀରଙ୍କ ସ୍ମୃତିରକ୍ଷା ପାଇଁ ଉଚିତ ପଦକ୍ଷେପ ନେବା ସହ ଭୁବନେଶ୍ୱର ଗଡ଼ ଖୋର୍ଦ୍ଧା ପଞ୍ଚବୀର ପୀଠରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ କରିବାକୁ ସରକାର ଓ ସଚେତନ ନାଗରିକମାନଙ୍କୁ ନିବେଦନ କରାଯାଉଛି।

# ୨୬ ପ୍ରେକ୍ଷାଳୟରେ 'ଆଇ ଆମ୍ କାଳିଆ'

ଭୁବନେଶ୍ୱର, ୧୨।୭ (ସମିସ): ପୁଣି ଥରେ ଜଗା ପ୍ରେମରେ ପ୍ରେକ୍ଷାଳୟ ମୁହାଁ ହେଲେ ଦର୍ଶକ। ହରିହର ମହାପାତ୍ର ନିର୍ଦ୍ଦେଶିତ ତଥା ଅଭିନୀତ ଚଳଚ୍ଚିତ୍ର 'ଆଇ ଆମ୍ କାଳିଆ' ଭୁବନେଶ୍ୱର ସ୍ଥିତ ପିଭିଆର୍‌ରେ ପ୍ରିମିୟର ଶୋ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଣେ ବିଦେଶିନୀ ଅଭିନେତ୍ରୀଙ୍କ ସୁନ୍ଦର ଅଭିନୟ ଓଡ଼ିଆ ଦର୍ଶକଙ୍କ ଆକୃଷ୍ଟ କରିଛି। ସୁବାସ ସାହୁଙ୍କର ପ୍ରଯୋଜିତ ଖାଣ୍ଟି ଓଡ଼ିଆ ଜାତି, ଓଡ଼ିଶା ମାଟିର କାହାଣୀକୁ ଦର୍ଶକମାନେ ବହୁ ପ୍ରଶଂସା କରିଛନ୍ତି। ଏଥିରେ ଗୀତ ଗୁଡିକ ବେଶ୍ ଲୋକପ୍ରିୟତା ହାସଲ କରିଥିବା ବେଳେ ସିନେମାଟି ପ୍ରତ୍ୟେକ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି।

ସରୁନି ଝାରପଡ଼ାବାସୀଙ୍କ ଦୁଃଖ

# ବର୍ଷା ଆସିଲେ ଚିନ୍ତା ବଢୁଛି

ଭୁବନେଶ୍ୱର, ୧୨।୭ (ସମିସ)

ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି କରାଯାଉ ନ ଥିବାରୁ ବର୍ଷା ଆରମ୍ଭ ପରେ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକେ। କେଉଁଠି ରାସ୍ତାରେ ରହିଥିବା ଖାଲଖମାରେ ବର୍ଷା ପାଣି ଭର୍ତ୍ତି ହେବାରୁ ଦୁର୍ଘଟଣା ଘଟୁଛି ତ କେଉଁଠି ବର୍ଷା ପାଣିରେ ଯାତାୟତ କରି ସଂକ୍ରମଣର ଶିକାର ହେଉଛନ୍ତି ଲୋକେ। କାରଣ ବର୍ଷା ସମୟରେ ପ୍ରାୟ ଅଧିକାଂଶ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ କେତେକ ସ୍ଥାନରେ ରାସ୍ତା ଉପରେ ଆଣ୍ଠୁଏ ପାଣି ମଜୁଥିବା ଦେଖିବାକୁ ମିଳୁଛି। ପ୍ରଶାସନିକ ତଥା ସ୍ଥାନୀୟ ଅଧିକାରୀଙ୍କ ଅପରାଗତା ଯୋଗୁଁ ବର୍ଷ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ହେଉ ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଝାରପଡ଼ା ବାସିନ୍ଦା।

ପଳାଶୁଣିରୁ ଝାରପଡ଼ା ଦେଇ ଲକ୍ଷ୍ମୀସାଗରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାଲଟିଛି ବିପଦଶଙ୍କୁଳ। ସେହିପରି ଗତବର୍ଷ ଝାରପଡ଼ା ଓଭରବ୍ରିଜ୍ ନିକଟସ୍ଥ ଡିସିବି ବ୍ୟାଙ୍କ୍ ପାଖରୁ ଝାରପଡ଼ା ମୁଖ୍ୟ କାରଗାର ଆଡ଼କୁ ସଂଯୋଗ କରୁଥିବା ରାସ୍ତା ନିକଟରେ ବର୍ଷା ପାଣି କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରୁଥିବା ବେଳେ ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥା ଆଶଙ୍କାକୁ ନେଇ ସ୍ଥାନୀୟ ବାସିନ୍ଦା ଚିନ୍ତାରେ। କାରଣ ପଳାଶୁଣି ଫ୍ଲାଏଓଭର



ନିକଟରୁ ଝାରପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପ୍ରାୟ ୩ କିଲୋମିଟର ରାସ୍ତା ଲୋକଙ୍କୁ ନିତିଦିନ ବିପଦରେ ପକାଉଛି। ୱାଟ୍‌କୋ, ସ୍ୱେରେଜ ବୋର୍ଡ, ଗ୍ୟାସ୍ ପାଇପ ଲାଇନ୍, ୨୪ଘଣ୍ଟିଆ ପାଣି ପାଇପ୍, କେବୁଲ ଆଦି ପକାଇବାକୁ ବାରମ୍ବାର ରାସ୍ତାକୁ ଖୋଳି କାମ କରାଯିବା ପରେ ଠିକ୍ ଭାବେ ରାସ୍ତା ମରାମତି ହୋଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବସୀ ଅଭିଯୋଗ କରିଛନ୍ତି। ଅସରାଏ ବର୍ଷାରେ ଖାଲରେ ପାଣି ଜମି ରହିଥିବାରୁ କେବଳ ବାଇକ୍ କିମ୍ବା ସାଇକଲ ଚାଳକ ନୁହଁନ୍ତି କାର୍ ଓ ଅଟୋ ଚାଳକ ବି ବିପଦରୁ ବର୍ତ୍ତୁ ନାହାନ୍ତି। ଅସ୍ଥାୟୀ ସମାଧାନ ସ୍ୱରୂପ ଖାଲରେ ଡଷ୍ଟ ପକାଯାଉଥିଲେ ବି ତାହା ବର୍ଷାରେ ଧୋଇ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସୁଛି। ଖାଲ ଗୁଡ଼ିକ ଅଧିକ ଗଭୀର ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ଗାଡ଼ି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଚିନ୍ତାର କାରଣ ହେଉଛି ଛୋଟପିଲାମାନେ ଚାଲି ଚାଲି

## ବର୍ଷ ପରେ ବର୍ଷ ବିତୁଛି; ହୋଇପାରୁନି ରାସ୍ତା ମରାମତି

ଟିଉସନ୍ ଯାଉଥିବା ବେଳେ ପାଣି ଭିତରେ ପଶୁଥିବାରୁ ସଂକ୍ରମଣର ଶିକାର ହେଉଥିବା ଅଭିଭାବକମାନେ କହିଛନ୍ତି। ତେବେ ଝାରପଡ଼ା ପୂଜା ମଣ୍ଡପ ନିକଟ, ମୁଖ୍ୟ କାରଗାର ନିକଟ, ଲକ୍ଷ୍ମୀ ସାଗର ଥାନା ସମ୍ମୁଖରେ ମଧ୍ୟ ରାସ୍ତା ଗୁଡ଼ିକ ମଧ୍ୟ ଖାଲ ଖମାରେ ଭର୍ତ୍ତି। ଏହି ରାସ୍ତା ବିଏମସି ୱାର୍ଡ ନମ୍ବର, ୧୮, ୱାର୍ଡ ନମ୍ବର ୩୦ ଏବଂ ୱାର୍ଡ ନମ୍ବର ୩୧ ଅଧୀନରେ ରହିଥିବା ବେଳେ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏନେଇ ୧୮ ନମ୍ବର ୱାର୍ଡର କର୍ପୋରେଟର ବିପ୍ଳବ ବେହେରା କହିଛନ୍ତି ଯେ, ଏହି ରାସ୍ତା ପୂର୍ତ୍ତ ବିଭାଗର ଅଟେ। ତେଣୁ ପୂର୍ତ୍ତ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ୍। କାରଣ ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୦୫
- ପାଉଣ୍ଡ ୧୧୬.୩୨
- ୟୁରୋ ୧୦୦.୪୯
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୨୧୦ (ନୂଆଦିଲ୍ଲୀ)
- ରୁପା : ୧,୦୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୧୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସମ୍ମୁଖ ଭାଗରେ ଫାସ୍‌ଟ୍ୟାଗ ନ ଲଗାଇଲେ କଳାତାଲିକାଭୁକ୍ତ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି)




'ଲୁଜ୍ ଫାସ୍‌ଟ୍ୟାଗ' ରଖିଥିବା ବ୍ୟବହାରକାରୀଙ୍କୁ ଏଥର କଳା ତାଲିକାଭୁକ୍ତ କରାଯିବ। ଜାଣିଶୁଣି ଫାସ୍‌ଟ୍ୟାଗ୍‌କୁ ଗାଡ଼ିର 'ୱିଣ୍ଡ ସ୍କ୍ରିନ୍'ରେ ନ ଲଗାଉଥିବା ଲୋକଙ୍କୁ 'ଲୁଜ୍ ଫାସ୍‌ଟ୍ୟାଗ' କିମ୍ବା 'ଟ୍ୟାଗ୍-ଇନ୍-ହ୍ୟାଣ୍ଡ' କୁହାଯାଏ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ସୂଚନା ଅନୁଯାୟୀ ଏହା ଦ୍ୱାରା ଇ-ଟୋଲ୍ କଲେକ୍ସନ ସିଷ୍ଟମରେ ତ୍ରୁଟି ହୋଇଥାଏ। ତେଣୁ ଅନ୍ୟ ଯାତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଫାସ୍‌ଟ୍ୟାଗର ଅପବ୍ୟବହାର ରୋକିବା ପାଇଁ ଏନ୍‌ଏଚ୍‌ଏଆଇ ଏହି ନିୟମ କାର୍ଯ୍ୟକାରୀ କରିଛି। ଏନଏଚ୍‌ଏଆଇ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ଏଭଳି ଫାସଟ୍ୟାଗ୍‌କୁ ରିପୋର୍ଟ କରିବାକୁ ଟୋଲ୍ କେଲକ୍ସନ ଏଜେନ୍ସିଙ୍କୁ କୁହାଯାଇଛି। ଏହି ଆଧାରରେ ଏନଏଚଏଆଇ ଫାସଟ୍ୟାଗ୍ ଗୁଡିକୁ କଳା ତାଲିକାଭୂକ୍ତ କରିବ।

ଏବେ ଯଦି କୌଣସି ଡ୍ରାଇଭର ଫାସଟ୍ୟାଗ୍‌କୁ ଗାଡ଼ିର ୱିଣ୍ଡସିଲ୍ଡରେ ନ ଲଗାଇବେ ଏବଂ ଏହାକୁ ହାତରେ ରଖି ଟୋଲ୍ ପ୍ଲାଜାରେ ଦେଖାଇଲେ ଫାସ୍‌ଟ୍ୟାଗ୍‌କୁ କଳା ତାଲିକାଭୂକ୍ତ କରାଯିବ ବୋଲି କୁହାଯାଇଛି। କିଛି ଡ୍ରାଇଭର ଏହାକୁ ହାତରେ ଧରି ଦେଖାଉ ଥିବାରୁ ଅଧିକ ସମୟ ଲାଗୁଛି। ଟୋଲ୍ ପ୍ଲାଜ୍‌ରେ ଟ୍ରାଫିକ ଜାମ୍ ହେଉଛି। ସେହିପରି ଆଉ କିଛି ଡ୍ରାଇଭର ଗୋଟିଏ ଫାସ୍‌ଟ୍ୟାଗକୁ ଅନେକ ଗାଡ଼ିରେ ବ୍ୟବହାର କରିବାକୁ ପ୍ରୟାସ କରୁଛନ୍ତି। ଏହା ଦ୍ୱାରା ଟୋଲ୍ ଦେଇ ଯାଉଥିବା ଗାଡ଼ିର ତଥ୍ୟ ମେଳ ଖାଇ ନ ଥାଏ। ତେଣୁ ଏହାକୁ ବେଆଇନ କରାଯାଇଛି। ଏନ୍‌ଏଚ୍‌ଏଆଇ ଖୁବ୍‌ଶୀଘ୍ର 'ଆନୁଆଲ ପାସ୍ ସିଷ୍ଟମ' ଏବଂ ମଲ୍ଟି-ଲେନ୍‌ଫ୍ରି ଫ୍ଲୋ (ଏମ୍‌ଏଲ୍‌ଏଫଏଫ) ଟୋଲିଂ ଆରମ୍ଭ କରିବାକୁ ଯାଉଛି। ଏହି ନୂଆ ବ୍ୟବସ୍ଥାରେ ଫାସ୍‌ଟ୍ୟାଗ୍ ସଠିକ୍ ସ୍ଥିତି ରହିବା ଅତ୍ୟନ୍ତ ଜରୁରୀ। ବିନା ସମସ୍ୟାରେ ଟୋଲ୍ ସଂଗ୍ରହ ଚାଲିବା ପାଇଁ ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବଜାୟ ରଖିବା ଲାଗି ଏହା ଜରୁରୀ।

# ଭୁବନେଶ୍ୱରରେ ଖୋଲିଲା ଆଦିତ୍ୟ ବିର୍ଲା ଜୁଏଲାରୀର ଷ୍ଟୋର ଇନ୍ଦ୍ରିୟା



ଭୁବନେଶ୍ୱର, ୧୨।୭ (ସମିସ): ଭୁବନେଶ୍ୱରରେ ଖୋଲିଲା ଆଦିତ୍ୟ ବିର୍ଲା ଜୁଏଲାରୀର ଷ୍ଟୋର ଇନ୍ଦ୍ରିୟା। ଏହାକୁ ଶନିବାର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଇନ୍ଦ୍ରିୟା ଏହାର ସମୃଦ୍ଧ ଐତିହ୍ୟ ଏବଂ ସ୍ଥାପତ୍ୟ ପାଇଁ ଜଣାଶୁଣା। ଭୁବନେଶ୍ୱର କାରିଗରୀ ଏବଂ ଇନ୍ଦ୍ରିୟାର ଡିଜାଇନ୍-ଅଗ୍ରଗାମୀ ଦର୍ଶନର ଭାବନାକୁ ପ୍ରତିଫଳିତ କରୁଛି। ନୂତନ ଷ୍ଟୋରରେ ଏକ ବିବାହ ଲାଉଞ୍ଜ ଏବଂ ଏକ କାରିଗାର ରୁମ୍ ଭଳି ସମର୍ପିତ ସ୍ଥାନ ରହିଛି। ଏହା ପରମ୍ପରାକୁ ସମସାମୟିକ ସୌନ୍ଦର୍ଯ୍ୟ ସହିତ ମିଶ୍ରଣ କରେ। ୫, ୦୦୦ ରୁ ଅଧିକ ସ୍ୱତନ୍ତ୍ର ଡିଜାଇନ୍ ଏବଂ ୨୦, ୦୦୦ ରୁ ଅଧିକ ସୂକ୍ଷ୍ମ କାରୁକାର୍ଯ୍ୟ ବିଶିଷ୍ଟ ଅଳଙ୍କାରର ସମ୍ଭାର ରହିଛି।

ଏବେ ସୁଦ୍ଧା ଭାରତର ୨୭ଟି ସ୍ଥାନରେ ଇନ୍ଦ୍ରିୟା ଖୋଲିଲାଣି। ଭୁବନେଶ୍ୱର ଏକ ସହର ଯେଉଁଠାରେ ପ୍ରାଚୀନ ମନ୍ଦିର, କଳା ଏବଂ କାଳଜୟୀ ପରମ୍ପରା ଏକତ୍ରିତ ହୁଏ। ସହରର ସେହି ଜୀବନ୍ତ ଐତିହ୍ୟକୁ ମୂର୍ତ୍ତିମନ୍ତ କରେ। ଇନ୍ଦ୍ରିୟା ଡିଜାଇନ୍ ମାଧ୍ୟମରେ ଏହାକୁ ସମ୍ମାନ କରିବାକୁ ଚାହୁଁଛି। ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି ଅଳଙ୍କାରର ସୌନ୍ଦର୍ଯ୍ୟ କେବଳ ଏହାର ଡିଜାଇନରେ ନୁହେଁ ବରଂ ଏହା ଦ୍ୱାରା ଧାରଣ କରାଯାଇଥିବା ବ୍ୟକ୍ତିଗତ ଅର୍ଥରେ ରହିଛି ଏବଂ ଏହି ବିଶ୍ୱାସ ଇନ୍ଦ୍ରିୟାର ହୃଦୟରେ ରହିଛି। ଆମର ବିବିଧତାରେ ପରିପୂର୍ଣ୍ଣ ଭାରତକୁ ପରିଭାଷିତ କରୁଥିବା ସାଂସ୍କୃତିକ ଢାଞ୍ଚାରେ ଗଭୀର ଭାବରେ ମୂଳଦୁଆ ପକାଇଛି। ଭୁବନେଶ୍ୱରରେ ଏହାର ଶୁଭାରମ୍ଭ କରିଛି।

# ଇଏସ୍‌ଆଇସି ବୈଠକରେ ସ୍ପ୍ରି-୨୦୨୫କୁ ଅନୁମୋଦନ

ସିମଲା, ୧୨।୭ (ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ହିମାଚଳ ପ୍ରଦେଶର ସିମଲାରେ ମାନ୍ୟବର କେନ୍ଦ୍ର ଶ୍ରମମନ୍ତ୍ରୀ ଡ.ମନସୁଖ ମାଣ୍ଡଭିୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୯୬ତମ ଇଏସଆଇ ନିଗମ ବୈଠକରେ ସ୍ପ୍ରି-୨୦୨୫ (ନିଯୁକ୍ତକର୍ତ୍ତା ଏବଂ କର୍ମଚାରୀଙ୍କ ପଞ୍ଜିକରଣ ପ୍ରୋତ୍ସାହନ ପାଇଁ ଯୋଜନା)କୁ ଅନୁମୋଦନ କରିଛି। ସାମାଜିକ ସୁରକ୍ଷା କଭରେଜକୁ ବିସ୍ତାର କରିବା ପାଇଁ ଏହା ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହି ଯୋଜନା ଜୁଲାଇ ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ସକ୍ରିୟ ରହିବ। ଚୁକ୍ତିଭିତ୍ତିକ ଏବଂ ଅସ୍ଥାୟୀ କର୍ମଚାରୀଙ୍କ ସମେତ ଅଣପଞ୍ଜିକୃତ ନିଯୁକ୍ତିଦାତା ଏବଂ କର୍ମଚାରୀମାନଙ୍କୁ ଯାଞ୍ଚ କିମ୍ବା ପୂର୍ବ ଦେୟ ଦାବିର ସମ୍ମୁଖୀନ ନ ହୋଇ ପଞ୍ଜୀକରଣ କରିବାର ଏହା ଥରେ ସୁଯୋଗ ପ୍ରଦାନ କରିବ। ନିଯୁକ୍ତିଦାତାମାନେ ସେମାନଙ୍କର ୟୁନିଟ୍ ଏବଂ କର୍ମଚାରୀଙ୍କୁ ଇଏସଆଇସି ପୋର୍ଟାଲ, ଶ୍ରମ ସୁବିଧା ଏବଂ ଏମସିଏ ପୋର୍ଟାଲ ମାଧ୍ୟମରେ ଡିଜିଟାଲ ଭାବରେ ପଞ୍ଜୀକୃତ କରିପାରିବେ। ନିଯୁକ୍ତିଦାତାଙ୍କ ଦ୍ୱାରା ଘୋଷିତ ତାରିଖରୁ ପଞ୍ଜୀକରଣ ବୈଧ ବୋଲି ବିବେଚନା କରାଯିବ। ପଞ୍ଜୀକରଣ ପୂର୍ବରୁ କୌଣସି ଅବଦାନ କିମ୍ବା ଲାଭ ପ୍ରଯୁଜ୍ୟ ହେବ ନାହିଁ। ପୂର୍ବ-ପଞ୍ଜିକରଣ ଅବଧି ପାଇଁ କୌଣସି ଯାଞ୍ଚ କିମ୍ବା ପୂର୍ବ ରେକର୍ଡର ଦାବି କରାଯିବ ନାହିଁ। ଏହି ଯୋଜନା ପୂର୍ବବର୍ତ୍ତୀ ଦଣ୍ଡର ଭୟକୁ ଦୂର କରି ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରୁଛି। ସ୍ୱେଚ୍ଛାକୃତ ଅନୁପାଳନକୁ ଉତ୍ସାହିତ କରୁଛି। ଏବେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜୀକରଣ ନ କରିବା ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ।

# କେୟାର ରିବାଇଣ୍ଡ ୨.୦: ଓଡ଼ିଶାରେ ରୋଗୀ-କୈନ୍ଦ୍ରିକ ଚିକିତ୍ସାର ନୂତନ ଅଧ୍ୟାୟ

ଭୁବନେଶ୍ୱର, ୧୨।୭ (ସମିସ): କେୟାର ହସ୍ପିଟାଲ ଭୁବନେଶ୍ୱରରେ ଶନିବାର 'ଦ ବିଲିୟନ ନି ପ୍ରୋଜେକ୍ଟ ଆଣ୍ଡ ହେଲ୍‌ଥ୍ ଆଣ୍ଡ ହାରମୋନୀ ଟ୍ରଷ୍ଟ' ସହ ମିଶି ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମ୍ମିଳନୀ ଆୟୋଜିତ ହୋଇଯାଇଛି। କେୟାର ରିଟାଇଣ୍ଡ ୨.୦ ବ୍ୟବସ୍ଥାପିତ କରିଛି। ଆଧୁନିକ ଚିକିତ୍ସା ପ୍ରବୃତ୍ତି ବିଷୟରେ ସମ୍ବାଦ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା ଏହି ସମ୍ମିଳନୀର ଲକ୍ଷ୍ୟ ଥିଲା।



'ଇଣ୍ଡିଆନ ଆସୋସିଏସନ ଅଫ୍ ଫିଜିଓଥେରାପି ଆଣ୍ଡ ହେଲ୍‌ଥ ଆଣ୍ଡ ହାରମୋନି ଟ୍ରଷ୍ଟ' ଏଥିରେ ଜ୍ଞାନ ସହଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶୀର୍ଷ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଏକ ମଞ୍ଚରେ ଏକତ୍ରିତ କରି ଚର୍ଚ୍ଚା ଓ ଜ୍ଞାନ ବିନିମୟ ଆଧାରରେ ଭବିଷ୍ୟତର ସୁସ୍ଥ ସ୍ୱାସ୍ଥ୍ୟ ପରିବେଶ ଗଠନ କରିବା କେୟାର ରିବାଇଣ୍ଡ ୨.୦ର ଉଦ୍ଦେଶ୍ୟ ଥିଲା। ସ୍ୱାସ୍ଥ୍ୟ ସେବାର ମୂଳ ଆଧାର ହେଉଛି ଏକତ୍ରିତ ପ୍ରୟାସ ଓ ଅବିରତ ଶିକ୍ଷା, ବହୁବିଧ ସହଯୋଗ ଏବଂ ନିରନ୍ତର ଶିକ୍ଷା ଆଧୁନିକ ରୋଗୀ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବାର ପ୍ରମୁଖ ସ୍ତମ୍ଭ ବୋଲି ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ବାଚସ୍ପତି ସୁରମା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଅର୍ଥୋପେଡିକ ବିଶେଷଜ୍ଞ ଡ. ସନ୍ଦୀପ ସିଂହ, ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଏବଂ ରୋବୋଟିକ୍ ସର୍ଜରୀ ଏବଂ କ୍ରୀଡ଼ା ଆଘାତର ମୁଖ୍ୟ ପରାମର୍ଶଦାତା କିସଲେ ଆନନ୍ଦ, ଜୋନାଲ ମୁଖ୍ୟ ପରିଚାଳନା ଅଧିକାରୀ ଲୋକନାଥ ଦାଶ, ଏଭିପି, ମାର୍କେଟିଂ ଏବଂ ବ୍ୟବସାୟ ବିକାଶ, କେୟାର ହସିଟାଲ୍, ବରିଷ୍ଠ ଡାକ୍ତର ଏବଂ ଚିକିତ୍ସା ବୁରିଗତଙ୍କ ସମେତ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ନିଟ୍ ପ୍ରତ୍ୟକ୍ଷ କର ସଂଗ୍ରହ ୧.୩୪% ହ୍ରାସ

ମୁମ୍ବାଇ, ୧୨।୭ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷରେ ଜୁଲାଇ ୧୦ ତାରିଖ ସୁଦ୍ଧା ନିଟ୍ ପ୍ରତ୍ୟକ୍ଷ କର ସଂଗ୍ରହ ୧.୩୪ ପ୍ରତିଶତ ହ୍ରାସ ପାଇଛି। ଏହା ୫.୬୩ ଲକ୍ଷ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ୫.୭୦ ଲକ୍ଷ କୋଟି ଟଙ୍କା ଥିଲା। ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହି ସମୟରେ ନିଟ୍ କର୍ପୋରେଟ ଟିକସ ସଂଗ୍ରହ ୩.୬୭ ପ୍ରତିଶତ ହ୍ରାସ ପାଇ ୨ ଲକ୍ଷ କୋଟି ଟଙ୍କା ରହିଛି।

# ୧.୧୦ ଲକ୍ଷର ସର୍ବକାଳୀନ ରେକର୍ଡସ୍ତରରେ ରୁପା ମୂଲ୍ୟ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ରୁପା ମୂଲ୍ୟ ଦିନକୁ ଦିନ ଆକାଶ ଛୁଇଁବାରେ ଲାଗିଛି। ଚଳିତ ମାସରେ ପ୍ରଥମ ଥର ପାଇଁ ଏହା କେଜି ପିଛା ୧.୧୦ ଲକ୍ଷ ଟଙ୍କାର ସର୍ବକାଳୀନ ସ୍ତର ଛୁଇଁଛି। ଶୁକ୍ରବାର ରୁପା ମୂଲ୍ୟ ୨,୩୫୬ ଟଙ୍କା ବୃଦ୍ଧି ପାଇ ୧, ୧୦, ୨୯୬ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗୁରୁବାର ୧, ୦୭, ୯୩୪ ଟଙ୍କା ଥିଲା। ଇଣ୍ଡିଆନ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। କେବଳ ଚଳିତ ସପ୍ତାହରେ ରୁପା ମୂଲ୍ୟ ୨,୭୧୦ ଟଙ୍କା ବଢ଼ିଲାଣି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା କେଜି ପିଛା ୨୪, ୨୭୩ ଟଙ୍କା ମହଙ୍ଗା ହେଲାଣି। ବିଶେଷଜ୍ଞଙ୍କ ଅନୁଯାୟୀ ଏବେ ରୁପାର ଉଦ୍ୟୋଗିକ ଚାହିଦା ପୁଣି ବଢ଼ିବାରେ ଲାଗିଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧା ଲକ୍ଷେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ପାରେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସୁନା ମୂଲ୍ୟ ମଧ୍ୟ ରକେଟ୍ ବେଗରେ ବଢ଼ିବାରେ ଲାଗିଛି। ଏହା ୪୬୫ ଟଙ୍କା ମହଙ୍ଗା ହୋଇ ୧୦ ଗ୍ରାମ ପିଛା ମୂଲ୍ୟ ୯୭, ୫୧୧ ଟଙ୍କା ଛୁଇଁଛି। ତେବେ ଚଳିତ ସପ୍ତାହରେ ସୁନା ମୂଲ୍ୟ ୪୯୦ ଟଙ୍କା ବୃଦ୍ଧି ପାଇଛି। କିନ୍ତୁ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୪ କ୍ୟାରଟ ସୁନା ମୂଲ୍ୟ ୨୦, ୮୮୨ ଟଙ୍କା ମହଙ୍ଗା ହେଲାଣି।

## ରାଜ୍ୟ ଖବର

# ପଥର ତଳେ ପଥରଶିଳ୍ପୀଙ୍କ ଭାଗ୍ୟ

## ସରକାରଙ୍କ ଅବହେଳା ପାଇଁ ରାଜ୍ୟ ଛାଡ଼ିଲେଣି ଭାସ୍କର୍ଯ୍ୟ ଶିଳ୍ପୀ

ଭୁବନେଶ୍ୱର,୧୨।୭ (ସମିସ): ଉତ୍କଳର ଉତ୍କର୍ଷକୁ କାଳେକାଳେ ସମୃଦ୍ଧ କରିଛି ତା'ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଚାତୁରୀ। ଶିଳ୍ପୀର ନିହାଣ ମୁନରେ ନିଶ୍ଚଳ ପଥର ମଧ୍ୟ ଜୀବନ୍ୟାସ ପାଇଁ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଗୌରବ ଗାନ କରିଛି। ଉତ୍କଳର ଅନନ୍ୟ କଳାସଂସ୍କୃତିର ପରିଚାୟକ ସେହି ଶିଳ୍ପୀର ପରିଚୟ କିନ୍ତୁ ଆଜି ସଙ୍କଟରେ। ପଥର ଅଭାବରେ ତା'ର ନିହାଣ ଆଜି ନିରବ,ନିଥର। ଆଧାର ବିନା ସେ ଜୀବନ୍ୟାସ କାହାକୁ ଓ କେମିତି ଦେବ? ସରକାର ମଧ୍ୟ ଏ ଦିଗରେ ଉଦାସୀନ। ତେଣୁ ଓଡ଼ିଶାର ପଥର ଶିଳ୍ପୀ ଆଜି ଦାଦନ ଖଟିବାକୁ ବିଦେଶମୁହାଁ। ଯଦି ଏହି ସ୍ଥିତି ଜାରି ରହେ, ତେବେ ଓଡ଼ିଶା ଶିଳ୍ପୀଶୂନ୍ୟ ହୋଇଯିବା ବିଚିତ୍ର ନୁହେଁ।

ପ୍ରସ୍ତର ଯୁଗରୁ ମଣିଷର ଜୀବନଜୀବିକା ସହିତ ପଥର ଓତପ୍ରୋତ ଭାବେ ଯୋଡ଼ି ହୋଇଯାଇଛି। ଯାହାର ପ୍ରମାଣ ଏବେବି ଛିଡ଼ା ହୋଇଥିବା ପ୍ରାଚୀନ ମଠ ମନ୍ଦିରରୁ ମିଳେ। ବର୍ତ୍ତମାନ ସମୟ ବଦଳିବା ସହ ମଣିଷର ଚାହିଦା ପୂରଣ କରିବାରେ ପ୍ରକୃତିର ଏହି ଅସୀମିତ ଉପାଦାନ ଅସହାୟ ହୋଇପଡ଼ିଛି। ତା'ସହିତ ଜୀବନଜୀବିକା ବିପନ୍ନ ହୋଇଛି ପଥରକୁ ଆଶ୍ରା କରି ବଞ୍ଚୁଥିବା ଶିଳ୍ପୀ ଓ କାରିଗରମାନଙ୍କର।

କଳିଙ୍ଗ ସ୍ଥାପତ୍ୟ କଳା ଓ ପରମ୍ପରାର ସବୁଠୁ ଊର୍ଦ୍ଧ୍ୱରେ। ଓଡ଼ିଶା କାରିଗରଙ୍କ ତ୍ରିଭଙ୍ଗୀ ଶୈଳୀ ବା ଉତ୍କଳୀୟ ଶୈଳୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦିଲ୍ଲୀର ଅକ୍ଷରଧାମଠାରୁ ଆରମ୍ଭ କରି ରାଜସ୍ଥାନ, ଚେନ୍ନାଇ, ଦୁବାଇର ଆବୁଧାବିରେ ମଧ୍ୟ ଶୋଭା ପାଉଛି ଓଡ଼ିଶା କାରୀଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ। ଯଦିଓ ବିଭିନ୍ନ ରାଜ୍ୟର କାରିଗରମାନେ ଆଧୁନିକ ଶୈଳୀରେ ମନ୍ଦିର ନିର୍ମାଣ କରୁଛନ୍ତି; କିନ୍ତୁ ଓଡ଼ିଶା ଭାସ୍କର୍ଯ୍ୟ କାରିଗରଙ୍କ ବିକଳ୍ପ ସାରା ବିଶ୍ୱରେ ନାହିଁ। ମଠ, ମନ୍ଦିରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଝଲସି ଉଠେ। କିନ୍ତୁ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥିବା ପଥର ଶିଳ୍ପୀ ବା ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖଣ୍ଡେ ପାଇ ପାରୁନାହାଁନ୍ତି। ଫଳରେ ରାଜ୍ୟରେ ରହିଥିବା ପ୍ରାୟ ୩୦ ହଜାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଶିଳ୍ପୀ ବାହାର ରାଜ୍ୟ ଯଥା: ରାଜସ୍ଥାନ, ଚେନ୍ନାଇ, କୋଲକାତା ସମେତ ଇଂଲଣ୍ଡ, ଦୁବାଇ ଆଦି ଦେଶରେ କାମ କରୁଛନ୍ତି। ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଧିକାଂଶ ଶିଳ୍ପୀମାନେ ରାଜସ୍ଥାନ, ପାହାନପୁର ଆଦି ସ୍ଥାନରୁ ମାର୍ବଲ ଓ ପଥର ଆମଦାନୀ କରୁଥିଲେ ମଧ୍ୟ ଲାଭବାନ ହୋଇପାରୁ ନାହାଁନ୍ତି। ପଥର ଆମଦାନୀରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଉଚିତ୍ ପାରିଶ୍ରମିକ ମିଳୁନଥିବା କହିଛନ୍ତି। ରାଜ୍ୟ ସରକାର ଓଡ଼ିଆ କାରିଗରଙ୍କୁ ନେଇ ବିଶାଳ ଓଡ଼ିଶାରେ ମନ୍ଦିର କରନ୍ତୁ। ସେମାନେ ଆଜି ବି ସେମାନଙ୍କ ପାଖରେ କୋଣାର୍କ ତୋଳିବାର କ୍ଷମତା ରହିଛି। ଯାହାର ଉଦାହରଣ ହେଉଛି ଅକ୍ଷରଧାମ,ଅଯୋଧ୍ୟା ରାମ ମନ୍ଦିର ସମେତ ଦେଶ ବାହାରେ ନିର୍ମିତ ମନ୍ଦିର। କାରିଗରୀ କଳା ବଞ୍ଚାଇବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍। କେବଳ ଧାର୍ମିକ ଦୃଷ୍ଟିରୁ ନୁହେଁ; ବରଂ ଏହାଦ୍ୱାରା ଆର୍ଥିକ ଓ ସାଂସ୍କୃତିକ ବିକାଶ ମଧ୍ୟ ଘଟିବ। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର କଳା କାରିଗରୀ ବଞ୍ଚାଇବା ବଦଳରେ ସେମାନଙ୍କୁ ଦାଦନ ସାଜିବାକୁ ବାଧ୍ୟ କରୁଛନ୍ତି। କାରଣ ଯେଉଁ ଭାସ୍କର୍ଯ୍ୟ କାରିଗରୀ ଦେଖିବାକୁ ଦେଶବିଦେଶରୁ ପର୍ଯ୍ୟଟକମାନେ ଓଡ଼ିଶାକୁ ଧାଇଁ ଆସୁଛନ୍ତି, ସେହି କାରିଗରମାନେ ଆଜି ଅଲୋଡ଼ା ପାଲଟିଛନ୍ତି। ତେଣୁ ସରକାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ପାଇଁ ଓଡ଼ିଶା ଖଣିରୁ ପଥର ଯୋଗାଇଦେବାକୁ ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି।




## ଆଜି ବିଶ୍ୱ ପଥର ଦିବସ

ଏନେଇ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି ଯେ, ସବୁକଳାଠାରୁ ଊର୍ଦ୍ଧ୍ୱରେ ରହିଛି ଭାସ୍କର୍ଯ୍ୟ କଳା। ଭାସ୍କର୍ଯ୍ୟ କଳା ଏଭଳି ଏକ ସ୍ୱପ୍ନ, ଯାହାକୁ କେବଳ ଜଣେ ଶିଳ୍ପୀ ବାସ୍ତବତାରେ ପରିଣତ କରେ। ପଥର ଅଭାବରୁ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସଂଖ୍ୟା ଏବେ ମାତ୍ର ହାତଗଣତି। ପଥର ଶିଳ୍ପୀ ନରହିଲେ ଓଡ଼ିଶାର ଅସ୍ମିତା ନଷ୍ଟ ହୋଇଯିବ। ତେଣୁ ସରକାର ଓଡ଼ିଶାର ପଥର ଶିଳ୍ପୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦେବା ସହ ପଥର ଯୋଗାଇଦେଇ ଭାସ୍କର୍ଯ୍ୟ କଳାକୁ ବଞ୍ଚାଇ ରଖିବାକୁ ସହଯୋଗ କରନ୍ତୁ ବୋଲି ଶ୍ରୀ ସାହୁ କହିଛନ୍ତି।

# ସାଇ କା ଆଙ୍ଗନ୍‌ରେ ଗୁରୁପୂର୍ଣ୍ଣିମା ଉତ୍ସବ

ନୂଆଦିଲ୍ଲୀ, ୧୨।୭ (ସମିସ): ଗୁରୁଗ୍ରାମସ୍ଥିତ ସାଇ କା ଆଙ୍ଗନ୍‌ରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁଜୀଙ୍କ ରଚିତ ବେଷ୍ଟ ସେଲର୍ ପୁସ୍ତକ 'ଶିରିଡ଼ି ସାଇବାବା : ଏନ୍ ଇନ୍‌ସ୍ପାଇରିଙ୍ଗ ଲାଇଫ୍'ର ମରାଠୀ ଓ ଗୁଜୁରାଟୀ ସଂସ୍କରଣ ଉନ୍ମୋଚିତ ହୋଇଛି। ଗୁରୁଜୀଙ୍କ ହସ୍ତରେ ଏହି ଦୁଇଟି ଗ୍ରନ୍ଥ ଲୋକାର୍ପିତ ହୋଇଥିଲା। ଏହାସହ ଜ୍ଞାନଦୀପ ଇ-ଲାଇବ୍ରେରୀ ଗୁରୁଜୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଇଂରାଜୀ ଓ ଓଡ଼ିଆ ବିଭାଗରେ ବହୁ ଦୁର୍ଲ୍ଲଭ ଓ ଦୁଷ୍ପ୍ରାପ୍ୟ ପୁସ୍ତକ ଗୁଡ଼ିକର ଡିଜିଟାଲ ସଂସ୍କରଣ ଏହି ଲାଇବ୍ରେରୀରେ ସ୍ଥାନ ପାଇଛି। ଇଂରାଜୀ ସାହିତ୍ୟର ପ୍ରାଚୀନ ଗ୍ରନ୍ଥଠାରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବହୁ ଅମୂଲ୍ୟ କୃତିମାନ ଏଥିରେ ସ୍ଥାନ ପାଇଥିବା ଜଣାଯାଏ। ସେହିପରି ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କ ଉପରେ ପ୍ରକାଶିତ ବିଭିନ୍ନ ଭାଷାର ସାହିତ୍ୟ ଓ ପତ୍ରପତ୍ରିକା ଏଥିରେ ରହିଛି। ଓଡ଼ିଶାରୁ ଗୁରୁଜୀଙ୍କ ପ୍ରେରଣାରେ ପ୍ରକାଶ ପାଉଥିବା ସାଇ ନିର୍ମାଲ୍ୟ ପତ୍ରିକାର ଏହି ଇ ଲାଇବ୍ରେରୀରେ ସ୍ଥାନ ପାଇଛି। ଗୁରୁଜୀଙ୍କ ରଚିତ ପ୍ରସିଦ୍ଧ କାବ୍ୟଗ୍ରନ୍ଥ ଶ୍ରୀଗୁରୁ ଭାଗବତର ସମସ୍ତ ଭାଷାର ଡିଜିଟାଲ ସଂସ୍କରଣ ମଧ୍ୟ ଏହି ଇ ଲାଇବ୍ରେରୀରେ ଉପଲବ୍ଧ ହୋଇଛି।




# ସୀମାନ୍ତରେ ୨୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୨।୭ (ସମିସ): ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ଶନିବାର ୨୩ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଅନେକ ଘଟଣାରେ ଜଡ଼ିତ ଥିଲେ। ସୁକୁମା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଲେକ୍ସ ପଲ ମେନନଙ୍କ ଅପହରଣରେ ଜଡ଼ିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଥିବା ଜଣାପଡ଼ିଛି। ଦିନକୁ ଦିନ ମାଓ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ମାଓବାଦୀ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ତେବେ ଶନିବାର ଆତ୍ମସମର୍ପଣ କରିଥିବା ଏହି ୨୩ଜଣଙ୍କ ନାମରେ ମୋଟ ୧ କୋଟି ୧୮ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ଜଣାପଡ଼ିଛି।

# ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହୋଇନଥିଲେ ଜବତ ଗାଡ଼ି ହସ୍ତାନ୍ତର କରାଯାଇପାରିବ: ହାଇକୋର୍ଟ

କଟକ,୧୨।୭ (ସମିସ): ଯଦି କୌଣସି ଅପରାଧିକ ମାମଲା ସହ ଜଡ଼ିତ ଯାନ ଜବତ କରାଯାଇ ଏହାର ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହୋଇନଥାଏ କିମ୍ବା ପ୍ରକ୍ରିୟା ବିଳମ୍ବିତ ହୋଇଥାଏ, ତାହେଲେ ଜବତ ଗାଡ଼ିକୁ ହସ୍ତାନ୍ତର କରାଯାଇପାରିବ। କିନ୍ତୁ ଗାଡ଼ି ମାଲିକ ନିଜେ ଯେଉଁ ମାମଲାରେ ଅଭିଯୁକ୍ତ ଥାଏ ଓ ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହୋଇଥାଏ, ତାହେଲେ ଗାଡ଼ି ହସ୍ତାନ୍ତର ପାଇଁ ଆଇନରେ ପ୍ରତିବନ୍ଧକ ରହିଛି ବୋଲି ହାଇକୋର୍ଟ କହିଛନ୍ତି। ବିଜୟ କୁମାର ଜୟସ୍ୱାଲଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀ ଗାଡି ମାଲିକ ଏକ ଅବକାରୀ ମାମଲାରେ ଅଭିଯୁକ୍ତ ହୋଇଥିବା ବେଳେ ତାଙ୍କ ଗାଡ଼ି ଜବତ କରାଯାଇ ନିଲାମ ପ୍ରକ୍ରିୟା ପାଇଁ ପଦକ୍ଷେପ ନିଆଯାଇସାରିଛି। ଏପରିକି ଆବେଦନକାରୀଙ୍କୁ ସମନ ପଠାଯାଇଥିଲେ ସୁଦ୍ଧା ଏହାକୁ ସେ ଗ୍ରହଣ ନକରି ଏଡ଼ାଇ ଆସୁଥିଲେ। ଏଭଳି ସ୍ଥିତିରେ ଗାଡ଼ି ହସ୍ତାନ୍ତର ପାଇଁ ତାଙ୍କ ତରଫରୁ ରୁଜୁ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ତେବେ ବାଜ୍ୟାପ୍ତି ପ୍ରକ୍ରିୟା ବିଚାରାଧୀନ ଥିଲେ, ସେ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି କହିଛନ୍ତି ଅଦାଲତ। ଆବେଦନକାରୀଙ୍କ କାରକୁ ଚୋରା ନିଶାଦ୍ରବ୍ୟ ଚାଲାଣ ପାଇଁ ଅବକାରୀ ବିଭାଗ ଜବତ କରିଥିଲା। ମାମଲା ବିଚାରାଧୀନ ଥିବା ବେଳେ ଏହି ଗାଡ଼ିକୁ ହସ୍ତାନ୍ତର ପାଇଁ ଆବେଦନକାରୀ କରିଥିବା ଅନ୍ତରୀଣ ଆବେଦନକୁ ଝାରସୁଗୁଡ଼ା ଏସଡିଜେଏମ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କବି ବିଦ୍ୟୁତ୍‌ପ୍ରଭା ଦେବୀ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୨।୭ (ସମିସ): ଲବ୍ଧପ୍ରତିଷ୍ଠିତ କବି ବିଦ୍ୟୁତ୍‌ପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ ଯେ, କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିର ଉଦ୍‌ଘାଟନ ସହ ପୁସ୍ତକ "ବାଜିରାଉତ' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା "କୋଣାର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକଡେମୀର ସଚିବ ଡ. ଚନ୍ଦ୍ରଶେଖର ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



# ହ୍ୟାଣ୍ଡଲୁମ୍ ଶାଢ଼ିର ଯତ୍ନ



ପାରମ୍ପରିକ ପରିଧାନ ମଧ୍ୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା କେବଳ ପାରମ୍ପରିକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପୂଜାପର୍ବରେ ଏହି ଶାଢ଼ି ପିନ୍ଧିଲେ ଏହା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଏହି ଶାଢ଼ିର ମୂଲ୍ୟ ଅଧିକ ଥାଏ । ଏହା କେବେ ହେଲେ ପୁରୁଣା ହୁଏନି । ବର୍ତ୍ତମାନ ସମୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଚାହିଦା ବଢ଼ୁଛି । ତେବେ ଏହି ଶାଢ଼ିକୁ ବର୍ଷ ବର୍ଷ ଧରି କିପରି ସାଇତି ରଖିବେ ଜାଣି ରଖନ୍ତୁ ।

### ଖରାରୁ ରଖନ୍ତୁ ଦୂରେଇ

ଶାଢ଼ିକୁ ଅତ୍ୟଧିକ ସୂର୍ଯ୍ୟକିରଣରୁ ଦୂରେଇ ରଖନ୍ତୁ । କାରଣ ସୂର୍ଯ୍ୟ କିରଣରେ ଶାଢ଼ିର ରଙ୍ଗ ଛାଡ଼ିଯାଏ । ଏହାଦ୍ୱାରା ଶାଢ଼ିର ଉଜ୍ଜ୍ୱଳତା କମିଯାଏ । ଏଥିପାଇଁ ଥଣ୍ଡା, ଅନ୍ଧାରୁଆ ସ୍ଥାନ ଭଲ ହୋଇଥାଏ ।

### ରେଶମ ପାଟ

ସିଲ୍କ ତଥା ରେଶମ ଶାଢ଼ିକୁ ରଖିବା ପାଇଁ ସୂତା ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ମଧ୍ୟରେ ବାୟୁ ଚଳାଚଳ ଠିକ୍ ରହିଥାଏ । ଏହାଦ୍ୱାରା ଶାଢ଼ି ଅନ୍ୟ ଶାଢ଼ି ସହ ଲାଗେ ନାହିଁ । ସୁରକ୍ଷିତ ରହିଥାଏ ।

### ତିନି ମାସରେ ବଦଳାନ୍ତୁ ଶାଢ଼ିର ଭାଙ୍ଗ

ଶାଢ଼ିକୁ ଗୋଟିଏ ଭାଙ୍ଗରେ ଦୀର୍ଘ ସମୟ ରଖିଲେ, ଏହାଦ୍ୱାରା ଶାଢ଼ିର ସେହି ସ୍ଥାନ ଫାଟିଯାଏ । ତେଣୁ ପ୍ରତି ତିନିମାସରେ ଥରେ ଶାଢ଼ି ଭାଙ୍ଗ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।


### କାଠ ହ୍ୟାଙ୍ଗରରେ ଝୁଲାନ୍ତୁ ଶାଢ଼ି

ଶାଢ଼ିକୁ ହ୍ୟାଙ୍ଗର୍‌ରେ ଟାଙ୍ଗିବାକୁ ଚାହୁଁଥିଲେ, ପ୍ଲାଷ୍ଟିକ୍ କିମ୍ବା ଷ୍ଟିଲ୍ ବଦଳରେ କାଠ ହ୍ୟାଙ୍ଗର୍ ବ୍ୟବହାର କରନ୍ତୁ । କାରଣ ଧାତୁନିର୍ମିତ ହ୍ୟାଙ୍ଗର୍‌ରେ କଳଙ୍କି ଲାଗିବା ସମସ୍ୟା ଥାଏ । ତେଣୁ କାଠ ସୁରକ୍ଷିତ ହେବା ସହ ଦୀର୍ଘ ସମୟ ରହିଥାଏ ।

### ସୂତା କପଡ଼ାରେ ଗୁଡ଼ାଇ ରଖନ୍ତୁ

ଘରେ ସୂତା ବ୍ୟାଗ୍ ନ ଥିଲେ, ସୂତା କପଡ଼ାରେ ମଧ୍ୟ ଏହାକୁ ଗୁଡ଼ାଇ ରଖିପାରିବେ । ତେବେ ସମାନ ଡିଜାଇନର ଶାଢ଼ିକୁ ଗୋଟିଏ ବ୍ୟାଗ୍‌ରେ ରଖିପାରିବେ । ଭିନ୍ନ ଡିଜାଇନ ଥିଲେ ଏହାକୁ ଅଲଗା ରଖିପାରିବେ ।

# ମହମବତୀରୁ ଆତ୍ମନିର୍ଭର



ମହମବତୀ ଅନ୍ଧକାରକୁ ପ୍ରଶମିତ କରି ଆଲୋକ ପ୍ରଦାନ କରିଥାଏ । କିନ୍ତୁ ସମୟ ଅନୁସାରେ ଏହାର ବ୍ୟବହାର ବଦଳିଛି । ବିଭିନ୍ନ ପର୍ବପର୍ବାଣୀ, ପୂଜାଉତ୍ସବରେ ଏହାକୁ ସାଜସଜ୍ଜା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଏହାର ଉପଯୋଗିତାକୁ ଦୃଷ୍ଟିରେ ରଖି ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି, କାଶ୍ମୀର ଶ୍ରୀନଗରର ମେହେକ୍ ପରବେଜ୍ । ସେ ବିଭିନ୍ନ ଡିଜାଇନର ସୁଗନ୍ଧଯୁକ୍ତ ମହମବତୀ ତିଆରି କରି ଆତ୍ମନିର୍ଭର ହୋଇଛନ୍ତି ।

### ୟୁଟ୍ୟୁବ୍‌ରୁ ଶିଖିଲେ ପ୍ରସ୍ତୁତି

ପିଲାଦିନେ ମହମବତୀ ଦେଖି ସେ ଖୁବ୍ ଆନନ୍ଦିତ ହେଉଥିଲେ; କିନ୍ତୁ ତାଙ୍କ ଅଞ୍ଚଳରେ ପର୍ବପର୍ବାଣୀରେ ଘର ସଜାଇବା ପାଇଁ ମହମବତୀ ଏତେ ବ୍ୟବହାର ହେଉ ନ ଥିଲା । ସେ ଇନ୍‌ଷ୍ଟାଗ୍ରାମ୍‌ରେ ଭଳିକି ଭଳି ମହମବତୀ ଦେଖିଥିଲେ । ପରେ ଏହା ତିଆରି କରିବା ପାଇଁ ତାଙ୍କର ଆଗ୍ରହ ଆସିଲା । ଏଥିପାଇଁ ସେ ୟୁଟ୍ୟୁବ୍‌କୁ ନିଜର ଅସ୍ତ୍ର କରିଥିଲେ । ୟୁଟ୍ୟୁବ୍ ଦେଖି ଅଭ୍ୟାସ କଲେ । ଧିରେ ଧିରେ ସେ ସୁଗନ୍ଧଯୁକ୍ତ, ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥିଲେ । ତାଙ୍କ କହିବାନୁଯାୟୀ ଅଧିକାଂଶ ଲୋକେ ଏସେନ୍ସିଆଲ ଅଏଲ୍‌ଯୁକ୍ତ ମହମବତୀ କିଣିବାକୁ ପସନ୍ଦ କରନ୍ତି । କାରଣ ଏହା ଲୋକଙ୍କ ମନ ଓ ମସ୍ତିଷ୍କକୁ ସତେଜ କରିଥାଏ । ସେହିପରି ଡିଜାଇନର୍ ମହମବତୀକୁ ଲୋକେ ଜନ୍ମଦିନ, ବର୍ଷପୂରଣି ଆଦିରେ ଘର ସାଜସଜ୍ଜାରେ ବ୍ୟବହାର କରିଥାନ୍ତି ।

### ଲକ୍‌ଡାଉନ୍‌ରୁ ବ୍ୟବସାୟ





ଲକଡାଉନ୍ ସମୟରେ ସେ ମହମବତୀ ବ୍ୟବସାୟ କରିବା ପାଇଁ ସ୍ଥିର କରିଥିଲେ । ହେଲେ ମହମବତୀ ପ୍ରସ୍ତୁତ ପାଇଁ ଆବଶ୍ୟକ ସରଞ୍ଜାମ ଓ ଉପକରଣ ତାଙ୍କ ପାଖରେ ନ ଥିଲା । ତେଣୁ ସେ ଅନ୍ୟ ସହରରୁ ଏହା କିଣିଥିଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ପରିବାର ଲୋକେ ସମର୍ଥନ କରିଥିଲେ । ଏହାପରେ ସେ ନିଜ ଘରେ ବିଭିନ୍ନ ପ୍ରକାର ମହମବତୀ ତିଆରି କରିଥିଲେ । ସଉକ୍‌ରୁ ଆରମ୍ଭ ହୋଇଥିବା ଏହି କଳାକୁ ମେହେକ୍ ନିଜର ପେସା ଭାବେ ଆପଣାଇଲେ । ସେ ବିଭିନ୍ନ ପ୍ରକାର କଷ୍ଟମାଇଜ୍ ମହମବତୀ ତିଆରି କରି ତାହାକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିଲେ । ଅବଶ୍ୟ ଏହି ଅନଲାଇନ୍ ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନଥିଲା ।

### କଷ୍ଟମାଇଜ୍‌ଡ ମହମବତି

ସେ ବିଭିନ୍ନ କଷ୍ଟମାଇଜ୍ ମହମବତୀ ପ୍ରସ୍ତୁତ କରିଥାନ୍ତି । ବିବାହ, ମେହେନ୍ଦୀ, ଜନ୍ମଦିନ, ବର୍ଷପୂରଣି, କ୍ରିଷ୍ଟମାସ, ଦୀପାବଳି ଆଦି ପର୍ବରେ ସେ ଗ୍ରାହକଙ୍କ ବରାଦ ଅନୁଯାୟୀ, କଷ୍ଟମାଇଜ୍ ମହମବତୀ ତିଆରି କରନ୍ତି । କପ୍, ସାଣ୍ଟା ଟ୍ରି, ଫୁଲଆକୃତିର ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥାନ୍ତି । ଏହାର ରଙ୍ଗ ଓ ଡିଜାଇନ୍ ଅନୁଯାୟୀ ସେ ମୂଲ୍ୟ ରଖିଥାନ୍ତି ।

# କୋରିଆନ୍ ହେୟାର କେୟାର୍



ବର୍ଷାଦିନେ କେଶରେ ନାନା ସମସ୍ୟା ଦେଖାଯାଏ । ତେଲ, ଝାଳ ଓ ଆର୍ଦ୍ରତା କେଶକୁ ରୁକ୍ଷ ଓ ପତଳା କରିଦିଏ । ତେଣୁ କେଶକୁ ମଜଭୂତ କରିବା ପାଇଁ ହେୟାର୍ କେୟାର୍ ରୁଟିନ ଆପଣାଇବାକୁ ପଡ଼ିଥାଏ । ଯାହା କେଶକୁ ପୋଷଣ ଦେଇ ବର୍ଷା ଋତୁ ପ୍ରଭାବରୁ ସୁରକ୍ଷା ଦେବ । ତେବେ କୋରିଆନ୍ ମେକ୍‌ଅପ୍ ଭଳି କୋରିଆନ୍ ହେୟାର୍ କେୟାର୍‌ର ଖୁବ୍ ଚାହିଦା ରହିଛି । ଏହାକୁ ଆପଣାଇ କେଶର ଯତ୍ନ ନେଇପାରିବେ ।

### ସ୍କାଲ୍‌ପକୁ ସଫା ରଖନ୍ତୁ

ବର୍ଷାଦିନେ କେଶରେ ତେଲ , ଧୂଳି ଆଦି ଜମିଯାଏ । ଫଳରେ କେଶମୂଳ କୁଣ୍ଡାଇ ହୋଇଥାଏ । ତେଣୁ କେଶମୂଳକୁ ସାମ୍ପୁ କିମ୍ବା ସ୍କ୍ରବ୍ କରି ଭଲରେ ସଫା କରନ୍ତୁ । ଏହାଦ୍ୱାରା କେଶମୂଳ ପରିଷ୍କାର ରହିଥାଏ । ପ୍ରତି ସପ୍ତାହରେ ଥରେ ଏହା କରନ୍ତୁ ।

### ମାଇଲ୍ଡ ସାମ୍ପୁ ବ୍ୟବହାର

ଯଥାସମ୍ଭବ ରାସାୟନିକ ସାମ୍ପୁରୁ ଦୂରେଇ ରୁହନ୍ତୁ । ଟି ଟ୍ରି ଅଏଲ୍ କିମ୍ବା ପୁଦିନା ସାମ୍ପୁ ବ୍ୟବହାର କରି କେଶ ଧୋଇପାରିବେ । ଏହା କେଶରେ ଥିବା ତେଲିଆପଣକୁ ଦୂର କରିଥାଏ ।

### କଣ୍ଡିସନର୍

କୋରିଆନ୍ ହେୟାର କେୟାର୍‌ରେ ହାଇଡ୍ରେସନ୍‌ର ମୁଖ୍ୟ ଭୂମିକା ରହିଥାଏ । ତେଣୁ କେଶ ସଫା ପରେ ଅଳ୍ପ କରି ହାଇଡ୍ରେଟିଙ୍ଗ୍ କଣ୍ଡିସନର ଲଗାନ୍ତୁ । ଏହାକୁ କେଶମୂଳରେ ନ ଲଗାଇ କେଶରେ ଲଗାନ୍ତୁ ।

### ହେୟାର ଟନିକ୍

କୋରିଆନ୍ ଯୁବତୀମାନେ କେଶ ସଫା କରି କଣ୍ଡିସନର୍ ଲଗାଇବା ପରେ ହେୟାର ଏସେନ୍ସ ବା ହେୟାର୍ ଟନିକ୍ ଲଗାଇଥାନ୍ତି । ଏହା କେଶକୁ ପୋଷଣ ଦେବା ସହ କେଶମୂଳକୁ ମଜଭୂତ ରଖିଥାଏ ।

### ଗରମ ଉପକରଣରୁ ଦୂରେଇ ରଖନ୍ତୁ

କେଶକୁ ଗରମ ଉପକରଣରୁ ଦୂରେଇ ରଖିବା ଆବଶ୍ୟକ । ବିଶେଷ କରି ବର୍ଷାଦିନେ କେଶରେ ଅଧିକ ହେୟାର ଡ୍ରାୟର, ଏବଂ ଷ୍ଟ୍ରେଟନର୍ ବ୍ୟବହାର କଲେ ଏହା କେଶକୁ ରୁକ୍ଷ କରିଥାଏ । କେଶର କୋମଳତା କମିଯାଏ ।

ମୋ ହାଣ୍ଡିଶାଳରୁ...

# ବନ୍ଧାକୋବି ମୋମୋ

### ଆବଶ୍ୟକ ସାମଗ୍ରୀ

ବନ୍ଧା କୋବି, କଟା ପିଆଜ – ଏକ କପ୍, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ଗାଜର – ଏକ କପ୍, କଟା କୋବି – ଏକ କପ୍, ସୋୟାବିନ୍ କିମା- ଏକ କପ୍, ଅଦା, ରସୁଣ ଓ କଞ୍ଚାଲଙ୍କା କଟା – ଦୁଇ ଚାମଚ, ସୋୟା ସସ୍ – ଏକ ଚାମଚ, ଚାଟ୍ ମସଲା- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ବନ୍ଧାକୋବିରୁ ପାଖୁଡ଼ା ଅଲଗା କରି ଧୋଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇରେ ପାଣି ଦେଇ ଗରମ କରନ୍ତୁ । ପାଣି ଗରମ ହୋଇଗଲେ ପତ୍ରକୁ ଦେଇ ଢାଙ୍କୁଣି ଘୋଡ଼ାଇ ତିନିରୁ ଚାରି ମିନିଟ୍ ରଖନ୍ତୁ । ଏହାପରେ ଢାଙ୍କୁଣି ଖୋଲି ପତ୍ରକୁ ବାହାର କରି ଦିଅନ୍ତୁ । ଆଉ ଏକ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ କଟା ଲଙ୍କା, ରସୁଣ ଅଦା ଦେଇ ହାଲୁକା ଫ୍ରାଏ କରନ୍ତୁ । ଏହାପରେ କାଟି ରଖିଥିବା ପରିବା ସବୁକୁ ଦେଇ ଭାଜନ୍ତୁ । ସେଥିରେ ଅଳ୍ପ ଲୁଣ, ଚାଟ୍ ମସଲା ପକାଇ ପାଣି ଛାଡ଼ିବା ଯାଏ ଭାଜନ୍ତୁ । ଏହାପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ସିଜାଇ ରଖିଥିବା କୋବି ପତ୍ର ନେଇ ସେଥିରେ ଭଜା ପରିବା ପୂର ଦେଇ ଚାରିଆଡ଼ୁ ମୋଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ ଆଉ ଏକ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ କୋବିକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବନ୍ଧା କୋବି ମୋମୋ' ।



# ପରିବେଶ ଅନୁକୂଳ ଇଣ୍ଟେରିୟର



ସହରୀ ଜୀବନ ମଧ୍ୟରେ ଶାନ୍ତି ପାଇବା କଷ୍ଟକର । ଗାଡ଼ି ମୋଟର, କଳକାରଖାନାର ଶବ୍ଦ ମଣିଷକୁ ଅତିଷ୍ଠ କରି ପକାଏ । କିନ୍ତୁ ପରିବେଶ ଅନୁକୂଳ ଇଣ୍ଟେରିୟର ଡିଜାଇନ୍ କରି ଘରର ଶାନ୍ତି ବଜାୟ ରଖିପାରିବେ । ଏହା ସୁନ୍ଦର ଓ ଆରାମଦାୟକ ହୋଇଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନର ଚାହିଦା ରହିଛି ।

### ପ୍ରାକୃତିକ ସାମଗ୍ରୀ ବ୍ୟବହାର

କାଠ, ବାଉଁଶ, ମାଟି ପୁନଃ ନବୀକରଣଯୋଗ୍ୟ ଜିନିଷକୁ ବ୍ୟବହାର କରି ଘରକୁ ସଜାଇପାରିବେ । ଏହାଦ୍ୱାରା କମ୍ ଖର୍ଚ୍ଚରେ ଘରର ସୁନ୍ଦରତା ବୃଦ୍ଧି ହୋଇଥାଏ । ସେହିପରି ପୁରୁଣା ଫର୍ଣ୍ଣିଚରକୁ ଏଣେତେଣେ ନ ଫୋପାଡ଼ି ତାହାକୁ ରଙ୍ଗ କରି ଭିନ୍ନ ରୂପ ଦେଇପାରିବେ ।

### ଅକୁଷ୍ଟିକ୍ ପ୍ୟାନେଲ୍ ଲଗାନ୍ତୁ

ଘରେ ଶାନ୍ତିବଜାୟ ରଖିବାକୁ ଚାହୁଁଥିଲେ ଅକୁଷ୍ଟିକ୍ ୱାଲ୍ ପ୍ୟାନେଲ୍ ଲଗାଇପାରିବେ । ଏହା ବାହାରୁ ଆସୁଥିବା ଶବ୍ଦକୁ ଅବଶୋଷିତ କରିଥାଏ । ଏହା କାଠ କିମ୍ବା ଥ୍ରୀ-ଡି ପ୍ୟାଟର୍ଣ୍ଣରେ ଉପଲବ୍ଧ ହୋଇଥାଏ । ଏହା ଲିଭିଙ୍ଗ୍ ରୁମ, ବେଡ୍ ରୁମ୍‌କୁ ଆଧୁନିକ ଲୁକ୍ ଦେଇଥାଏ ।

### ଘରେ ଗଛ ଲଗାନ୍ତୁ

ଗଛ ବାହାରୁ ଆସୁଥିବା ଶବ୍ଦକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିସହ ଘରେ ଶାନ୍ତି ବାତାବରଣ ରଖିଥାଏ । ତେଣୁ ଝରକା କୋଣରେ ବଡ଼ ଇଣ୍ଡୋର ପ୍ଲାଣ୍ଟ ରଖନ୍ତୁ । ଏହା ଶବ୍ଦ କମ୍ କରି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।



# ଫୁଟ୍ ପିଲ୍ ମାସ୍କ

ମହିଳାମାନେ ତ୍ୱଚାର ଯତ୍ନ ନେବା ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । ହେଲେ ପାଦ ପ୍ରତି ଧ୍ୟାନ ଦିଅନ୍ତିନି । ଫଳରେ ପାଦ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସି କଳା ପଡ଼ିଯାଏ । ଏହାଦ୍ୱାରା ପାଦର ସୁନ୍ଦରତା କମିଯାଏ । କିଛି ମହିଳା ସୁଜ୍ କିମ୍ବା ମୋଜା ପିନ୍ଧି ଏହାକୁ ଲୁଚାନ୍ତି; କିନ୍ତୁ ଏବେ ବଜାରରେ ଫୁଟ୍ ପିଲ୍ ମାସ୍କ ମିଳୁଛି । ଏହାକୁ ଲଗାଇ ପାଦ ସମସ୍ୟା ଦୂର କରିପାରିବେ ।



### ପିଲ୍ ମାସ୍କ କ'ଣ ?

ଏହା ଏକ ପ୍ରକାର କସ୍‌ମେଟିକ୍ ଉପଚାର । ଏହା ପାଦର ମୃତକୋଷକୁ ବାହାର କରି ଚମକ ଆଣିଥାଏ । ଏହା ଏକ ପ୍ଲାଷ୍ଟିକ୍ ମୁଣି ଆକୃତିର ହୋଇଥାଏ । ଏଥିରେ ବିଶେଷ ପ୍ରକାର ତରଳ ପଦାର୍ଥ ଥାଏ । ଏହାକୁ ପାଦରେ ପିନ୍ଧି କିଛି ସମୟ ଛାଡ଼ି ଦିଆଯାଏ ।

### ବ୍ୟବହାର

ପ୍ରଥମେ ପାଦକୁ ଭଲ କରି ଧୋଇ ଶୁଖାନ୍ତୁ । ଏହାପରେ ମାସ୍କ ଖୋଲି ପାଦରେ ସାବଧାନତାର ସହ ଲଗାଇ କିଛି ସମୟ ରଖନ୍ତୁ । କିଛି ଘଣ୍ଟା ପରେ ପାଦରୁ ମାସ୍କ କାଢ଼ି ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।

### ଏହାର ଉପକାରିତା

ଏହା ପାଦରୁ ମୃତକୋଷ କାଢ଼ି କୋମଳ ଓ ନରମ କରିଥାଏ ।

ଏହା ଫଟା ଗୋଇଠି ସମସ୍ୟାକୁ ଦୂର କରିଥାଏ ।

କିଛି ମାସ୍କରେ ମଇଶ୍ଚରାଇଜିଙ୍ଗ୍‌ଗୁଣ ରହିଥାଏ । ଏହା ପାଦକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।

■ ଟି-୨୦ ବିଶ୍ୱକପ୍

## ଇଟାଲୀକୁ ଐତିହାସିକ ଯୋଗ୍ୟତା



ହେଗ୍, ୧୨।୭ (ଏଜେନ୍ସି): ଫୁଟବଲ ଖେଳର ଦେଶ ଇଟାଲୀ ପ୍ରଥମଥର ଟି-୨୦ ବିଶ୍ୱକପ୍ ଖେଳିବାକୁ ଐତିହାସିକ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଖେଳାଯାଇଥିବା ୟୁରୋପୀୟ କ୍ୱାଲିଫାୟର ଶେଷ ଦୁଇ ମୁକାବିଲାରେ ନେଦରଲାଣ୍ଡସ ୯ ୱିକେଟରେ ଇଟାଲୀକୁ ଓ ଜର୍ସି ଶେଷ ବଲରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ଏହା ଫଳରେ ନେଦରଲାଣ୍ଡସ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହି ଏକ ନମ୍ବର ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ସ୍କଟଲାଣ୍ଡ ପରାଜିତ ହେବା ପରେ ଇଟାଲୀ ସହ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲା। କିନ୍ତୁ ନେଟ ରନ୍ ରେଟ୍‌ରେ ସ୍କଟଲାଣ୍ଡଠାରୁ ଆଗୁଆ ରହିଥିବା ଇଟାଲୀ ଦ୍ୱିତୀୟ ସ୍ଥାନରେ ରହି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଗତ ୪ଟି ସଂସ୍କରଣରେ ଟି-୨୦ ବିଶ୍ୱକପ୍ ଖେଳିଥିବା ସ୍କଟଲାଣ୍ଡ ଏଥର ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଆସନ୍ତାବର୍ଷ ବା ୨୦୨୬ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ।

## ୧୯ ବର୍ଷରୁ କମ୍ ଟେଷ୍ଟ ଆୟୁଷ ମାହତ୍ରେଙ୍କ ଶତକ

ବେକେନହାମ, ୧୨।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜିଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା। ଏହି ମୁକାବିଲାର ପ୍ରଥମ ଦିନରେ ଓପନର ତଥା ଅଧିନାୟକ ଆୟୂଷ ମାହତ୍ରେଙ୍କ ଶତକ ସହାୟତାରେ ଶେଷ ଖବର ସୁଦ୍ଧା ଭାରତ ୭ ୱିକେଟରେ ୪୪୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ମାହତ୍ରେ ସର୍ବାଧିକ ୧୦୨ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୧୧୫ ବଲ୍‌ର ସାମ୍ନା କରି ୧୪ ଚୌକା ଓ ୨ ଛକା ମାରିଥିଲେ। କିନ୍ତୁ ଧୂଆଁଧାର ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ରନ୍ କରିପାରିଥିଲେ। ନଂ-୩ ବିହାନ ମାଲହୋତ୍ରା ୬୭, ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ ୯୦ ଓ ରାହୁଲ କୁମାର ୮୫ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ୍, ଜେକ୍ ହୋମ୍ ଓ ଆର୍ଚି ଭନ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

### ଲର୍ଡ୍ସରେ ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ

# ପ୍ରଥମ ଇନିଂସ ବରାବର



ଲର୍ଡ୍ସ,୧୨।୭ (ଏଜେନ୍ସି): ଲୋକେଶ ରାହୁଲ (୧୦୦)ଙ୍କ ୧୦ମ ଟେଷ୍ଟ ଶତକ, ରଷଭ ପନ୍ତ (୭୪) ଓ ରବୀନ୍ଦ୍ର ଜାଡେଜା(୭୨)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଇନିଂସ ବରାବର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋ ରୁଟଙ୍କ ଶତକ ବଳରେ ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ରାହୁଲଙ୍କ ଶତକ ସହାୟତାରେ ଭାରତ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଉଭୟ ଦଳର ପ୍ରଥମ ଇନିଂସ ସ୍କୋର ସମାନ ରହିଛି। ଏହି ଟେଷ୍ଟର ତୃତୀୟ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ଗୋଟିଏ ଓଭରରେ ୨ରନ୍ ସଂଗ୍ରହ କରିନେଇଛି।

### ଟେଷ୍ଟ କ୍ରିକେଟରେ ରାହୁଲଙ୍କ ୧୦ମ ଶତକ

ଭାରତ ଓପନର ଲୋକେଶ ରାହୁଲ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି। ଏଥିଲାଗି ସେ ୧୭୬ଟି ବଲ୍‌ର ସାମନା କରି ୧୩ଟି ଚୌକା ମାରିଥିଲେ। ଏହା ଫଳରେ ଟେଷ୍ଟ କ୍ରିକେଟରେ ରାହୁଲ ୬୧ତମ ଟେଷ୍ଟ ଓ ୧୦୬ତମ ଇନିଂସରେ ୧୦ମ ଶତକ ହାସଲ କରିଛନ୍ତି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡରେ ସେ ହାସଲ କରିଛନ୍ତି ୪ଟି ଶତକ। ଏହା ଛଡ଼ା ଚଳିତ ସିରିଜ୍‌ରେ, ଲର୍ଡ୍ସ ଟେଷ୍ଟରେ ଓ ଜଣେ ଓପନର ଭାବେ ଏଠାରେ ସେ ଦ୍ୱିତୀୟ ଶତକୀୟ ସଫଳତା ଅର୍ଜନ କରିଛନ୍ତି। ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଫଳରେ ଭାରତ ଏଠାରେ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଫଲୋଅନ୍ ଏଡ଼ାଇବା ସହ ସ୍କୋର ସମାନ ରଖିବାରେ ସମର୍ଥ ହୋଇଥିଲା।

ଭାରତ ଇନିଂସରେ ରାହୁଲ-ପନ୍ତଙ୍କ ମଧ୍ୟରେ ଶତକୀୟ, ଜାଡେଜା-ରେଡ୍ଡି ଓ ଜାଡେଜା-ସୁନ୍ଦରଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ଭାଗିଦାରୀ ଭାରତକୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ସହ ସମାନ କରିବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ନୂଆ ବଲ୍‌ରେ ଫାଇଦା ଉଠାଇ କ୍ରିସ୍ ଓକ୍ସ ସର୍ବାଧିକ ୩ଟି, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଖେଳ ଆଉ ୨ ଦିନ ବାକି ରହିଛି।

ଶତକୀୟ ଭାଗିଦାରୀ: ଏହି ଟେଷ୍ଟର ଶନିବାର ଅନୁଷ୍ଠିତ ତୃତୀୟ ଦିନ ଖେଳରେ ଭାରତ ପ୍ରଥମ ସେସନରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଯାହା ଫଳରେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ (୫୩) ଓ ରଷଭ ପନ୍ତ (୧୬) ପ୍ରତିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମ ସେସନରେ ୨୨.୩ ଓଭରରେ ଭାରତ ୧୦୩ ରନ୍ ସଂଗ୍ରହ କରି ଭଲ ସ୍କୋର କରିଥିଲା। କିନ୍ତୁ ଠିକ୍ ଲଞ୍ଚ୍ ପୂର୍ବରୁ ପନ୍ତ ରନ୍‌ଆଉଟ ହେବା ଫଳରେ ଇଂଲଣ୍ଡ ସାମାନ୍ୟ ପ୍ରଭାବୀ ହୋଇଥିଲା। ଚତୁର୍ଥ ୱିକେଟରେ ରାହୁଲ ଓ ପନ୍ତ ୧୯୮ ବଲ୍‌ରୁ ୧୪୧ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ରଖିଥିଲେ। ପନ୍ତ ୧୧୨ ବଲ୍‌ର ମୁକାବିଲା କରି ୮ ଚୌକା ଓ ୨ ଛକା ସହ ୭୪ ରନ୍‌ରେ ଆଉଟ ହୋଇଥିଲେ। ପନ୍ତଙ୍କର ଏହା ହେଉଛି ଟେଷ୍ଟ କ୍ୟାରିୟରରେ ୧୭ତମ ତଥା ଇଂଲଣ୍ଡରେ ୮ମ ଅର୍ଦ୍ଧଶତକ। ଏହି ସିରିଜ୍‌ରେ ସେ ୨ଟି ଶତକ ହାସଲ କରିଥିଲାବେଳେ ୨ଟି ଅର୍ଦ୍ଧଶତକ ପୂରଣ କରିସାରିଛନ୍ତି। ଏହି ଯୋଡି ଭାଙ୍ଗିବା ବେଳକୁ ୯୮ ରନ୍‌ରେ ଅପରାଜିତ ଥିବା ରାହୁଲ ଲଞ୍ଚ୍ ପରେ ଶତକ ପୂରଣ କରିଥିଲେ। କିନ୍ତୁ ଏହାର ପର ବଲ୍‌ରେ ବସିରଙ୍କ ବୋଲିଂରେ ଏକ ସହଜ କ୍ୟାଚ୍ ଦେଇ ଆଉଟ ହୋଇଯାଇଥିଲେ। ଏହି ଶତକ ଲାଗି ସେ ୧୭୭ ବଲ୍‌ର ସାମ୍ନା କରି ୧୩ଟି ଚୌକା ମାରିଥିଲେ। ଏହ ଶତକୀୟ ଯୋଡି ଭାଙ୍ଗିବା ପରେ ଜାଡେଜା ଓ ନୀତୀଶ କୁମାର ରେଡ୍ଡିଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗିଦାରୀ ହୋଇଥିଲା। ଏମାନେ ୬ଷ୍ଠ ୱିକେଟ ଯୋଡିରେ ୧୬୫ ବଲ୍‌ରୁ ୭୨ ରନ୍ ଉଠାଇଥିଲେ। ସେହିପରି ଜାଡେଜା ଓ ସୁନ୍ଦର ୭ମ ୱିକେଟରେ ୫୦ ରନ୍ ଉଠାଇଥିଲେ ମଧ୍ୟ ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇପାରି ନ ଥିଲେ। ଅସହଜ ଓ ମନ୍ଥର ଖେଳୁଥିବା ନୀତୀଶ ୩୦ ଓ ସୁନ୍ଦର ୨୩ ରନ୍ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

ଭାରତ ପ୍ରଥମ ଇନିଂସ: ୩୮୭/୧୦, ୧୧୯.୨ ଓଭର (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡୀ-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

## ଜାତୀୟ ସବ୍‌ଜୁନିଅର ବାଳିକା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ଦଳ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଡିଭିଜନ-ଏ' ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ଦଳ ୧-୦ ଗୋଲରେ ଶକ୍ତିଶାଳୀ ହରିଆଣାକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ବିଜୟୀ



ଦଳ ପକ୍ଷରୁ ସୁଦୀପା ବା' ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସେହିପରି ସୟ ମୁଣ୍ଡାଙ୍କ ଗୋଲ ବଳରେ ଝାଡଖଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଜୁଲାଇ ୧୪ ତାରିଖ ଦିନ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

■ ଜାତୀୟ ଜୁନିଅର ବାଳକ ରଗ୍‌ବୀ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିଅର ବାଳକ ରଗ୍‌ବୀ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ସମସ୍ତ ନକ୍‌ଆଉଟ ପ୍ରତିଯୋଗିତା ମଧ୍ୟରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ତେଲେଙ୍ଗାନାର ମୁକାବିଲା ହେବ। ପୂର୍ବରୁ ଆସାମ ଓ ତାମିଲନାଡୁକୁ ପରାସ୍ତ କରି ଓଡ଼ିଶା ପୁଲ-ଏ'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଏଠାରେ ଶେଷ ହୋଇଥିବା ବାଳିକା ବିଭାଗରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ

## ଓଡ଼ିଶା ଖେଳାଳିଙ୍କ ଦୟନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ଦୟନୀୟ ପ୍ରଦର୍ଶନ କରିଛନ୍ତି। ଏଥିରେ ଭାଗ ନେଇଥିବା ଖେଳାଳିମାନଙ୍କ ମଧ୍ୟରୁ କେବଳ ତନ୍ମୟ ସାହୁ ଓ ହର୍ଷିତ



ରାଉତଙ୍କ ଯୋଡି ମିଶ୍ରିତ ଯୁଗଳ ଏବଂ ପୁରୁଷ ଏକକରେ ଆର୍ଯ୍ୟ ମାଝୀ ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଥିଲେ। ଏମାନେ ହାରିଯିବା ପରେ ପ୍ରି-କ୍ୱାର୍ଟର ମୁକାବିଲା ପୂର୍ବରୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ ଶେଷ ହୋଇଯାଇଛି। ଭିନ୍ନ କାରଣରୁ ଓଡ଼ିଶାର ଶ୍ରେଷ୍ଠ ମହିଳା ଖେଳାଳି ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନାହାନ୍ତି।

ଅନ୍ୟପକ୍ଷରେ ବାଳିକା ଏକକ ରାଉଣ୍ଡ ଅଫ୍-୬୪ ମୁକାବିଲାରେ ବିଜୟୀ ହୋଇ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଶାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ବିଜୟୀ ହୋଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ଏକକରେ ଟପ୍ ସିଡ୍ କର୍ଣ୍ଣାଟକର ରଘୁନାଥ ଏମ୍, ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିଛନ୍ତି। କିନ୍ତୁ ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ହରାଇ କର୍ଣ୍ଣାଟକର ହେମନ୍ତ ଏମଜି ଏଯାଏ ଖେଳାଯାଇଥିବା ମ୍ୟାଚ୍‌ରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

### ଇଣ୍ଡିଆନ ଓପନ୍ ପାରା ଆଥଲେଟିକ୍ସ

## ଓଡ଼ିଶାକୁ ୧୧ ପଦକ

ଭୁବନେଶ୍ୱର, ୧୨।୭ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ୍ ଓପନ୍ ପାରା ଆଥଲେଟିକ୍ସରେ ଓଡ଼ିଶାକୁ ୧୧ଟି ପଦକ ମିଳିଛି। ସେଥିରେ ରହିଛି ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ କାଂସ୍ୟ ପଦକ। ତାହା ମଧ୍ୟରୁ ମହିଳା ଆଥଲେଟ ଜୟନ୍ତୀ ବେହେରା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିଛନ୍ତି। ସୁଚିତ୍ରା ପରିଡା ମହିଳା ଏଫ୍-୫୫ ଜାଭେଲିନ ଥ୍ରୋରେ ୧୭.୮୪ ମିଟର ଫିଙ୍ଗି ସ୍ୱର୍ଣ୍ଣ ଏବଂ ମହିଳା ଏଫ୍-୫୫ ଶଟପୁଟ୍‌ରେ ୫.୭୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଜାନକୀ ଓରାମ ଟି-୧୨ ୧୦୦ମିରେ ରୌପ୍ୟ, ୨୦୦ମିରେ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ସେ ଟି-୧୨ ଲଙ୍ଗ ଜମ୍ପରେ ଏକାମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଜିତିଥିଲେ। ଓଡ଼ିଶାର କମଳାକାନ୍ତ ନାୟକ ପୁରୁଷ ଏଫ୍-୫୩, ୫୪ ଜାଭେଲିନ ଥ୍ରୋ ରୌପ୍ୟ, ପୁରୁଷ ଏଫ-୫୩/୫୪ ୮୦୦ମି ରେସ୍‌ରେ ରୌପ୍ୟ, ୪୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି।

■ ନାଭାଲ ଟାଟା ହକି ଗ୍ରାସ୍‌ରୁଟ ଲିଗ୍

## ଲାଠିକଟା, କୁଆଁରମୁଣ୍ଡା ଚାମ୍ପିଅନ




ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ନାଭାଲ ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିଅନସିପ୍ ଆଜି ଶେଷ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଲାଠିକଟା ଓ ବାଳକ ବିଭାଗରେ କୁଆଁରମୁଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଖେଳାଯାଇଥିବା ବାଳିକା ବିଭାଗ ଫାଇନାଲରେ ଲାଠିକଟା ୨-୧ ପେନାଲ୍ଟି ସୁଟ୍‌ଆଉଟରେ ଗୁରୁଣ୍ଡିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ବାମ୍‌ରା ଏଚ୍‌ଟିସି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳକ ବିଭାଗରେ କୁଆଁରମୁଣ୍ଡା ଏଚ୍‌ଟିସି ୫-୩ ଗୋଲରେ ନୁଆଗାଁକୁ ପରାସ୍ତ କରିଥିଲା। ସଉନାମରା ଏଚ୍‌ଟିସି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

### ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ

## ଚେଲସୀ-ପିଏସ୍‌ଜି ଫାଇନାଲ

ନ୍ୟୁୟର୍କ, ୧୨।୭ (ଏଜେନ୍ସି): ୟୁରୋପର ଦୁଇ ଶକ୍ତିଶାଳୀ କ୍ଲବ୍ ଇଂଲଣ୍ଡର ଚେଲସୀ ଓ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ ସେଣ୍ଟ ଜର୍ମେନ) ମଧ୍ୟରେ ଚଳିତବର୍ଷର ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଫାଇନାଲ ମୁକାବିଲା ହେବ। ଏହି ଫାଇନାଲ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଜୁଲାଇ ୧୪ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଚେଲସୀ ୨-୦ ଗୋଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସକୁ ଓ ପିଏସ୍‌ଜି ୪-୦ ଗୋଲରେ ସ୍ପେନ୍‌ର ଚାମ୍ପିଅନ କ୍ଲବ୍ ରିଅଲ ମାଦ୍ରିଦ୍‌କୁ ପରାସ୍ତ କରିଥିଲା। ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

# ୱିମ୍ବଲଡନ୍: ଇଗା ସ୍ୱିଆଟେକ୍ ମହିଳା ଚାମ୍ପିଅନ

ଲଣ୍ଡନ,୧୨।୭ (ସମିସ):



୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୱିମ୍ବଲଡନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ। ଏହି ଫାଇନାଲରେ ଷ୍ଟେଫି ଗ୍ରାଫ୍ ୬-୦, ୬-୦ରେ ନତାଶା ଜେରେଭାଙ୍କୁ ପରାସ୍ତ କରିଥିଲେ। ଏଠାରେ ସ୍ୱିଆଟେକ୍ ମାତ୍ର ୫୭ ମିନିଟ୍‌ରେ ବିଜୟୀ ହୋଇଥିଲାବେଳେ କ୍ୟାରିୟରର ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ସେ ୪ଥର ଫ୍ରେଞ୍ଚ ଓପନ ଓ ଥରେ ୟୁଏସ୍ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ସେ ମଧ୍ୟ ଟେନିସ ଖେଳର ଓପନ ଏରାରେ ମାର୍ଗାରେଟ କୋର୍ଟ ଓ ମୋନିକା ସେଲେସ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ପ୍ରଥମ ୬ଟି ଫାଇନାଲରେ ବିଜୟୀ ହୋଇ ୬ଟି ଟାଇଟଲ ଜିତିଛନ୍ତି। ୱିମ୍ବଲଡନରେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ମହିଳା ଏକକରେ ଚାମ୍ପିଅନ ହୋଇଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱର ନମ୍ବର-୧ ଖେଳାଳି ଅରିନା ସାବାଲେଙ୍କାଙ୍କୁ ସେମିଫାଇନାଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜିତ ହୋଇଛନ୍ତି।

ଇଂଲଣ୍ଡର ଜୁଲିଆନ୍ କ୍ୟାସ୍ ଓ ଲୟଡ ଗ୍ଲାସ୍‌ପୁଲଙ୍କ ଯୋଡି ୱିମ୍ବଲଡନ ପୁରୁଷ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଏହି ବ୍ରିଟେନ ଯୋଡ଼ି ୬-୨, ୭-୬ ସିଧାସଳଖ ସେଟ୍‌ରେ ରିଙ୍କି ହିଜିକ୍ତା ଓ -- ଡେଭିଡ୍ ପେଲଙ୍କ ଯୋଡିକୁ ହରାଇ ଟାଇଟଲ କବ୍‌ଜା କରିଥିଲେ। ଏହା ସେମାନଙ୍କର ପ୍ରଥମ ଟାଇଟଲ। ଗତକାଲି ମିଶ୍ରିତ ଯୁଗଳରେ ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଆସନ୍ତାକାଲି ଖେଳା ଯିବାକୁ ଥିବା ପୁରୁଷ ଏକକ ଫାଇନାଲରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS